

ତୀରନ୍ଦାଜ ଜ୍ୟୋତିଙ୍କୁ ଡବଲ୍ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-138 ◆FRIDAY ◆14 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୮ ◆ଶୁକ୍ରବାର ◆୧୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଦିଲ୍ଲୀରେ ସିରିଜ୍ ବିସ୍ଫୋରଣ ପାଇଁ ଚାଲିଥିଲା ଷଡ଼ଯନ୍ତ୍ର

# ୪ ସ୍ଥାନ, ୩୨ ଗାଡ଼ି, ୮ ଆତଙ୍କୀ

**ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ଗତ ୧୦ ତାରିଖରେ ଦିଲ୍ଲୀ ଲାଲ୍‌କିଲ୍ଲା ହୋଇଥିବା କାର ବିସ୍ଫୋରଣର ତନାଘନା ଚଳାଇଛନ୍ତି ତଦନ୍ତକାରୀ ସଂସ୍ଥା। ଦିଲ୍ଲୀ, ହରିଆଣା ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଦିଲ୍ଲୀ ବିସ୍ଫୋରଣ ସହ ସଂପର୍କ ସନ୍ଦେହରେ ଗିରଫ ଓ ଅଟକ ଲୋକଙ୍କୁ ପଚରାଉଚରା କରାଯାଉଛି। ଜେରା ଓ ଯାଞ୍ଚ ବେଳେ ତଦନ୍ତକାରୀ ସଂସ୍ଥା ହାତରେ ଲାଗି ଭୟଙ୍କର ତଥ୍ୟ। ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ସେମାନେ ଦିଲ୍ଲୀ ଓ ଆଖାପାଖ ଅଞ୍ଚଳରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ତୁର୍କୀରେ ଥିବା ପାକିସ୍ତାନୀ ଆତଙ୍କବାଦୀ ସଂଗଠନ କର୍ମକର୍ତ୍ତାର ନିର୍ଦ୍ଦେଶ ଅନୁସାରେ ସେମାନେ କାମ କରୁଥିଲେ। ଏହି ଆତଙ୍କବାଦୀ ଆକ୍ରମଣ ଯୋଜନାରେ ସାମିଲ ଥିବା ୨୨ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି କରାଯାଇଛି। ସୀମା ଏବଂ ବିମାନବନ୍ଦରଗୁଡ଼ିକୁ ସତର୍କ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ, ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ଆତଙ୍କବାଦୀମାନେ ପ୍ରତିଶୋଧ ନେବାକୁ ଯୋଜନା ରଖିଥିଲେ। ଏହି ଅବସରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା ହୋଇଥିଲା। ଏଥିପାଇଁ ୪ଟି ସ୍ଥାନ ଚୟନ କରାଯାଇଥିଲା। ଏହି ୪ଟି ସ୍ଥାନରେ ୩୨ଟି କାର ବିସ୍ଫୋରଣ ହୋଇଥାଆନ୍ତା। ଏହିସବୁ ସ୍ଥାନର ଦାୟିତ୍ୱ ଆଠ ଜଣଙ୍କୁ ଦିଆଯାଇଥିଲା। ଷଡ଼ଯନ୍ତ୍ର କାର୍ଯ୍ୟକାରୀ କରିବା ଲାଗି ସେମାନେ ଜୋରସୋରରେ ପ୍ରସ୍ତୁତ ଚଳାଇଥିଲେ। ସେମାନେ ୩୨ଟି ଗାଡ଼ି ପ୍ରସ୍ତୁତ କରିଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି କାର୍‌ଗୁଡ଼ିକ ମଧ୍ୟରେ ବ୍ରେଜା, ସ୍ୱିଫ୍‌ଟ ଡିଜାୟାର, ଇକୋସ୍ପୋର୍ଟ୍ସ ଓ ଆଇ-୨୦ ଭଳି କାର ସାମିଲ ଥିଲା। ସେଥିମଧ୍ୟରୁ ଗୋଟିଏ ଆଇ୨୦ କାର ଲାଲକିଲ୍ଲାରେ ବିସ୍ଫୋରଣ ହୋଇଥିବା ବେଳେ ଆଉ ୪ଟି କାର୍‌କୁ ତଦନ୍ତକାରୀ ସଂସ୍ଥା ଜବତ କରିଛି। ତେବେ ଆଉ ୨୭ଟି କାର କେଉଁଠି ରହିଛି, ତାହାର ଖୋଜା ଚାଲିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଗାଡ଼ିଗୁଡିକରେ ବିସ୍ଫୋରକ ଲଗାଇ ବଡ଼ ଧରଣର ବିପର୍ଯ୍ୟୟ ଘଟାଇବାକୁ ଯୋଜନା କରାଯାଉଥିଲା। ଏଥିପାଇଁ ସେମାନେ ୩୨ଟି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ଯୋଜନା କରୁଥିଲେ। ପୁରୁଣା ଗାଡ଼ିଗୁଡ଼ିକ ଏକାଧିକ ବାର ବିକ୍ରି ହୋଇଥିବାରୁ ପ୍ରକୃତ ମାଲିକଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ସହଜ ହେବନାହିଁ ବୋଲି ସେମାନେ ଭାବିଥିଲେ। ପୁଣି ଏହି ପୁରୁଣା ଗାଡ଼ିର ରଙ୍ଗ ଓ ଚେହେରା ବଦଳାଇବାକୁ ମଧ୍ୟ ଉଦ୍ୟମ ଚାଲିଥିଲା। ଗୋଟିଏ ସମୟରେ ବିସ୍ଫୋରଣ ଘଟାଇବା ପାଇଁ ଅଭିଯୁକ୍ତମାନେ ବିସ୍ଫାରକ ନେଇ ଯିବାକୁ ଯୋଜନା କରିଥିଲେ । ଏହି ୮ ସନ୍ଦିଗ୍ଧଙ୍କ ମଧ୍ୟରେ ଅଛନ୍ତି ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଓ ଡା. ଶାହିନ।

ଦିଲ୍ଲୀ ବିସ୍ଫୋରଣର ଯୋଜନା ଗତ ଜାନୁଆରୀରୁ ହୋଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ରୁ ମିଳିଥିବା ବିଭିନ୍ନ ତଥ୍ୟ ଜଣାପଡ଼ିଛି। ଗତ ଜାନୁଆରୀରେ ଏମାନେ ଲାଲ୍‌କିଲ୍ଲାର ରେକି କରିଥିଲେ। ଡା. ମୁଜାମ୍ମିଲ ଗନି ▶ପୃଷ୍ଠା-୭





### ୨୨ ସନ୍ଦିଗ୍ଧ ଚିହ୍ନଟ, ଲୁକ୍ ଆଉଟ୍ ନୋଟିସ ଜାରି

### ବାବରୀ ମସ୍‌ଜିଦର ପ୍ରତିଶୋଧ ନେବାକୁ ଚାହୁଁଥିଲେ

### ତୁର୍କୀରୁ ପାକିସ୍ତାନୀ ଆତଙ୍କୀ ଦେଉଥିଲା ନିର୍ଦ୍ଦେଶ

## ପୁଣେରେ ଭୟଙ୍କର ଦୁର୍ଘଟଣା

# ଜିଅନ୍ତା ଜଳିଗଲେ ୯



**ପୁଣେ, ୧୩।୧୧ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ସହରର ଉପକଣ୍ଠରେ ଥିବା ନାଭେଲ ବ୍ରିଜ୍ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା କାରଣରୁ ୨୦ରୁ ୨୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଟ୍ରକ୍ ଓ ଏକ କଣ୍ଟେନର ମଧ୍ୟରେ ଫସିଯାଇଥିବା ଏକ କାର୍‌ରେ ନିଆଁ ଲାଗି ଯାଇଥିଲା। ଫଳରେ ୯ ଜଣ ଲୋକ ଜିଅନ୍ତା ଜଳିଯାଇଥିଲେ। କାର୍‌ରେ ବସିଥିବା ୫ ଜଣ ଲୋକ ଜଳିଯାଇଥିଲେ। ସେହିପରି ଟ୍ରକ୍ ଓ କାର୍‌ର ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ପୁଣେ ଓ ନାସିକ ହାଇୱେ ଉପରେ ଭୋରଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ଟ୍ରକ୍ ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର କଣ୍ଟେନର ତଳେ ପଶିଯାଇଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଥିଲା। କାର୍‌ରେ ଥିବା ଲୋକେ ବାହାରକୁ ବାହାରିବା ପାଇଁ ସୁଯୋଗ ପାଇ ନଥିଲେ। ଏଥିପାଇଁ ହାଇୱେ ଉପରେ ପାଖାପାଖି ଏକ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ମୃତକଙ୍କୁ ଚିହ୍ନଟ କରାଯାଉଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁ ଲିଭାଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

# ବାଲିଯାତ୍ରାରେ ଭିଡ଼ ଅଣାୟତ୍ତ

### ବ୍ୟାରିକେଡ୍‌ରେ ଚାପି ହୋଇ ୨ ଦର୍ଶକ ଅଚେତ





**କଟକ, ୧୩।୧୧ (ସମିସ):** ଐତିହାସିକ ବାଲିଯାତ୍ରାର ଉଦ୍‌ଯାପନୀ ତଥା ଶେଷ ସନ୍ଧ୍ୟାରେ ବୈଷ୍ଣବ ପାଣି ମଞ୍ଚ ସମ୍ମୁଖରେ ଅଘଟଣ ଘଟିଛି। ବଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବ୍ୟାପକ ଭିଡ଼ ଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦର୍ଶକଙ୍କ ମଧ୍ୟରେ ଠେଲାପେଲା ହେବା ଫଳରେ ୨ ଜଣ ବ୍ୟକ୍ତି ବ୍ୟାରିକେଡ୍ ଭିତରେ ଚାପି ହୋଇ ଅଚେତ ହୋଇପଡ଼ିଥିଲେ। ଖବର ପାଇ ପୁଲିସ ଫୋର୍ସ ତୁରନ୍ତ ଅଚେତ ହୋଇପଡ଼ିଥିବା ବ୍ୟକ୍ତଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ସହାୟତାରେ ନିଆଯାଇ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ପୁଲିସର ଲାଠିଚାର୍ଜ

ସୂଚନା ପାଇ ତୁରନ୍ତ କମିଶନରେଟ୍ ପୁଲିସର ଅତିରିକ୍ତ ସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ଭିଡ଼କୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ଲାଠିଚାର୍ଜ କରିଥିଲା। ଲାଠିଚାର୍ଜ ପରେ ଦର୍ଶକମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହଜାର ହଜାର ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ତଥାପି ଶେଷ ଦିନରେ ଲୋକପ୍ରିୟ ▶ପୃଷ୍ଠା-୭

## ଓଡ଼ିଶାରେ ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

### ତଦନ୍ତ ଭାର ସମ୍ଭାଳିଲେ ଅତିରିକ୍ତ ଏସ୍‌ପି ବି.ସାମଲ

### ମାନବ ସମ୍ବଳ ଯୋଗାଇ ଦେବାକୁ ମୁଖ୍ୟାଳୟକୁ ଚିଠି

### ବିଶ୍ୱରଞ୍ଜନ ଓ ତଫିମଙ୍କ ଜାମିନ ଖାରଜ, ୨ଜଣଙ୍କୁ ମିଳିଲା ଜାମିନ

### ୨୦ରେ ଶଙ୍କର, ଅରବିନ୍ଦ ଓ ସୁରେଶଙ୍କ ଜାମିନ ଆବେଦନର ଶୁଣାଣି

**ଭୁବନେଶ୍ୱର/ବ୍ରହ୍ମପୁର, ୧୩।୧୧ (ସମିସ):** ରାଜ୍ୟରେ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨) ଏବଂ ୩(୫) ଲଗାଯାଇଛି। ସିବିଆଇ ଅତିରିକ୍ତ ଏସ୍‌ପି ବି. ସାମଲଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି। ତଦନ୍ତ ପାଇଁ ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ସମେତ ଏକାଧିକ ଇନ୍‌ସ୍ପେକ୍ଟର ରହିଛନ୍ତି। ଏସ୍‌ଆଇ ସ୍କାମ୍‌ର ଚେର ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଏଣୁ ଏହି ରାଜ୍ୟଗୁଡ଼ିକରେ ମାମଲାର ଯାଞ୍ଚ ଏବଂ ଅଭିଯୁକ୍ତଙ୍କୁ ▶ପୃଷ୍ଠା-୭

# ଆଜି ବିହାର, ନୂଆପଡ଼ା ଫଳ

### ଶେଷ ପର୍ଯ୍ୟାୟରେ ଭୋଟ୍ ହାର ବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

**ପାଟନା, ୧୩।୧୧ (ଏଜେନ୍ସି):** ବିହାରରେ ସର୍ବାଧିକ ଦିନ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନୀତୀଶ କୁମାରଙ୍କୁ ପୁଣି ସୁଯୋଗ ମିଳିବ କି? ତାଙ୍କୁ ରାଜ୍ୟର ଭୋଟରମାନେ ଏହି ସୁଯୋଗ ଦେଇଛନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବାକୁ ଯାଉଛି। ରାଜ୍ୟ ବିଧାନସଭାର ୨୪୩ଟି ଆସନରେ ଆସନ୍ତାକାଲି ମତଗଣନା ହେବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ମତଦାନ ପରେ ବୁଥବାହୁଡ଼ା ମତ କରାଇଥିବା ପ୍ରାୟ ସମସ୍ତ ସଂସ୍ଥା ନୀତୀଶଙ୍କ ଏନ୍‌ଡିଏ ଜିତିବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ସଂସ୍ଥାଙ୍କ ଆକଳନ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ନୀତୀଶଙ୍କ ନେତୃତ୍ୱାଧୀନ ଏନ୍‌ଡିଏକୁ ୧୫୦ରୁ ୧୭୦ ପର୍ଯ୍ୟନ୍ତ ଆସନ ମିଳିପାରେ। ଏହାକୁ ନେଇ ଶାସକ ଦଳ ମଧ୍ୟରେ ଉତ୍ସାହ ରହିଛି। ତଥାପି ନେତାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ମୁଖ୍ୟ କାରଣ ▶ପୃଷ୍ଠା-୭



ଶମ ଥର ପାଇଁ ନୀତୀଶଙ୍କୁ ମିଳିବ କି ସୁଯୋଗ?

## ୨୬ ରାଉଣ୍ଡରେ ନୂଆପଡ଼ା ଗଣତି

**ନୂଆପଡ଼ା, ୧୩।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଭୋଟ ଗଣତି ନେଇ ଗୁରବାର ଗଣମାଧ୍ୟମକୁ ଜିଲ୍ଲାପାଳ ମଧୁସୂଦନ ଦାଶ ବିସ୍ତୃତ ସୂଚନା ଦେଇଛନ୍ତି। ମୋଟ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଭୋଟ ଗଣତି ହେବ। ପ୍ରତି ଟେବୁଲରେ ୩ ଜଣ କର୍ମଚାରୀ ରହିବେ। ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ହେବାକୁ ଥିବାବେଳେ ସକାଳ ୮ ସମୟରେ ଇଭିଏମ ଭୋଟ ଗଣତି ଆରମ୍ଭ ହେବ। ଗଣତି କେନ୍ଦ୍ରରେ କେବଳ ଅଧିକୃତ ଲୋକମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ୨୦ରୁ ଖରିଫ ଧାନକିଣା ଆରମ୍ଭ

### କଟ୍‌ନୀଛଟ୍‌ନୀକୁ ନେଇ ପୁଣି ଆଶଙ୍କାରେ ଚାଷୀ

### ଗତବର୍ଷ ପୂରଣ ହୋଇ ନ ଥିଲା ଧାନ କ୍ରୟ ଲକ୍ଷ୍ୟ

**ଭୁବନେଶ୍ୱର, ୧୩।୧୧ (ସମିସ):** ଆସନ୍ତା ୨୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନମଣ୍ଡି ଖୋଲିବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ସୂଚନା ଚାଷୀଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଅଧିକ ଆଶଙ୍କା ସୃଷ୍ଟି କରିଛି। ଗତବର୍ଷ ଖରିଫ ଧାନ କିଣା ବେଳେ ମିଲରଙ୍କ ମନମାନି, କଟନୀଛଟନୀ, ଧାନର ଏଫଏକ୍ୟୁ ମାନକୁ ନେଇ ଚାଷୀ ବେଶ ହନ୍ତସନ୍ତ ହୋଇଥିଲେ। ଅତ୍ୟଧିକ କଟନୀଛଟନୀ ସହ ଟୋକନ୍ ଅବ୍ୟବସ୍ଥା ଓ ମଣ୍ଡିରେ ଧାନ ନଉଠିବା କାରଣରୁ ଚାଷୀ ବାଧ୍ୟ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ▶ପୃଷ୍ଠା-୭

# ୭ ଡିଗ୍ରୀକୁ ଖସିଲା ପାରଦ

### ରାଜଧାନୀରେ ୧୪ଡିଗ୍ରୀ ପାରଦ

### ୧୦ ଡିଗ୍ରୀ ତଳେ ରାଜ୍ୟର ୪ ସହର

### ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ଶୀତ

**ଭୁବନେଶ୍ୱର, ୧୩।୧୧ (ସମିସ):** ସଞ୍ଜ ନଇଁଲେ ମାଡ଼ି ଆସୁଛି ଥଣ୍ଡା। ଦୁଇ ଦିନ ହେବ ରାତି ଭଳି ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟର ପୂର୍ବରୁ ପଶ୍ଚିମ-ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରଭାବ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ କ୍ରମାଗତ ଭାବେ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ସପ୍ତାହେ ମଧ୍ୟରେ ବିଶେଷ ପରିବର୍ତ୍ତନ ନଥିବାରୁ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ବହୁ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ▶ପୃଷ୍ଠା-୭




# ଆତଙ୍କବାଦୀଙ୍କ ଠିକଣା: କୋଠା ନଂ-୧୭, ରୁମ୍ ନଂ-୧୩

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ; ପଶିଲା ଇଡି




ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ ଫଲାହ ବିଶ୍ୱବିଦ୍ୟାଳୟ ସନ୍ଦେହ ପରିସରକୁ ଆସିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିଶ୍ୱବିଦ୍ୟାଳୟର କୋଠା ନମ୍ବର ୧୭ ଏବଂ ରୁମ୍ ନମ୍ବର ୩ରେ ଦିଲ୍ଲୀ ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଥିଲା। ଏହି ବିଲ୍ଡିଂ ଓ ରୁମରେ ଅଭିଯୁକ୍ତ ଡାକ୍ତର ମୁଜାମ୍ମିଲ, ଡ. ଉମର, ଡ. ଆଦିଲ ଓ ଡ. ସୟିଦ ରହୁଥିଲେ। ସେମାନେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ସହିତ ଯୋଗାଯୋଗ କରି ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ। ଏହି କାରଣରୁ ବର୍ତ୍ତମାନ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାରେ ରହିଛି। ତଦନ୍ତକାରୀ ସଂସ୍ଥା ଏବେ ଏହି ୪ ଡାକ୍ତରଙ୍କ ଉପରେ ଫୋକସ କରି ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣରେ ଉମରର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ପୁଲିସ ହାଜତରେ ଅଛନ୍ତି। ଏହି ଘଟଣାରେ ସେମାନଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଅନୁମାନ କରାଯାଉଛି।

ଇତିମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ଏନ୍‌ଏସି) ଏହି ପଦକ୍ଷେପ ଗ୍ରହଣ କରିଛି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଫରିଦାବାଦ ଟେରର ମଡ୍ୟୁଲ୍‌ରେ ଗିରଫ ହୋଇଥିବା ଡାକ୍ତରମାନେ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟ ସହ ଜଡିତ ଥିବାର ପ୍ରମାଣ ମଳିବା ପରେ ଏହି ନୋଟିସ ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଗୋଟିଏ ଦିନ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା। ଜାଲ୍ ସ୍ୱୀକୃତି ପାଇଥିବା ଅଭିଯୋଗରେ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ଏହି ବିଶ୍ୱବିଦ୍ୟାଳୟ ଏ ଆଣ୍ଡ ଏ ଓ ସାଇକଲ-୧ ପାଇଁ ମାନ୍ୟତା ହାସଲ କରିନାହିଁ। ନିଜ ୱେବସାଇଟ୍‌ରେ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଅଲ ଫଲାହ ଚାରିଟେବୁଲ ଟ୍ରଷ୍ଟ ଅଧୀନରେ ଥିବା ବୋଲି ଉଲ୍ଲେଖ କରାଯାଇଛି। ଏହାର ପରିସରରେ ୩ଟି କଲେଜ ରହିଛି। ଏହା ପୂରାପୂରି ଭୁଲ ଓ ଜନତାଙ୍କୁ ଭ୍ରମିତ କରାଯାଇଛି ବୋଲି ଏନ୍‌ଏସି ତରଫରୁ କୁହାଯାଇଛି। ନୋଟିସର ଜବାବ ଦେବାକୁ ୭ ଦିନ ସମୟ ଦିଆଯାଇଛି। ଏହି ଅନୁଷ୍ଠାନ କେଉଁଠୁ ପାଣ୍ଠି ସଂଗ୍ରହ କରୁଥିଲା, ତାହାର ଯାଞ୍ଚ କରାଯିବ। ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟରେ ଆଜି ଇଡି ଚଢ଼ାଉ କରିଛି। ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟର ସବୁ ରେକର୍ଡର ଫରେନସିକ୍ ଯାଞ୍ଚ୍ ପାଇଁ ଆଦେଶ ଦେଇଛି।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଆଜି ଆଉ ଜଣେ ଆହତ ବ୍ୟକ୍ତିଙ୍କର ମେଡିକାଲରେ ମୃତ୍ୟୁ ଘଟିଛି। ମେଡିକାଲରେ ଏବେ ବି ଆଉ ୨୦ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ୨୬ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସନ୍ଦିଗ୍ଧ ଡାକ୍ତରମାନେ ବିସ୍ଫୋରକ ଓ ଅନ୍ୟ ଜିନିଷ କିଣିବାକୁ ଟଙ୍କା ଯୋଗାଡ଼ କରୁଥିଲେ। ସେମାନେ ୨୬ ଲକ୍ଷ ଟଙ୍କା ସଂଗ୍ରହ କରିସାରିଥିଲେ। ଏହି ଅର୍ଥକୁ ଡା. ଉମରକୁ ଦିଆଯାଇଥିଲା। ଏହି ଅର୍ଥରେ ଗୁରୁଗ୍ରାମ, ନୁହ ଓ ଆଖପାଖ ଅଞ୍ଚଳରୁ ପାଖାପାଖି ୩ ଲକ୍ଷ ଟଙ୍କାରେ ୨୦ କ୍ୱିଣ୍ଟାଲ ଏନ୍‌ପିକେ ଫର୍ଟିଲାଇଜର କିଣିବା ପାଇଁ ଖର୍ଚ୍ଚ କରାଯାଇଥିଲା। ନାଇଟ୍ରୋଜେନ, ଫସ୍‌ଫରସ ଓ ପଟାସିଅମର ମିଶ୍ରଣ ହେଉଛି ଏନ୍‌ପିକେ ଫର୍ଟିଲାଇଜର। ଏହାକୁ ବ୍ୟବହାର କରି ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ।

ଯାଞ୍ଚ ଏଜେନ୍ସି ଅନୁସାରେ ଡା ମୁଜାମ୍ମିଲ ୨୦୨୧ ଓ ୨୦୨୨ରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ସହଯୋଗୀଙ୍କ ସମ୍ପର୍କ ସ୍ଥାପନ କରିବା ପରେ ଏହି ସଂଗଠନର ଏକ ଶାଖା ଅନସାର ଗଜବତ-ଉଲ-ହିନ୍ଦ୍ ଦ୍ୱାରା ପ୍ରଭାବିତ ହୋଇଥିଲା। ଇର୍ଫାନ ଉରଫ ମୌଲବୀ ନାମକ ଜଣେ ବ୍ୟକ୍ତି ହିଁ ମୁଜାମ୍ମିଲକୁ ଏହି ନେଟ୍‌ୱର୍କ ସହ ପରିଚିତ କରାଇଥିଲା ବୋଲି କୁହାଯାଉଛି। ୨୦୨୩ ଓ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆତଙ୍କବାଦୀ ସଂଗଠନ ସ୍ଥାପନ କରିବାକୁ ଯୋଜନା ଥିଲା। ଏହି ବ୍ୟାପକ ନେଟ୍‌ୱର୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯାଞ୍ଚ ଏଜେନ୍ସିଗୁଡିକ ପ୍ରୟାସ ଜାରି ରଖିଛନ୍ତି। କାରଣ ଅଭିଯୁକ୍ତମାନେ ଭବିଷ୍ୟତରେ ଆହୁରି ବଡ଼ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସିଗୁଡିକ ସନ୍ଦେହ କରୁଛନ୍ତି। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଆଇଏସଆଏସ୍ ସହିତ ସେମାନଙ୍କର ଥିବା ସନ୍ଦେହ କରାଯାଉଛି।

ଲାଲ୍‌କିଲ୍ଲା ବୋମା ବିସ୍ଫୋରଣ ସହିତ ଜଡିତ ନିଖୋଜ କାର ଓ ଏହାର ଡ୍ରାଇଭରକୁ ଖୋଜା ଚାଲିଛି।

**ଆଇଏସ୍‌ଆଇଏସ୍ ସହ ସନ୍ଦିଗ୍ଧ ସମ୍ପର୍କ**

**ଲାଲ୍ ଇକୋସ୍ପୋର୍ଟ୍ସ କାର୍ ପାର୍କ କରିଥିବା ସନ୍ଦିଗ୍ଧ ଗିରଫ**



ଗତ ସନ୍ଧ୍ୟାରେ ଗୋଟିଏ କାରକୁ ଜବତ କରିଛି ପୁଲସ। ଏହି ଗାଡ଼ିକୁ ପାର୍କ କରିଥିବା ସନ୍ଦିଗ୍ଧକୁ ମଧ୍ୟ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ଏ ନେଇ ଆଲର୍ଟ ଜାରି କରିଥିଲା। ଏକ ଲାଲ ରଙ୍ଗର ଫର୍ଡ ଇକୋସ୍ପୋର୍ଟ୍ସ କାର ଫରିଦାବାଦ୍‌ରୁ ଡା ଉମରର କାର ସହିତ ବାହରିଥିଲା। ମାତ୍ର କିଛି ଘଣ୍ଟା ମଧ୍ୟରେ ଫରିଦାବାଦ୍ ପୁଲିସ ଖଣ୍ଡାବଲି ଗାଁରୁ ଏହି କାର୍‌କୁ ଖୋଜି ପାଇବାରେ ସକ୍ଷମ ହୋଇଛି। ଏହି କାର୍‌କୁ ସେଠାରେ ପାର୍କ କରିଥିବା ବ୍ୟକ୍ତି ଫହିମକୁ ଗିରଫ କରାଯାଇଛି। ଫହିମ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମରର ସମ୍ପର୍କୀୟ ହୋଇପାରେ ବୋଲି ପୁଲିସ ଆଶଙ୍କା କରୁଛି। ଦୁଇଟି କାର ସାଥି ହୋଇ ବାହାରିଥିଲେ। ଉମର କାର୍‌ରେ ବିସ୍ଫୋରଣ ହୋଇଥିଲେ ମଧ୍ୟ ଏହି କାର୍‌ର ଖୋଜ ଖବର ନଥିଲା। ଏହି କାରଣରୁ ଦିଲ୍ଲୀ ପୁଲିସ ଆଲର୍ଟ ଜାରି କରିଥିଲା।

## ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ପୁଲିସ

ଶ୍ରୀନଗର, ୧୩।୧୧(ଏଜେନ୍ସି): ଲାଲକିଲ୍ଲା ବିସ୍ଫୋରଣର ସଂଦିଗ୍ଧ ଅଭିଯୁକ୍ତ ଜଣେ କାଶ୍ମୀର ଡାକ୍ତର ବିରୋଧରେ ରେଡ କର୍ଣ୍ଣର ନୋଟିସ ଜାରି କରିବାକୁ ଜମ୍ମୁ-କଶ୍ମୀର ପୁଲିସ ଇଣ୍ଟରପୋଲ ସହିତ ଯୋଗାଯୋଗ କରିଛି। ଏହି ଡାକ୍ତର ହେଉଛନ୍ତି ଡା ମୁଜାଫର। ମୁଜାଫର ଜୈଶ-ଇ-ମହମ୍ମଦ ସହିତ ଜଡିତ ଏକ ବଡ଼ ଆତଙ୍କବାଦୀ ନେଟ୍‌ୱର୍କର ଅଂଶ ବୋଲି ଜଣା ପଡ଼ିଛି। ସେ ଦେଶ ବାହାରେ ଥିବାରୁ ରେଡ କର୍ଣ୍ଣର ନୋଟିସ ଦ୍ୱାରା ତାକୁ ଟ୍ରାକ କରାଯିବ। ମୁଜାଫର ହେଉଛି ଡା ଆଦିଲର ଭାଇ। ଆଦିଲ ଅନନ୍ତନାଗ ମେଡିକାଲ କଲେଜରେ କାର୍ଯ୍ୟରତ। ତେବେ ତା'ର ଲକରରୁ ଏକ ଏକେ-୪୭ ରାଇଫଲ ଜବତ ହେବା ପରେ ତାକୁ ଗିରଫ କରାଯାଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ପରେ ମୁଜାଫରର ନାମ ସାମ୍ନାକୁ ଆସିଥିଲା। ମୁଜାଫର ୨୦୨୧ରେ ଅଭିଯୁକ୍ତ ମୁଜାମିଲ ଗନାଇ ଓ ଉମର ନବୀ ସହ ତୁର୍କୀ ଯାଇଥିଲା। ଗତ ଅଗଷ୍ଟରେ ସେ ଦୁବାଇରୁ ଭାରତ ଆସିଥିଲା ଓ ଏବେ ସେ ଆଫଗାନିସ୍ତାନରେ ଅଛି ବୋଲି କୁହାଯାଉଛି। ଏହି ୩ ଜଣ ୨୧ ଦିନ ତୁର୍କୀରେ ଥିଲେ ବୋଲି ପୁଲିସ କହିଛି। କିନ୍ତୁ ତୁର୍କୀ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି।

**କାଶ୍ମୀର ଡାକ୍ତରଙ୍କ ବିରୋଧରେ ଜାରି ହେବ ରେଡ୍ କର୍ଣ୍ଣର ନୋଟିସ୍**

**କାନପୁର ମେଡିକାଲ ଛାତ୍ରଙ୍କୁ ଗିରଫ କଲା ୟୁପି ଏଟିଏସ୍**

ଉତ୍ତର ପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କାଡ୍ (ଏଟିଏସ୍) ଲାଲ୍‌କିଲ୍ଲା ବିସ୍ଫୋରଣ ମାମାଲାରେ କାନପୁରର ମେଡିକାଲ କଲେଜର କାର୍ଡିଲୋଜିଷ୍ଟ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟୟନରତ ଜମ୍ମୁ-କଶ୍ମୀରର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଏହି ଛାତ୍ର ହେଉଛନ୍ତି ଡା ମହମ୍ମଦ ଆରିଫ। ଗିରଫ ହୋଇଥିବା ମହିଳା ଡାକ୍ତର ଶାହିନ ସଇଦ୍‌ଙ୍କ ଫୋନ୍ ରେକର୍ଡ ଯାଞ୍ଚ୍ କରାଯିବା ବେଳେ ଆରିଫ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ଦୀର୍ଘଦିନ ଧରି ଦୁଇଜଣଙ୍କ ମଧ୍ୟ ସମ୍ପର୍କ ଥିଲା ବୋଲି ଏଟିଏସ୍ କହିଛି। ଆରିଫ୍ କାଶ୍ମୀରର ବାସିନ୍ଦା ଓ ସେ କାନପୁରର ଆଶୋକ ନଗର ଅଞ୍ଚଳ ଭଡ଼ାରେ ଏକ ଫ୍ଲାଟ୍‌ରେ ରହୁଥିଲା। ବୁଧବାର ରାତିରେ ଏଟିଏସ୍ ତା ଘରେ ଚଢ଼ାଉ କରି ଗିରଫ୍ କରିଥିଲା। ଜଣେ ପ୍ରତିଭାଶାଳୀ ଡାକ୍ତରରୁ ସେ ଏବେ ଆତଙ୍କବାଦୀରେ ପରିଣତ ହୋଇଛି। ପିଲାଟି ବେଳୁ ସେ ଡାକ୍ତର ହେବାକୁ ଚାହୁଁଥିଲା ବୋଲି ତାର ପରିବାର ଲୋକେ କହିଛନ୍ତି। ତେବେ ତାକୁ ପଚରାଉଚରା ପରେ ଏହି ଆତଙ୍କବାଦୀ ନେଟ୍‌ୱର୍କ ସଂପର୍କରେ ଅନେକ ତଥ୍ୟ ମିଳିବ ବୋଲି କୁହାଯାଉଛି।

## ମେଳ ଖାଇଲା ଡା ଉମର ମା'ଙ୍କ ଡିଏନ୍‌ଏ ରିପୋର୍ଟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ଥିଲା ଡା ମହମ୍ମଦ ଉମର ନବୀ। ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା। କାର୍‌ରୁ ଉମର ଦାନ୍ତ, ହାଡ଼, ରକ୍ତଲଗା ପୋଷାକ ଓ ପାଦର ଅଂଶ ଷ୍ଟିଅରିଂ ହ୍ୱିଲ୍ ଓ ଆକ୍ସିଲରେଟର ମଧ୍ୟରେ ଫସି ରହିଥିଲା। ଏହାକୁ ନେଇ ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ଉମରର ଡିଏନ୍‌ଏ ତା'ର ମାଙ୍କ ସହ ମେଳ ଖାଇଥିବା ଯାଞ୍ଚ୍‌ରୁ ଜଣାପଡ଼ିଛି। କାର୍‌ରେ ବିସ୍ଫୋରଣ ଘଟାଇବା ପୂର୍ବରୁ ଉମର ୫ଥର କାର୍ ସହିତ ଦେଖାଦେଇଛି। କିନ୍ତୁ ସେତେବେବେଳେ ତା ଉପରେ କୌଣସି ଯାଞ୍ଚ୍ ଏଜେନ୍ସିର ସନ୍ଦେହ ହୋଇ ନଥିଲା। ସେ ବିନାଭୟରେ ଦିଲ୍ଲୀର ସଡ଼କରେ ବୁଲୁଥିବାର ବିଭିନ୍ନ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ସେ କେତେବେଳେ ମସଜିଦ ଯାଉଥିଲା ତ କେତେବେଳେ କନ୍ନଟ ପ୍ଲେସ ବୁଲୁଥିଲା। ବିସ୍ଫୋରଣ ପୂର୍ବରୁ ସେ ଲାଲ୍‌କିଲ୍ଲା ପାଖରେ ୩ ଘଣ୍ଟା ବସିଥିବାର ଦେଖାଯାଇଛି।

## ପାକ୍ ରାଷ୍ଟ୍ରପତି, ସେନାଧ୍ୟକ୍ଷଙ୍କୁ ମିଳିଲା ଆଜୀବନ ସୁରକ୍ଷା

ଇସ୍‌ଲାବାମାଦ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ସଂସଦ ସେନାମୁଖ୍ୟ ଆସିମ ମୁନୀରଙ୍କ ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟଙ୍କ କ୍ଷମତା କମାଇବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ସଂଶୋଧନ ସହିତ ସମ୍ବିଧାନର ୪୮ଟି ଧାରାରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି। ନ୍ୟାସନାଲ ଆସେମ୍ବ୍ଲି ଏହି ବିଲ୍‌କୁ ୨୩୪ ଭୋଟରେ ପାରିତ କରିଛି। ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ସ୍ୱାକ୍ଷର କରିବା ପରେ ଏହା ଆଇନ୍‌ରେ ପରିଣତ ହେବ। ସେନାମୁଖ୍ୟ ମୁନୀର ଏଥିସହ ଜଳ, ସ୍ଥଳ ଓ ବାୟୁ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏଫ୍) ହେବାର ସୁଯୋଗ ପାଇବେ। ନଭେମ୍ବର ୨୭ରେ ଏହା ଲାଗୁ ହେବ। ପଦ ମିଳିବା ମାତ୍ରେ ହିଁ ମୁନୀରଙ୍କୁ ପରମାଣୁ ଅସ୍ତ୍ରର କମାଣ୍ଡ ମିଳିଯିବ। ନିଜ ପଦର କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ନିଜ ପଦରେ ରହିବା ଏଥିସହ ସଂଶୋଧନ ଅନୁଯାୟୀ ରାଷ୍ଟ୍ରପତିଙ୍କ ସହ ସେନାଧ୍ୟକ୍ଷଙ୍କୁ ଆଜୀବନ ଆପରାଧୀ ମକଦ୍ଦମାରୁ ସୁରକ୍ଷା ମିଳିବ। ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କୌଣସି ଫୌଜଦାରୀ ମକଦ୍ଦମା କରାଯାଇପାରିବ ନାହିଁ।

## ଭାରତ, ଆଫଗାନିସ୍ତାନ ସହ ଯୁଦ୍ଧ ଧମକ

କାବୁଲ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ପୁଣି ଥରେ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ପାକିସ୍ତାନ ଏକାସଙ୍ଗେ ଭାରତ ଓ ଆଫଗାନିସ୍ତାନ ସହିତ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। କୌଣସି ବିକଳ୍ପ ନଥିଲେ 'ଟୁ ଫ୍ରଣ୍ଟ ୱାର' ଅର୍ଥାତ ଏହି ଦୁଇ ଦେଶ ସହ ଗୋଟଏ ସମୟରେ ଯୁଦ୍ଧ କରିବାକୁ ପଛାଇବୁ ନାହୁଁ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ସହ ଚାଲିଥିବା ରାଜନୈତିକ ଓ କୂଟନୈତିକ ସଂଘର୍ଷ ପାଇଁ ଆଫଗାନିସ୍ତାନ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଆଗାମୀ ୩ ମାସ ମଧ୍ୟରେ ପାକିସ୍ତାନ ସହ ଆଫଗାନିସ୍ତାନ ସବୁ ବ୍ୟବସାୟ ବନ୍ଦ କରିବ ବୋଲି କହିଛି। ପାକିସ୍ତାନ ସହ ସୀମା ବନ୍ଦ ହେବା ମାତ୍ରେ ହିଁ ବ୍ୟବସାୟ ଠପ୍ ହେବ ବୋଲି ଆଫଗାନିସ୍ତାନ ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଗନି ବରାଦର କହିଛନ୍ତି। ଏଥିପାଇଁ ତାଲିବାନ ବ୍ୟବସାୟୀ ଓ ଶିଳ୍ପପତିଙ୍କୁ ବିକଳ୍ପ ରାସ୍ତା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ପ୍ରତିମାସ ପାଖାପାଖି ୨୦୦ ମିଲିଅନ ଆମେରିକା ଡଲାର ଅର୍ଥାତ ୧, ୭୦୦ କୋଟି ଟଙ୍କର କ୍ଷତି ହେବ ବୋଲି ସେ କହିଛନ୍ତି। ସୀମା ବନ୍ଦ କରିବା ପ୍ରକ୍ରିୟାକୁ ସେ ଆର୍ଥିକ ଯୁଦ୍ଧ ବୋଲି କହିଛନ୍ତି।

## ୬ କୋଟି 'ମୃତକ'ଙ୍କ ଆଧାର କାର୍ଡ ନିଷ୍କ୍ରିୟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଦେଶରେ ୨୦୦୯ ଜାନୁଆରୀ ଆଧାରକାର୍ଡ ଲାଗୁ ହୋଇଥିଲା। ଇତିମଧ୍ୟରେ ପ୍ରତ୍ୟେକ ନାଗରିକଙ୍କର ଆଧାର ନଂ ଜାରି କରିବାର ପ୍ରକ୍ରିୟାକୁ ୧୫ ବର୍ଷ ପୂରଣ ହୋଇଛି। ମୋଟ ଉପରେ ୧୪୨ କୋଟିରୁ ଅଧିକ ଆଧାର କାର୍ଡ ଜାରି କରାଯାଇଛି। କିନ୍ତୁ ୮ କୋଟିରୁ ଅଧିକ ଆଧାର କାର୍ଡ ଧାରକଙ୍କ ମୃତ୍ୟୁ ହୋଇଥିବା ବେଳେ ମାତ୍ର ୧. ୮୩ କୋଟି ମୃତକଙ୍କ କାର୍ଡ ନିଷ୍କ୍ରିୟ ହୋଇଛି। ପାଖାପାଖି ୬ କୋଟି ମୃତକଙ୍କ ଆଧାର କାର୍ଡ ଏବେବି ସକ୍ରିୟ ରହିଛି। ଏଗୁଡ଼ିକ ନିଷ୍କ୍ରିୟ କରିବା ଲାଗି ଆଧାର ପ୍ରାଧିକରଣ ଅଭିଯାନ ଆରମ୍ଭକରିଛି। ଏଥିରେ ।।ପେଶ୍ଚିମବଙ୍ଗରେ ପାଖାପାଖି ୩୪ ଲକ୍ଷ ଆଧାର କାର୍ଡ ରହିଛି। ଏମାନଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ଅନ୍ୟମାନେ ଏହି କାର୍ଡ ଜରିଆରେ ବିଭିନ୍ନ ସରକାରୀ




ଯୋଜନାର ଫାଇଦା ନେଉଛନ୍ତି। ତେଣୁ ଏଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୁବନେଶ କୁମାର କହିଛନ୍ତି ଯେ ଏହାଦ୍ୱାରା ବ୍ୟାଙ୍କ ଠକାମୀ, ନକଲି ଖାତା, ସରକାରଙ୍କ ବିଭିନ୍ନ ଯୋଜନାର ଲାଭକୁ ନେଇ ହେରଫେର ହେବାର ଆଶଙ୍କା ରହିଛି। ଅଧାର କାର୍ଡର ଆରମ୍ଭ ୨୦୧୦ରେ ହୋଇଥିଲା ଓ ୨୦୧୬ ପରେ ୮ କୋଟି ଆଧାର ଧାରକଙ୍କ ମୃତ୍ୟୁ ହୋଇଛି। ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମରୁ କେବଳ ୨୫ଟି ରାଜ୍ୟର ପରିସଂଖ୍ୟାନ ମିଳିଛି। ବାକି ରାଜ୍ୟଗୁଡିକରୁ ତଥ୍ୟ ହାସଲ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି। ୧୦୦ ବର୍ଷ ପାର କରିଥିବା ୮.୩ ଲକ୍ଷ ବିରଷ୍ଠ ନାଗରିକଙ୍କ ଆଧାର ଯାଞ୍ଚ ହୋଇଛି ବୋଲି କୁହାଯାଇଛି।

ତେବେ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ଏବେ ରାଜ୍ୟରେ ଏସଆଇଆର ଚାଲିଥିବା ବେଳେ ଭୋଟର ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଆଧାର ନାମରେ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି।

## ଲଦାଖରେ ଭାରତର ନ୍ୟୋମା ଏୟାରବେସ୍ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଚୀନ ସୀମା ନିକଟରେ ଓ ଲଦାଖସ୍ଥିତ ମୁଧ- ନ୍ୟୋମା ଏୟାରବେସ୍ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଏହି ଏୟାର ବେସ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ ନିଜେ ଗାଜିଆବାଦ୍‌ର ହିଣ୍ଡନ ଏୟାର ବେସ୍‌ରୁ ସି-୧୩୦ଜେ ସୁପର ହରକ୍ୟୁଲେସ୍ (ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ)ରେ ଉଡାଣ ଭରିବା ସହ ମୁଧ- ନ୍ୟୋମା ଏୟାରବେସ୍‌ରେ ଅବତରଣ କରିଥିଲେ। ତାଙ୍କ ସହ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ମୁଖ୍ୟ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା ମଧ୍ୟ ଥିଲେ। ଏହି ଏୟାରବେସ୍ ଚୀନ ସହିତ ଥିବା ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି) ଠାରୁ ମାତ୍ର ୨୫ କିମି ଦୂରରେ ଅବସ୍ଥିତ। ଏହି ଏୟାରବେସ ସମୁଦ୍ରପତ୍ତନଠାରୁ ୧୩, ୭୧୦ ଫୁଟ ଉଚ୍ଚରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ଉଚ୍ଚ ଏୟାରବେସ୍‌ଗୁଡିକ ମଧ୍ୟରୁ ଅନ୍ୟତମ। ଏହି ଅତ୍ୟାଧୁନିକ ଏୟାର ବେସ୍‌ରେ ୨.୭ କିମି ଦୈର୍ଘ୍ୟର ରନୱେ ରହିଛି। ଏଠାରୁ ଲଢ଼ୁଆ ବିମାନ, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଓ ହେଲିକପ୍ଟର ଉଡାଣ ଭରିପାରିବ। ପାଖାପାଖି ୨୧୮ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି। ଏଠାରୁ ସୈନିକ ଓ ଅସ୍ତ୍ରଶସ୍ତ୍ର ନେଇ ଅତିଶୀଘ୍ର ଗୋଟିଏରୁ ଅନ୍ୟ ସ୍ଥାନକୁ ନିଆଯାଇପାରିବ। ନିକଟରେ ମୁଧା ଗାଁ ଥିବାରୁ ଏହି ଏୟାରବେସ୍‌ର ନାମ ମୁଧା- ନ୍ୟୋମା ରଖାଯାଇଛି। ୨୦୨୩ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଏୟାରବେସ୍‌ର ଶିଳାନ୍ୟାସ କରିଥିଲେ। ଲଦାଖରେ ଏହା ହେଉଛି ଭରାତୀୟ ବାୟୁସେନାର ଚତୁର୍ଥ ଏୟାରବେସ୍। ଅନ୍ୟ ୩ଟି ଏୟାରବେସ୍ ଲେହ, କାରଗିଲ ଓ ଥୋଇସ୍‌ରେ ଅବସ୍ଥିତ। ୧୯୬୨ରେ ଚୀନ ବିପକ୍ଷ ଯୁଦ୍ଧ ପରେ ନ୍ୟୋମା ଏୟାରବେସ୍ ବନ୍ଦ କରିଦିଆଯାଇଥିଲା। ସେତେବେଳେ ଏଥିରେ ମାଟିର ରନୱେ ଥିଲା। ବର୍ଷା ହେଲେ ରନୱେରେ କାଦୁଅ ଭରିଯାଉଥିଲା। ଏବେ କିନ୍ତୁ ଏହା ଅତ୍ୟାଧୁନିକ ଶୈଳୀରେ ସବୁ ଋତୁ ପାଇଁ ନିର୍ମାଣ କରାଯାଇଛି।

## ମୁକୁଲ ରଏଙ୍କ ବିଧାୟକ ପଦ ରଦ୍ଦ କଲେ କୋଲକାତା ହାଇକୋର୍ଟ



କୋଲକାତା, ୧୩।୧୧ (ଏଜେନ୍ସି): କୋଲକାତା ହାଇକୋର୍ଟ ଗୁରୁବାର ଦଳବଦଳ ବିରୋଧୀ ଆଇନ୍ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ମୁକୁଲ ରଏଙ୍କ ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟତାକୁ ରଦ୍ଦ କରିଛନ୍ତି। ଜଷ୍ଟିସ ଦେବାଙ୍ଗସୁ ବସାକଙ୍କ ଖଣ୍ଡପୀଠ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ବିଜେପି ବିଧାୟକ ଅମ୍ବିକା ରଏଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଦଳବଦଳ ବିରୋଧୀ ଆଇନ୍ ନେଇ ଶୁଭେନ୍ଦୁ ମୁକୁଲଙ୍କ ସଦସ୍ୟତା ରଦ୍ଦ କରିବାକୁ ଆବେଦନ କରିଥିଲେ। ତେବେ ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏହାକୁ ଖାରଜ କରିଥିଲେ। ଫଳରେ ଶୁଭେନ୍ଦୁ ହାଇକୋର୍ଟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ମୁକୁଲ ବିଜେପି ଟିକଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଟିଏମ୍‌ସିରେ ଯୋଗ ଦେଇଥିଲେ। ମୁକୁଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ପାଖାପାଖି ୪ ବର୍ଷ ପରେ ଟିଏମ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପୂର୍ବରୁ ସେ ୨୦୧୭ରେ ଟିଏମ୍‌ସି ଛାଡି ବିଜେପିରେ ଯୋଗ ଦେଇଥିଲେ। ଶୁଭେନ୍ଦୁ ୨୦୨୧ ଜୁନ୍ ୧୮ରେ ମୁକୁଲଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତି ବିମାନଙ୍କୁ ଆବେଦନ କରିଥିଲେ।

## ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ

ୱାସିଂଟନ, ୧୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସରକାରୀ ଫଣ୍ଡିଂ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଏଥିସହ ୪୩ ଦିନ ଜାରି ରହିଥିବା ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ ହୋଇଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ (ନିମ୍ନ ସଦନ)ରେ ଏହି ବିଲ୍ ୨୨୨-୨୦୯ ଅନ୍ତରରେ ପାସ୍ ହୋଇଛି। ତେବେ ଏଥିରେ ହେଲଥ କେୟାର ପ୍ରୋଗ୍ରାମ୍ ଏସିଏ ସବସିଡ (ଓବାମା କେୟାର ସବସିଡ୍)ର ପ୍ରିମିୟର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରାଯିବା ନେଇ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଏହି ଓବାମା କେୟାର ସବସିଡ୍ସ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି। ଏହି ବିଧେୟକ ପୂର୍ବରୁ ସିନେଟ୍ ଅର୍ଥାତ ଉପର ଗୃହରେ ଗୃହିତ ହୋଇସାରିଛି। ଉଲ୍ଲେଖଥାଉ କି, ଏହାପୂର୍ବରୁ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ଦ୍ୱିତୀୟ ସର୍ବବୃହତ୍ ୩୫ ଦିନର ସଟ୍‌ଡାଉନ୍ ଲାଗୁ କରାଯାଇଥିଲା।

ବିଲ୍‌ରେ ସ୍ୱାକ୍ଷର କରିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ, ଦେଶ ଏହାପୂର୍ବରୁ କେବେ ଏତେ ଭଲ ସ୍ଥିତିରେ ନଥିଲା। ଆମେରିକା ଏକ ମହାନ ଦେଶ। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ସୁଦ୍ଧା ଫଣ୍ଡିଂ ଅର୍ଥାତ ପାଣ୍ଠି ଉପଲବ୍ଧ କରାଇବ। ଏହି ବିଧେୟକ ଅନୁସାରେ ବିଭିନ୍ନ ଏଜେନ୍ସିଗୁଡିକ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକିବ। ଅନ୍ୟପଟେ ଡେମୋକ୍ରାଟ ପାର୍ଟିର କିଛି ନେତା ଏସିଏ ସବସିଡ୍‌ର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରିବା ନେଇ ଲଢ଼େଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଏହି ଲଢ଼େଇ ଏବେ ଶେଷ ହୋଇନାହିଁ ଓ ଏହାକୁ ଆମେ ଜାରି ରଖିବୁ ବୋଲି ସେମାନେ କହିଛନ୍ତି। ଏହି ଭୋଟିଂ ନ୍ୟୁଜର୍ସି ଓ ଆରିଜୋନାରେ ହାଇପ୍ରୋଫାଇଲ ନିର୍ବାଚନରେ ବିଜୟ ହାସଲ କରିବାର ୮ ଦିନପରେ ଅନୁଷ୍ଠିତ ହୋଇଛି। ଏହା ଦ୍ୱାରା ସ୍ୱାସ୍ଥ୍ୟବିମା ସବ୍‌ସିଡ୍‌ର ବିସ୍ତାର ନେଇ ସମ୍ଭାବନା ଦୃଢ଼ ହୋଇଛି। ତେବେ ଏହି ବୁଝାମଣା ଅନୁସାରେ ଡିସେମ୍ବରରେ ଏହି ସବ୍‌ସିଡ୍ ନେଇ ସିନେଟ୍‌ରେ ମତଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଗୃହରେ ଏପରି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। କିନ୍ତୁ ଗୃହ ଟ୍ରମ୍ପଙ୍କ ରବର ଷ୍ଟାମ୍ପ ନ ହେଉ ଓ ଟ୍ରମ୍ପଙ୍କ ଜିଦ୍ କାରଣରୁ ଛୋଟ ପିଲା ଖାଦ୍ୟ ଓ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଡେମୋକ୍ରାଟ ସାଂସଦ ମିକି ସେରିଲ କହିଛନ୍ତି। ଏହି ତଥାକଥିତ ସ୍ୱାସ୍ଥ୍ୟାବିମା କମ୍ପାନୀଗୁଡିକୁ ଲାଭ ପହଞ୍ଚାଉଛି ଓ ଆମେରିକା ଲୋକଙ୍କ ପାଇଁ କ୍ଷତିକାରକ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥରେ ପୋଷ୍ଟ କରି କହିଥିଲେ। ସବ୍‌ସିଡ୍ ବଦଳରେ ଲୋକଙ୍କୁ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ବୀମା କ୍ରୟ କରିବାକୁ ସୁବିଧା ଦିଆଯିବା ଉଚିତ ବୋଲି ଟ୍ରମ୍ପ କହିଥିଲେ। ଦୁଇଟି ପାର୍ଟିର ନେତାଙ୍କ ସହ ସାକ୍ଷାତ କରି ଏହାର ସମାଧାନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ।

**■ ହେଲ୍‌ଥ କେୟାର ପ୍ରୋଗାମ ନେଇ ସହମତି ହୋଇନି**

**■ ଲଢ଼େଇ ଏବେବି ଜାରି ରହିଛି: ବିପକ୍ଷ**

## ଦେବୀ ନଦୀରେ ଜଣେ ମୃତ, ୨ ନିଖୋଜ



ଷଣ୍ଢକୁ ନଦୀ ପାରି କରାଇବା ହେଲା କାଳ

କଣ୍ଟାପଡ଼ା,୧୩।୧୧(ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଷଣ୍ଢ ପ୍ରତ୍ୟହ ଫସଲ ନଷ୍ଟ କରୁଥିବାରୁ ବ୍ୟଥିତ ହୋଇ ତାକୁ ନଦୀ ପାରି କରାଇବାକୁ ଚେଷ୍ଟା କରିଥିବା ତିନି ଜଣ ବ୍ୟକ୍ତି ପାଣିରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ପାଇକପଡ଼ା ଗାଁ'ର ଶଶି ଭୋଇ (୫୦)ଙ୍କ ଶବକୁ ଘଟଣାସ୍ଥଳରୁ କିଛି ମିଟର ଦୂରରେ ଉଦ୍ଧାର କରାଯାଇଛି।

ଗୁରୁବାର ଅପରାହ୍ନ ପ୍ରାୟ ୪ଟା ବେଳେ ସିମଳଦା ନିକଟରେ ପ୍ରବାହିତ ହେଉଥିବା ଦେବୀ ନଦୀରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଇକପଡ଼ା ଗ୍ରାମର ଶଶି ଭୋଇ (୫୦), ବିଶିପଦା ଗ୍ରାମର ରତ୍ନାକର ଭୋଇ (୬୦) ଓ ନାହାଳପୁରର ଭରତ ପ୍ରଧାନ (୫୦) ଷଣ୍ଢ ପାରି କରାଉଥିଲେ। କିଛି ସମୟ ପରେ ଉପରୋକ୍ତ ତିନି ଜଣଙ୍କ ପ୍ୟାଣ୍ଟ, ସାର୍ଟ ଓ ଚପଲ କେବଳ ନଦୀକୂଳରେ ପଡ଼ିଥିଲା। ଖବର ପାଇବା ପରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ ଏବଂ ଜନସାଧାରଣ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖୋଜାଖୋଜି ପରେ ଶଶି ଭୋଇଙ୍କ ଶବ ମିଳିଥିବା ବେଳେ ଅନ୍ୟ ଦୁଇଜଣଙ୍କର ସନ୍ଧାନ ମିଳିନାହିଁ।

**ନୀଳଗିରିରେ ଏକତା ପଦଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

## ସମୃଦ୍ଧ ଓଡ଼ିଶା ନିର୍ମାଣର ନେତୃତ୍ୱ ନେବେ ଯୁବଗୋଷ୍ଠୀ

ନୀଳଗିରି, ୧୩।୧୧ (ସମିସ): ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ଏକ ବିକଶିତ ଭାରତ ଗଠନ କରିବାର ମୁଖ୍ୟବିଦ୍ଧାଣୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ରାସ୍ତାରେ ଆୟୋଜିତ ପଦଯାତ୍ରା(ରନ୍ ଫର୍ ୟୁନିଟ୍)ରେ ସହସ୍ରାଧିକ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାଧାରଣଜନତା, ସରକାରୀ ଅଧିକାରୀ ସାମିଲ ହୋଇଥିଲେ।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରି ଆଶିଷ ଭିକ୍ଷା କରିଥିଲେ। ପରେ ନୀଳଗିରି ପୁଲିସ ପଡିଆ ଯାଇ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ସ୍ୱାଧୀନତା




ସଂଗ୍ରାମରେ ବାଲେଶ୍ୱର ମାଟିର ସୁପୁତ୍ରମାନଙ୍କର ଫଟୋଚିତ୍ର ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି କହିଥିଲେ ଯେ ବିଭାଜିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟଗୁଡ଼ିକୁ ମିଶ୍ରଣକରି ଏକତାର ସୂତ୍ରରେ ବାନ୍ଧିବା ପାଇଁ ସର୍ଦ୍ଦାର ପଟେଲଙ୍କ ଉଦ୍ୟମରେ ୫୬୪ଟି ଦେଶୀୟ ରାଜ୍ୟ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇପାରିଥିଲା। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେପରେ ଅନ୍ୟ ଦେଶୀୟ ରାଜ୍ୟ ଗୁଡିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆହ୍ୱାନ ଦେଇଥିଲେ। ପଦଯାତ୍ରା ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇ ଯୁବସମାଜ ଦେଶ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ମହିଳାକମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ରନ୍ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର, ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

**ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଇବାକୁ ପ୍ରୟାସ**

## ୧୬ରୁ ଶୂନ ମୃତାହତ ପକ୍ଷ ପାଳନ




- ରାଜ୍ୟବ୍ୟାପି ହେବ କଡ଼ାକଡ଼ି ଯାଞ୍ଚ
- '୪-ଇ' ଅନୁପାଳନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୩।୧୧(ସମିସ): ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ ଶୂନ ମୃତାହତ ପକ୍ଷ। ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ ପରେ ଏବେ ନଭେମ୍ବର ୧୬ରୁ ୩୦ ତାରିଖ ଯାଏଁ ସାରା ରାଜ୍ୟରେ ଏହି ପକ୍ଷ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି ସମୟରେ ଚାରିଟି "ଇ' ଯଥା- ଏନ୍‌ଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଘଂକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଏହି ସମୟରେ ସାରା ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ମଲ୍, ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ୍ୟ ବିଶେଷ ନଜର ରହିବ। କିଭଳି ସେଠାରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ, ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ କୁହାଯାଇଛି। ରାସ୍ତା ଇଞ୍ଜିନିୟରିଂ ସଂସ୍ଥା ମାନେ ଏ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ତ୍ରୁଟି ଗୁଡ଼ିକୁ ସଂଶୋଧନ କରିବା, ରାସ୍ତା ସାଇନେଜ୍ ଲଗାଇବା ଭଳି ବିଷୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

ବଲାଙ୍ଗିର,୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ)ର ପୂର୍ବତନ ପାକ୍ସ ସମ୍ପାଦକ କୁଶଧ୍ୱଜ ସାହୁ ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ସେ ଏହି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଶ୍ରୀ ଏହି ସମୟରେ ପ୍ରାୟ ୮ ଲକ୍ଷ ଟଙ୍କା ୩୪ ହଜାର ଟଙ୍କା ହେରଫେର କରିଥିବା ଭିଜିଲାନ୍ସ ତଦନ୍ତ ପରେ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ପାଖରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା। ୨୦୧୭-୧୮ର କ୍ଲୋଜିଂ ବାଲାନ୍ସ ଓ ୨୦୧୮-୧୯ ଓପନିଂ ବାଲାନ୍ସରେ ଫରକ ଦେଖାଦେଇଥିଲା। ଏନେଇ ଶ୍ରୀ ସାହୁ ସ୍ପଷ୍ଟ ଉତ୍ତର ରଖିପାରି ନ ଥିଲେ; ଯାହା ତାଙ୍କ ଦ୍ୱାରା କରାଯାଇଥିବା ହେରଫେର ସ୍ପଷ୍ଟ ସୂଚାଇଥିଲା। ଶେଷରେ ଭିଜିଲାନ୍ସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।



**୮ ଲକ୍ଷ ୩୪ ହଜାର ଟଙ୍କା ହେରଫେର ଅଭିଯୋଗ**

**୨୪ ଘଣ୍ଟାରେ ପୁରୀରେ ଦ୍ୱିତୀୟ ହତ୍ୟାକାଣ୍ଡ**

## ନାବାଳକକୁ ମାରି ଜଳଭଣ୍ଡାରକୁ ଫିଙ୍ଗି ଦେଲେ

ପୁରୀ,୧୩।୧୧(ସମିସ): ପୁରୀ ସହରରେ ଆଇନ ଶୃଙ୍ଖଳା ବିଗୁଡୁଛି। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ଫଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ୨୪ ଘଣ୍ଟା ଭିତରେ ପୁରୀ ସହରରେ ଘଟିଛି ଦ୍ୱିତୀୟ ହତ୍ୟାକାଣ୍ଡ। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଟାଇଲ୍ ମିସ୍ତ୍ରିକୁ ହାତୁଡ଼ିରେ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଧରିପାରି ନ ଥିବାବେଳେ ଗୁରୁବାର ସକାଳେ ଜଣେ ନାବାଳକକୁ ହତ୍ୟା କରାଯାଇଛି। ଶ୍ରୀସେତୁ ନିକଟ ଜଳଭଣ୍ଡାରଠାରେ ଘଟିଛି ଏହି ହତ୍ୟାକାଣ୍ଡ। ନାବାଳକକୁ ହତ୍ୟା କରି ଦୁର୍ବୃତ୍ତ ପାଣିରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ମୃତ ନାବାଳକ ଟାଉନ ଥାନା ଅଞ୍ଚଳର ସୂର୍ଯ୍ୟ ସାହୁ ବୋଲି ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିବାବେଳେ କାହିଁକି ଏହି ହତ୍ୟାକାଣ୍ଡ ଘଟିଛି ତାହାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୁଲିସ କିଛି ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟ ମଙ୍ଗଳବାର ଜଳଖିଆ ଆଣିବା ପାଇଁ ଘରୁ ଯାଇଥିଲା। ହେଲେ ଆଉ ଘରକୁ ଫେରି ନ ଥିଲା। ଏ ନେଇ ତାଙ୍କ ମାଆ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ଚଳାଇଥିଲା। ତେବେ ବୁଧବାର ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ଶ୍ରୀସେତୁ ନିକଟ ଜଳଭଣ୍ଡାରରେ ଜଣଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଖୋଳତାଡ଼ ଚଳାଇଥିଲା। ଟାଉନ ଥାନାରେ ରୁଜୁ ନିଖୋଜ ମାମଲାର ଅନୁଧ୍ୟାନ ପରେ ନିଖୋଜ ନାବାଳକର ମୃତଦେହ ବୋଲି ଜଣାପଡ଼ିଥିଲା। ତେବେ କେଉଁ କାରଣ ପାଇଁ ତାଙ୍କୁ ହତ୍ୟା କରାଯାଇଛି ଏବଂ କିଏ ହତ୍ୟା କରିଛି ଏ ନେଇ ପୁଲିସ ଖୋଳତାଡ଼ ଚଳାଇଛି। କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା କୁହାଯାଉଥିଲେ ମଧ୍ୟ ଏ ନେଇ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ସନାତନ ବିହାରରେ ଟାଇଲ୍ ମିସ୍ତ୍ରିକୁ ହତ୍ୟା ଘଟଣାରେ ଅଭିଯୁକ୍ତ ମୁଶାରଫ୍‌କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ପେଣ୍ଠକଟା ଥାନା ପୁଲିସ। ତାକୁ ଓଡ଼ିଶା ଅଣାଯାଉଛି। ସେ ପହଞ୍ଚିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ। ସେହିପରି ବୁଧବାର ସନ୍ଧ୍ୟାରେ ସଦର ଥାନାରେ ଶ୍ରୀସେତୁ ନିକଟରେ ଜଣେ ଅଜଣା ବ୍ୟକ୍ତିର ମୃତଦେହ ପଡ଼ିଥିବା ଖବର ମିଳିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ତାହା ଜଣେ ନାବାଳକର ବୋଲି ଜଣାପଡ଼ିଥିଲା।

**ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ**

## ବ୍ରହ୍ମପୁର ଏସ୍‌ପିଙ୍କୁ ହଟାଇବାକୁ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୩।୧୧(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଏବଂ ଏହି ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା ପରେ ଏହି ହତ୍ୟାକାଣ୍ଡରେ ତାଙ୍କର ତଦନ୍ତ ପ୍ରକ୍ରିୟା ଓ ଭୂମିକାକୁ ନେଇ ବର୍ଷିଛି ରାଜ୍ୟ କଂଗ୍ରେସ। ଏହି ଘଟଣାକୁ ନେଇ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଯେଉଁ ତଥ୍ୟ ରଖିଥିଲେ, ତାହାକୁ ୱେବ୍‌ସିରିଜର କାହାଣୀ କହି ଦଳ ତାଙ୍କୁ ସମାଲୋଚନା କରିଛି। ଏହାସହିତ ଏଭଳି ବାହାଦୁରୀ ପାଇଁ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିବା ଓ ଏସ୍‌ପି ଏଥିପାଇଁ ହାଇକୋର୍ଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପରେ ମଧ୍ୟ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଦଳ ପ୍ରଶ୍ନ କରି ସରକାରଙ୍କ ଭୂମିକା ଉପରେ ସନ୍ଦେହ ପ୍ରକଟ କରିଛି।



ଗୁରୁବାର ଏହି ବିଷୟକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ବିଜେପି ସରକାର ଓଡିଶା ପୁଲିସକୁ ଆରଏସଏସ ପୁଲିସରେ ରୂପାନ୍ତରିତ କରିବାକୁ ଚାହୁଁଛି। ନିଜକୁ କଣ୍ଟକମୁକ୍ତ କରିବା ପାଇଁ ସରକାରୀ ଦଳ ସମସ୍ତ ତଥ୍ୟ ପ୍ରମାଣ ଲୁଚାଇବାକୁ ଚାହୁଁଛି। ମନଗଢ଼ା କାହାଣୀ ପାଇଁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓଡିଶାବାସୀଙ୍କ ମୁଣ୍ଡ ତଳକୁ କରି ଦେଇଛି। ଏତେ ଲଜ୍ଜାଜନକ ଘଟଣା ଘଟିଯିବା ସତ୍ତ୍ୱେ ସରକାର, ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଏପର୍ଯ୍ୟନ୍ତ ଦିଆ ଯାଇନାହିଁ। ତେଣୁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହାସହ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଏସପି ଶ୍ରବଣାଙ୍କୁ ହଟାଯାଉ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

ଦଳର ଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ଏସ୍‌ପିଙ୍କ ନିସର୍ତ୍ତ କ୍ଷମାପ୍ରାର୍ଥନା ପରେ ତାଙ୍କୁ ପୁଲିସ ଡିଜି ଓ ଗୃହମନ୍ତ୍ରୀ କେବେ ଦାୟିତ୍ୱମୁକ୍ତ କରିବେ ବୋଲି ପ୍ରଶ୍ନ କରିଛନ୍ତି।

**ଆଜି ନୂଆପଡ଼ା ଭୋଟଗଣତି**

## ୪୧ ବୁଥ୍‌ରେ ୯୧ ପ୍ରତିଶତ ମତଦାନକୁ ନେଇ ବିଜେଡିର ପ୍ରଶ୍ନ

ଭୁବନେଶ୍ୱର, ୧୩।୧୧ (ସମିସ): ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନର ଫଳାଫଳ ଆସନ୍ତାକାଲି ପ୍ରକାଶ ପାଇବ। ତେବେ ଭୋଟ ଗଣତି ପୂର୍ବରୁ ନୂଆପଡ଼ା ଉପନିର୍ବାଚନରେ ନିର୍ଦ୍ଦିଷ୍ଟ କେତେକ ବୁଥ୍‌ରେ ମତଦାନ ହାରକୁ ନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ପୂର୍ବର ସବୁ ଉପନିର୍ବାଚନ ଓ ୧୧ ତାରିଖରେ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନର ରେକର୍ଡ ଭାଙ୍ଗିଛି ନୂଆପଡ଼ା। ଏଠାରେ ମତଦାନ ହାର ୮୩% ଅତିକ୍ରମ କରିଛି। ଅନେକ ସ୍ଥାନରେ ସନ୍ଧ୍ୟା ୫ଟା ପରେ ମତଦାନ ହାର ଦିନ ତୁଳନାରେ ଯଥେଷ୍ଟ ଅଧିକ ଥିବାବେଳେ କେତେକ ନିର୍ଦ୍ଦିଷ୍ଟ ବୁଥ୍‌ରେ ୯୦ ପ୍ରତିଶତରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ଭୋଟିଂ ହୋଇଛି।

ଏପରି କିଛି ବୁଥ୍ ସପର୍କରେ ସୂଚନା ଦେଇ ଦଳ କହିଛି ଯେ ବୁଥ୍ ନମ୍ବର ୧୨ (ଗୁଡ଼ାପଟରା ପ୍ରାଥମିକ ବିଦ୍ୟାଳୟ)ରେ ମୋଟ ୪୯୭ ଭୋଟରଙ୍କ ମଧ୍ୟରୁ ୪୪୮ ଜଣ, ବୁଥ୍ ନମ୍ବର ୧୪ (ବାରକୋଠୀ ପ୍ରାଥମିକ ବିଦ୍ୟାଳୟ)ରେ ୪୧୨ ଭୋଟରଙ୍କ ମଧ୍ୟରୁ ୩୭୪ ଜଣ ଏବଂ ବୁଥ୍ ନମ୍ବର ୧୬ (ଝିଟିକି ୟୁପି ସ୍କୁଲ )ରେ ୭୫୬ ଭୋଟରଙ୍କ ମଧ୍ୟରୁ ୭୧୦ ଜଣ ମତଦାନ କରିଛନ୍ତି। ଭୋଟଦାନର ଏପରି ଅସ୍ୱାଭାବିକ ହାର ପଛରେ କେଉଁଠି ନା କେଉଁଠି କିଛି ବିଭ୍ରାଟ ହୋଇଥିବା ଦଳ ସନ୍ଦେହ କରିଛି।

ଗୁରୁବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାର, ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ନୂଆପଡ଼ା ମତଦାନ ପ୍ରସଙ୍ଗରେ ସରକାର ଓ ନିର୍ବାଚନ ଅଧିକାରୀଙ୍କୁ କଠୋର ସମାଲୋଚନା କରିଛନ୍ତି। ଶାସକ ଦଳ ସରକାରୀ କଳକୁ ସମ୍ପୂର୍ଣ୍ଣ ବ୍ୟବହାର କରିଥିବା ଏବଂ ନିର୍ବାଚନ ଅଧିକାରୀଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ଦାବି ଏକ ପ୍ରହସନରେ ପରିଣତ ହୋଇଛି ବୋଲି ବିଜେଡି ନେତାମାନେ କହିଛନ୍ତି। ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଏହା ୮୩.୫ ପ୍ରତିଶତକୁ ବୃଦ୍ଧି ପାଇଥିବା କୁହାଗଲା। ଭୋଟିଂ ସମୟ ଶେଷ ହେବା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ସନ୍ଦେହଜନକ। ୪୧ଟି ବୁଥ୍‌ରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ଭୋଟ ରିଗିଙ୍ଗ ଦିଗ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି ବୋଲି ଅତନୁ କହିଛନ୍ତି।



**ସନ୍ଧ୍ୟା ୫ଟା ପରେ ୮ ପ୍ରତିଶତ ଅଧିକ ଭୋଟକୁ ନେଇ ସନ୍ଦେହ**

**୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟିଂ ବୁଥ୍‌ର ସିସିଟିଭି ଫୁଟେଜ ଦାବି**

ଡ. ଲେନିନ ମହାନ୍ତି କହିଛନ୍ତି, ଯେଉଁ ବୁଥ୍ ଗୁଡିକରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଛି, ସେଇ ବୁଥ୍‌ଗୁଡିକର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ବାସ୍ତବରେ ଲୋକ ଭୋଟ ଦେଇଛନ୍ତି, ନା ହେରଫେର ହୋଇଛି ତାହା ଏଥିରୁ ପ୍ରମାଣିତ ହେବ। ଇଭିଏମ ମେସିନ ଗୋଟିଏ ଘରୋଇ ଗାଡିରେ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁକ୍ତ ଓ ଅବାଧ ନିର୍ବାଚନ କରିବା ଉକ୍ତି ଏହି ଉପନିର୍ବାଚନରେ ପ୍ରହସନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିବା ବିଜେପି ପକ୍ଷରେ ସମ୍ଭବ ନୁହେଁ ବୋଲି ଜାଣି ବିଜେପି ପ୍ରଶାସନିକ କଳର ଅପବ୍ୟବହାର କରିଛି। ୯୦ ପ୍ରତିଶତ ଭୋଟିଂ ଏକ ବିରଳ ଘଟଣା। ବିଶେଷକରି ଉପନିର୍ବାଚନରେ ଏପରି ହେବା ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରିଛି। ସରକାରୀ ଅଧିକାରୀମାନେ ବିଜେପିର ଏଜେଣ୍ଟ ସାଜି କାମ କରିଛନ୍ତି, ଶେଷ ପର୍ଯ୍ୟାୟରେ ପୁଲିସର ତତ୍ତ୍ୱାବଧାନରେ ଟଙ୍କା ବଣ୍ଟା ହେଲା, ବୁଥ୍ ଭିତରେ ବିଜେପି ତରଫରୁ ପ୍ରଚାର କରାଗଲା। ବିଜେଡିର ଆପତ୍ତିକୁ ଗ୍ରହଣ କରାଗଲା ନାହିଁ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

**କାର୍ଯ୍ୟକାରୀ ହେଉନି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ**


## ପୋର୍ଟାଲରେ ନାହିଁ ଶିଶୁ ନିଖୋଜ ତଥ୍ୟ

ଭୁବନେଶ୍ୱର, ୧୩।୧୧ (ସମିସ): ଯେଉଁ ବୟସରେ ବିଦ୍ୟାଳୟରେ ପାଠ ପଢ଼ିବା କଥା, ହାତରେ କଲମ ଧରିବା କଥା, ସେହି ବୟସରେ କିଏ ହାତରେ ହାତୁଡ଼ି ଧରୁଛି ତ ଆଉ କିଏ ରୋଷେଇ ଘର ସାମଗ୍ରୀ। ପରିବାରର ଆର୍ଥିକ ଚାପ, ସଚେତନତାର ଅଭାବ କିମ୍ବା ସରକାର ଉଦାସିନତା ଅଭାବରୁ ଦିନକୁ ଦିନ ଶିଶୁ ଚାଲାଣ ସଂଖ୍ୟା ବୃଦ୍ଧି ସହ ଉତ୍କଟ ରୂପ ନେଉଛି ଶିଶୁ ଶ୍ରମିକଙ୍କ ସ୍ଥିତି। ଉପାନ୍ତ ଅଞ୍ଚଳରୁ ଅଭିଭାବକଙ୍କୁ ଅର୍ଥର ପ୍ରଲୋଭନ ଦେଖାଇ ଗରୀବ ଶିଶୁମାନଙ୍କୁ ଦଲାଲ୍ ମାନେ ରାଜ୍ୟ ତଥା ରାଜ୍ୟବାହାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସେହିପରି ବାଲ୍ୟ ବିବାହ ଦିଗରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗୋଟେପଟେ ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ କଡ଼ାକଡ଼ି ଲାଗୁ କରାଯାଉ ନ ଥିବା ବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ମଧ୍ୟ ଅବମାନନା କରାଯାଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ୨୦୧୩ ମସିହାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ, ଆଇପିସି ଧାରା ୩୬୩ ଆଧାରରେ ନିଖୋଜ ଶିଶୁଙ୍କୁ ଖୋଜି ବାହାର କରାଯିବ। ପ୍ରତ୍ୟେକ ରାଜ୍ୟରେ ସ୍ପେଶାଲ ଅପରେସନାଲ ଟ୍ରାନ୍‌ଜିଟ ରହିବ। ସ୍ଥାନୀୟ ପୋଲିସ, ସିଡବ୍ଲ୍ୟୁସି, ଚାଇଲଡଲାଇନ୍ ସହଯୋଗରେ ନିଖୋଜ ଶିଶୁଙ୍କ ତଥ୍ୟ ରଖାଯିବ। ଉଭୟ ନିଖୋଜ ଏବଂ ଉଦ୍ଧାର ସ୍ଥାନରେ ତଥ୍ୟ ପୋର୍ଟାଲରେ ଉପଲବ୍ଧ କରାଯିବ। କିନ୍ତୁ କେବଳ ଯେଉଁଠାରେ ଉଦ୍ଧାର କରାଯାଉଛି, ସେଠାରେ ଚାଇଲ୍ଡଲାଇନ୍ ପକ୍ଷରୁ ଏଣ୍ଟ୍ରି ହେଉଥିବାରୁ ନିଖୋଜ ଶିଶୁଙ୍କ ସଂଖ୍ୟା ସଠିକ୍ ଭାବେ ଜଣାପଡୁନାହିଁ। ଏନେଇ ଫେବୃଆରୀ ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ତଥ୍ୟ ଉପସ୍ଥାପନ କରି ଗତ ୪ବର୍ଷ ମଧ୍ୟରେ ଓଡ଼ିଶାରେ ୮ହଜାର ଶିଶୁ ନିଖୋଜ ଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୮୦୦ ଶିଶୁ ଟ୍ରେସଆଉଟ୍ ହୋଇଥିବା କହିଥିଲେ।

ସେହିପରି ୨୦୧୨ ମସିହାରେ ବଚପନ୍ ବଚାଓ ଆନ୍ଦୋଳନ ପକ୍ଷରୁ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ମାମଲା ଅନୁସାରେ ଭାରତରେ ୯୫ହଜାର ପିଲା ନିଖୋଜ ହୋଇଥିବା ବେଳେ ମାତ୍ର ୧୫ ହଜାର ପିଲା ଉଦ୍ଧାର ହୋଇଛନ୍ତି। ୮୦ ହଜାର ପିଲା ଏଯାଏ ନିଖୋଜ ରହିଥିବା ଜଣାପଡ଼ିଛି। ଓଡ଼ିଶାରେ ୨୦୧୫ରେ 'ଅପରେସନ୍ ସ୍ମାଇଲ', ଅପରେସନ୍ ସ୍ମାଇଲ-୨', ୨୦୧୬ରେ 'ଅପରେସନ୍ ମୁସ୍କାନ', ଏବଂ 'ମୁସ୍କାନ-୨', ୨୦୧୭ରେ 'ପରୀ-୨' ଆରମ୍ଭ ହୋଇଥିଲା। ଏହା ଅଧିନରେ ପ୍ରତି ୬ମାସରେ ଥରେ ଅପରେସନ୍ କରାଗଲା କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ବନ୍ଦ ହୋଇଥିବା ଜଣପାଡ଼ିଛି।

ଏନେଇ ଚାଇଲ୍‌ଡଲାଇନ୍‌ର ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ସବୁ ଜିଲ୍ଲାରେ ହ୍ୟୁମାନ୍ ଟ୍ରାଫିକିଂ ଷ୍ଟେସନ୍ ୟୁନିଟ୍ କରାଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ ରେଜିଷ୍ଟର ହେଉନାହିଁ। ଫଳରେ ନିଖୋଜଙ୍କ ତଥ୍ୟା ଜଣାପଡୁନାହିଁ। ସରକାର ପ୍ରାବଧାନ ଦେଉଥିଲେ ବି ଆନ୍ତରିକତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେହିପରି ବାଲ୍ୟ ବିବାହ ନିରୋଧ ଆଇନ୍-୨୦୦୬ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏନଏଚ୍ଏଫଏସ୍ (ନ୍ୟାସନାଲ ଫ୍ୟା।ମିଲି ହେଲଥ ଷ୍ଟଡି) ଅନୁସାରେ, ଓଡ଼ିଶାରେ ୨୦.୮ ପ୍ରତିଶତ ବା ପ୍ରତି ୫ଜଣରେ ଜଣେ ବାଲ୍ୟ ବିବାହ କରୁଛନ୍ତି। ହେଲେ ଏଗୁଡ଼ିକ କେସ୍ ରେଜିଷ୍ଟର ହେଉନାହିଁ। ସରକାର ସ୍ପେଶାଲ ନୋଟିଫିକେସନ୍‌ରେ ପ୍ରତି ଜିଲ୍ଲାରେ (ପଞ୍ଚାୟତରେ କାର୍ଯ୍ୟରତ ପିଇଓ ବା ସରକାରୀ ସ୍କୁଲରେ ଥିବା ୱର୍ଡେନ୍)ଙ୍କୁ ସିଏମପିଓ(ଚାଇଲଡ୍ ମ୍ୟାରେଜ୍ ପ୍ରୋହିବିସନ୍ ଅଫିସର ବା ବାଲ୍ ବିବାହ ନିରୋଧ ଅଧିକାରୀ ଭାବେ ନିଯୁକ୍ତି କରିଛନ୍ତି। କିନ୍ତୁ ସେମାନଙ୍କୁ ଏନେଇ କୌଣସି ଟ୍ରେନିଂ ଦିଆଯାଇ ନ ଥିବାରୁ ସେମାନେ ଏହି କାର୍ଯ୍ୟ କରିପାରୁ ନାହାନ୍ତି। ଏହାସହ ୨୦୨୪ ମସିହାରେ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶାନାମା ଅନୁସାରେ ପ୍ରତ୍ୟେକ ଜିଲ୍ଲାରେ ଜଣେ ଡେଡିକେଟେଡ୍ ସିଏମପିଓ ରହିବେ। ଯେଉଁ ପିଲାମାନେ ୭ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରହିବେ ସେମାନଙ୍କ ତଦାରଖ କରାଯିବ। ଯଦି କୌଣସି ଛାତ୍ରୀ ବିବାହ କରିଥିବେ ଏଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତରଦାୟୀ ରହିବେ। ହେଲେ ତାହା ହେଉ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି।




**୪ ବର୍ଷରେ ୮ ହଜାର ନିଖୋଜ**


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯





ପୁଣି ଖାକିରେ ଲାଗିଲା ଦାଗ

# ଥାନା ଭିତରେ ଲାଞ୍ଚ; ଧରାପଡ଼ିଲେ ଏଏସ୍ଆଇ

ଭୁବନେଶ୍ୱର, ୧୩।୧୧(ସମିସ): ପୁଣି ଖାକିରେ ଲାଗିଲା ଦାଗ। ତାହା ପୁଣି କମିସନରେଟ୍ ପୁଲିସ ଅଞ୍ଚଳରେ। ଥାନା ଭିତରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲିଅନ୍ତା ଥାନାର ଜଣେ ଏଏସ୍ଆଇ। ସେ ଆଉ ଖସିକି ଯାଇ ପାରିଲେ ନାହିଁ। ଧରା ପଡ଼ିଲା ପରେ ଟଙ୍କା ମୋର ନୁହେଁ ବୋଲି ବିଳିବିଳି ହୋଇ ସଫେଇ ଦେଲେ। ହେଲେ ସମସ୍ତ ପ୍ରସ୍ତୁତିରେ ଆସିଥିବା ଭିଜିଲାନ୍ସ ଅଧିକାରୀ ଛାଡିଲେନି। ତାଙ୍କ ହାତରେ କେମିକାଲ ଢାଳି ଦେଲେ। କେମିକାଲ ପଡ଼ିବା ମାତ୍ରେ ଟଙ୍କା ଧରିବା ହାତରେ କାଳି ଦେଖାଗଲା। ଏଏସ୍ଆଇ ବୁଝିଗଲେ ଖସିବାର ଆଉ ବାଟ ନାହିଁ। ଯେଉଁ ଏଏସ୍ଆଇ ଦିନେ ବାଲିଅନ୍ତା ଥାନାରୁ ବହୁ ଅଭିଯୁକ୍ତଙ୍କୁ ବାନ୍ଧି ଜେଲରେ ପୁରାଉଥିଲେ ଆଜି ସେହି ଥାନାରୁ ଭିଜିଲାନ୍ସ ତାଙ୍କୁ ବାନ୍ଧିପକାଇଲା।

ମାତ୍ର ୪ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଲେ କମିସନରେଟ୍ ପୁଲିସ ବାଲିଅନ୍ତା ଥାନା ଏଏସ୍ଆଇ ସୋମନାଥ ପଲେଇ। ଜଣେ ବ୍ୟକ୍ତିଙ୍କୁ ସେ ଗିରଫ କରିବେ ବୋଲି ଧମକାଉଥିଲେ। କେବଳ ଲାଞ୍ଚ ଦେଲେ ସେ ତାଙ୍କ ସପକ୍ଷରେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ଧମକକୁ ଡରିଲେନି। ଭିଜିଲାନ୍ସ ପାଖରେ ଅଭିଯୋଗ କରିଦେଲେ। ଭିଜିଲାନ୍ସ ସବୁ ଜାଣିବା ପରେ ଏଏସ୍ଆଇଙ୍କୁ ଲାଞ୍ଚ ନେଉଥିଲା ବେଳେ ଧରିବାକୁ ଯୋଜନା କଲା। ଯୋଜନା ମୁତାବକ ଭିଜିଲାନ୍ସ ସୋମନାଥଙ୍କୁ ଲାଞ୍ଚ ନେଲା ବେଳେ ଗିରଫ କରିଥିଲା। ତାଙ୍କ ଠାରୁ ୪ହଜାର ଲାଞ୍ଚ ଟଙ୍କା ଜବତ ହୋଇଛି। ସୋମନାଥ ଅନୈତିକ ଉପାୟରେ ବହୁ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଅନୁମାନ କରୁଛି। ଏଣୁ ତାଙ୍କୁ ଗିରଫ କରାଯିବା ପରେ ତାଙ୍କର ୩ ଠିକଣା ଉପରେ ଭିଜିଲାନ୍ସ ଚଢଉ ଜାରି ରଖିଛି। ଏହାପରେ ତାଙ୍କ କଳା ସାମାଜ୍ୟର ପର୍ଦ୍ଦାଫାସ ହେବ।



ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜମିବାଡ଼ି ବିବାଦକୁ ନେଇ ବେଣ୍ଟପୁରର ସୂର୍ଯ୍ୟନାରାୟଣ ବେହେରାଙ୍କ ପରିବାରରେ ଗଣ୍ଡଗୋଳ ହୋଇଥିଲା। ସୋମନାଥ ଏଏସ୍ଆଇ ଥିବାରୁ ତାଙ୍କୁ ମାମଲା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସୂର୍ଯ୍ୟନାରାୟଣଙ୍କୁ ସୋମନାଥ ଡାକିଥିଲେ। ତାଙ୍କ ନାମରେ ଅଭିଯୋଗ ଆସିଛି ଗିରଫ କରିବାକୁ ପଡ଼ିବ। ୪ ହଜାର ଟଙ୍କା ଲାଞ୍ଚ ଦେଲେ ସୋମନାଥଙ୍କୁ ଗିରଫ କରିବା ବଦଳରେ ସହଯୋଗ କରିବେ ବୋଲି କହିଥିଲେ। ଏନେଇ ସୂର୍ଯ୍ୟନାରାୟଣ ବୁଧବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଥାନା ଏକ ମାମଲା ରୁଜୁ କରିବା ସହ ସୋମନାଥଙ୍କୁ ଧରିବାକୁ ପୂର୍ବ ପ୍ରସ୍ତୁତି କରିଥିଲା ବାଲିଅନ୍ତା ଥାନାରେ ସୂର୍ଯ୍ୟନାରାୟଣଙ୍କଠାରୁ ସୋମାନାଥ ଲାଞ୍ଚ ଟଙ୍କା ଗ୍ରହଣ କରିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ସୋମନାଥଙ୍କୁ ଗିରଫ କରିଥିଲା।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହ, ୩ ସ୍ଥାନରେ ଚଢ଼ଉ**

### ବନ୍ଧାହେଲା ପରେ ବି ପୁଣି ମିଳୁଛି ଥାନା

ପୁଲିସ ବାବୁମାନେ ଲାଞ୍ଚ ନେଉଛନ୍ତି। ବନ୍ଧା ହେଉଛନ୍ତି। ଜାମିନ୍‌ରେ ବାହାରୁଛନ୍ତି। ମାମଲାରେ କୋର୍ଟରୁ କ୍ଲିନ୍‌ଚିଟ୍ ନ ମିଳିଲେ ବି ଥାନାରେ ପୁଣି ବାବୁ ଭଳି କାମ କରୁଛନ୍ତି। ଜେଲ୍‌ରୁ ବାହାରିବା ପରେ ବଡ଼ ଅଧିକାରୀଙ୍କୁ ହାତ କରିନେଉଛନ୍ତି। ସେମାନଙ୍କ ସହ ସଲାସୁତର କରି ଥାନାରେ ପୋଷ୍ଟିଂ ନେଇ ଯାଉଛନ୍ତି। ଥାନା ନେବାର କାରଣ ହେଉଛି ଅଭିଯୋଗକାରୀଙ୍କ ପାଖରେ ସହଜରେ ପହଞ୍ଚି ହେବ। ଆଉ ମାମଲା ରଫାଦଫା ହେବାରେ ପୁଣି ହାକିମାତି ଚଲାଉଛନ୍ତି। ଏଭଳି ବ୍ୟବସ୍ଥା ଅଭିଯୋଗକାରୀଙ୍କ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏଭଳି ପୁଲିସ କର୍ମଚାରୀମାନଙ୍କୁ ଅନ୍ତତ ଥାନା ବଦଳରେ ପୁଲିସ ଅନ୍ୟବିଭାଗରେ ଚାକିରି ଦିଆଯାଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ରାଜଧାନୀରେ ପୁଲିସ ଧମକାଇ ଲାଞ୍ଚ

# ରାଜ୍ୟରେ ୧୬ ମାସରେ ୨୨ ପୁଲିସ ଗିରଫ

ଭୁବନେଶ୍ୱର, ୧୩।୧୧(ସମିସ): କମିସନେରଟ୍ ପୁଲିସ ଦ୍ୱାରା ଲୋକଙ୍କୁ ଧମକାଇବା। ଧମକାଇ ଲାଞ୍ଚ ନେବା ଘଟଣା କୌଣସି ନୂଆ କଥା ନୁହେଁ। ଆଜିର ଅଭିଯୋଗ ସିନା ନୂଆ ହେଲେ ପୁଲିସ ବାବୁମାନଙ୍କ ଏହି ଅଭ୍ୟାସ ବହୁ ପୁରୁଣା। ଜୋର ଜବରଦସ୍ତି ଥାନାରେ ଟଙ୍କା ଆଦାୟ କରାଯାଉଛି। ନ ଦେଲେ ବାନ୍ଧି ଦେବୁ ବୋଲି ଧମକ ଦିଆଯାଉଛି। ଥାନା ବାବୁମାନଙ୍କ




ଏଭଳି ରୋବାବରେ ଲୋକେ ଟଙ୍କା ଦେବାକୁ ବାଧ ହେଉଛନ୍ତି। ତେବେ କିଛି ମାମଲାରେ ଲୋକେ ଭିଜିଲାନ୍ସ ପାଖକୁ ପଳାଉଛନ୍ତି। କମିସନରେଟ୍ ପୁଲିସର ବାବୁ ମାନଙ୍କ ଅସଲ ଚେହେରା ପଦାରେ ପଡ଼ିଯାଉଛି। ଏଭଳି କରି ବିଗତ ଦିନରେ ବହୁ କମିସନରେଟ୍ ପୁଲିସର ବହୁ ଥାନା କର୍ମଚାରୀ ଗିରଫ ହୋଇଛନ୍ତି। ରାଜଧାନୀରେ ଏଭଳି ଅବସ୍ଥା ଥିଲା ବେଳେ ଗତ ୧୬ ମାସ ମଧ୍ୟରେ ୨୨ ଜଣ ପୁଲିସ କର୍ମଚାରୀ ଗିରଫ ହୋଇଛନ୍ତି।

### ପୁଲିସ ଠାରୁ ଲାଞ୍ଚ ନେଇ ଧରାପଡ଼ିଥିଲେ କନ୍‌ଷ୍ଟେବଲ

ପୁଲିସ ଠାରୁ ଲାଞ୍ଚ ନେଇ ଧରାପଡ଼ିଥିଲେ ପୁଲିସ ବାବୁ। ଓଏପିଏଫ୍ କନ୍‌ଷ୍ଟେବଲ ରତ୍ନାକର ପଦେନ୍ତିଙ୍କ ଠାରୁ ଲାଞ୍ଚ ନେଇ ଖାରବେଳନଗର ଥାନା ଅଞ୍ଚଳରେ ଧରାପଡ଼ିଥିଲେ ପୁଲିସ କନ୍‌ଷ୍ଟେବଲ ସୁରେଶ ଦାସ। ୫ବର୍ଷ ତଳେ ଏଭଳି ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବାଲିଅନ୍ତା ଥାନା ଅଞ୍ଚଳରେ ରହୁଥିବା ରତ୍ନାକର ଏକ ଘରେ ଭଡାରେ ରହୁଥିଲେ। ଏହାର ଟଙ୍କା କମାଇଦେବାକୁ କହି ସେ ୮ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ।

### ସହିଦନଗର ଥାନାରେ ଲାଞ୍ଚ ନେଇ ଧରାପଡ଼ିଥିଲେ ଏସ୍ଆଇ

ରାଜଧାନୀର ହାର୍ଟ ଉପରେ ଥିବା ସହିଦନଗର ଥାନା ଭିତରେ ଲାଞ୍ଚ ନେଲା ବେଳେ ଜଣେ ଏସ୍ଆଇଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ୨୦୨୪ ମସିହାରେ ଘଟିଥିଲା ଏଭଳି ଘଟଣା। ଜଣେ ଅଭିଯୋଗକାରୀଙ୍କୁ ବହୁ ହଇରାଣ କରିବାରୁ ସେ ଭିଜିଲାନ୍ସ ପାଖକୁ ଚାଲିଯାଇଥିଲେ। ଭିଜିଲାନ୍ସ ଲାଞ୍ଚ ନେଲା ବେଳେ ତାଙ୍କୁ ବାନ୍ଧି ପକାଇଥିଲା।

### ଲୋକଙ୍କ ଅସୁବିଧା ବୁଝୁ ନାହାନ୍ତି ବଡ଼ ଅଧିକାରୀ

କମିସନରେଟ୍ ପୁଲିସ ନିଜ କର୍ମଚାରୀଙ୍କ ବିରୋଧରେ ଥିବା ଅଭିଯୋଗ ଶୁଣାଣି ବ୍ୟବସ୍ଥା ଏକପ୍ରକାର ଦୁର୍ବଳ ହୋଇଗଲାଣି। ପୂର୍ବରୁ ଥାନାସ୍ତରରେ ପୁଲିସ କାମ ନ କଲେ। କିମ୍ବା ପୁଲିସ ହଇରାଣ କଲେ। କିମ୍ବା ଥାନାରେ ନ୍ୟାୟ ନ ପାଇଲେ ଲୋକେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଭେଟୁଥିଲେ। ଉପରିସ୍ଥ ଅଧିକାରୀଙ୍କ ତାଗିଦରେ ସବୁକିଛି ଠିକ୍ ହୋଇଯାଉଥିଲା। ହେଲେ ଏବେ ଉପରିସ୍ଥ କର୍ମଚାରୀଙ୍କ ପାଖକୁ ଯାଇ କୌଣସି ଲାଭ ହେଉ ନାହିଁ। ଏଣୁ ଲୋକେ ଭିଜିଲାନ୍ସ ମୁହାଁ ହେଉଛନ୍ତି। ଯେଉଁମାନେ ଭିଜିଲାନ୍ସ ପାଖକୁ ଯାଇ ପାରୁନାହାନ୍ତି ସେମାନେ ହଇରାଣ ହେଉଛନ୍ତି ନ ହେଲେ ଥାନାରେ ଟଙ୍କା ଗଣୁଛନ୍ତି।

### ଖଣ୍ଡଗିରିରେ ଧରାପଡ଼ିଥିଲେ ପୁଲିସ ଏସ୍ଆଇ

୨୦୨୩ ମସିହାରେ ଭିଜିଲାନ୍ସ ଖଣ୍ଡଗିରି ଥାନାର ଜଣେ ପୁଲିସ ଏସ୍ଆଇ ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏକ ମାମଲାକୁ ରଫାଦଫା କରିବାକୁ ୫୦ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ନାକା ଗେଟ୍ ପାଖରେ ସେ ଲାଞ୍ଚ ନେଉଥିଲା ବେଳେ ପୁଲିସ ମାଡିବସିଥିଲା। ତାଙ୍କ ସହ ଖଣ୍ଡଗିରି ଥାନାର ଜଣେ ସହାୟକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେ ତାଙ୍କୁ ବାରମ୍ବାର ହଇରାଣ କରିବାରୁ ଶେଷରେ ଅଭିଯୋଗକାରୀ ବାଧ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ସମ୍ପୃକ୍ତ ଏସ୍ଆଇଙ୍କୁ ଗିରଫ କରିବା ପରେ ତାଙ୍କ ଘର ସମେତ ଅନ୍ୟାନ୍ୟ ସ୍ଥାନ ଉପରେ ଚଢଉ କରାଯାଇଥିଲା।

## ସ୍ୱାମୀଙ୍କୁ ଆକ୍ରମଣ, ସ୍ତ୍ରୀଙ୍କୁ ଅସଦାଚରଣ କରି ଲୁଟ୍

ଭୁବନେଶ୍ୱର, ୧୩।୧୧(ସମିସ): ସ୍ୱାମୀଙ୍କୁ ଆକ୍ରମଣ ଏବଂ ସ୍ତ୍ରୀଙ୍କୁ ଅସଦାଚରଣ କରି ଲୁଟ୍ ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ମେଣ୍ଢାଶାଳ ଅଞ୍ଚଳର ସୂର୍ଯ୍ୟକାନ୍ତ ସାମନ୍ତରାୟ। ଅଭିଯୋଗକାରୀ ଲୋକେଶ ଗୌରବ ମହାରଣା (୩୧)ଙ୍କ ଲିଖିତ ରିପୋର୍ଟକୁ ଆଧାରରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଅଭିଯୋଗକାରୀ ତାଙ୍କ ପତ୍ନୀ ଏବଂ ୧୧ ମାସର ଝିଅ ସହିତ ଟିକାକରଣ ପାଇଁ ସୁନ୍ଦରପୁର, ପଥରଗାଡ଼ିଆ ଅଭିମୁଖେ ଯାଉଥିଲେ। ରାସ୍ତାରେ ପଟ୍ଟନାୟକ ଢାବା ପେଟ୍ରୋଲ ପମ୍ପ ନିକଟରେ ତେଲ ଭରିବା ପାଇଁ ଅଟକିଥିଲେ। ସେ ସମୟରେ ଏକ ଧଳା ରଙ୍ଗର ଅଶୋକ ଲେଲ୍ୟାଣ୍ଡ ପିକଅପ୍ ଭ୍ୟାନ ଦ୍ରୁତଗତିରେ ଆସି ତାଙ୍କ ଗାଡ଼ି ସମ୍ମୁଖରେ ଅଟକି ଯାଇଥିଲା। ଫଳରେ ଧକ୍କା ହେବାରୁ ଅଳ୍ପକେ ରକ୍ଷା ପାଇଯାଇଥିଲା। ଅଭିଯୋଗକାରୀ ଏବଂ ପେଟ୍ରୋଲ ପମ୍ପ କର୍ମଚାରୀମାନେ ଏହି ଅସାବଧାନ ଚାଳନାକୁ ବିରୋଧ କରିଥିଲେ। କିନ୍ତୁ ଡ୍ରାଇଭର ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଅସଭ୍ୟ ଭାଷାରେ ଗାଳି ଦେଇଥିଲେ। ଅଭିଯୋଗକାରୀ ତାଙ୍କ ପତ୍ନୀ ଓ ଶିଶୁ ସହିତ ଥିବାରୁ ଝଗଡ଼ା ଏଡାଇ ସେଠାରୁ ଚାଲିଯାଇଥିଲେ। କିନ୍ତୁ ସେହି ପିକଅପ୍ ଭ୍ୟାନ ସେମାନଙ୍କ ପଛେ ପଛେ ଯାଇ ପଥରଗାଡ଼ିଆ ଛକ ନିକଟରେ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଡ୍ରାଇଭର ଏବଂ ତାଙ୍କ ସହଯୋଗୀ ମିଶି ଅଭିଯୋଗକାରୀଙ୍କୁ ବଳପୂର୍ବକ ଅଟକାଇ, ତାଙ୍କ ବାଇକ୍ ଚାବି ଛଡ଼ାଇ ନେଲେ, ଟଙ୍କା ଦାବି କଲେ ଏବଂ ଜୋରଜବରଦସ୍ତି ୧୦ ହଜାର ଟଙ୍କା ନଗଦ ନେଇଥିଲେ। ଅଭିଯୋଗକାରୀ ପ୍ରତିବାଦ କରିବା ପରେ ଅଭିଯୁକ୍ତମାନେ ତାଙ୍କୁ ମୁଥ ମାରି ଆକ୍ରମଣ କରିବା ସହିତ ତାଙ୍କ ମୋବାଇଲ୍ ଓ ତାଙ୍କ ସ୍ତ୍ରୀଙ୍କ ପର୍ସ ଛଡ଼ାଇବାକୁ ଚେଷ୍ଟା କରି ପରିବାର ସହିତ ଅସଦାଚରଣ କରିଥିଲେ। ଘଟଣା ସମୟରେ ହୋହଲ୍ଲା ଶୁଣି ନିକଟସ୍ଥ ଗାଡ଼ି ଚାଳକମାନେ ଆସିଥିଲେ। ଯାହା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଏହି ଘଟଣା ପରେ ଅଭିଯୋଗକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓରଫ ସୁକାନ୍ତଙ୍କୁ ଗିରଫ କରାଯାଇ ତାଙ୍କ ହେପାଜତରୁ ପିକଅପ୍ ଭ୍ୟାନ ଜବତ କରାଯାଇଥିଲା।

## ବିବାଦ ସମାଧାନ ପାଇଁ ଯାଇଥିବା ପୁଲିସକୁ ଆକ୍ରମଣ

ଭୁବନେଶ୍ୱର, ୧୩।୧୧(ସମିସ): ଭରତପୁର ଅଞ୍ଚଳରେ ପୁଲିସକୁ ଆକ୍ରମଣ। ରମଣୀ ସାହିରେ ଜମିବାଡି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ବେଳେ ପିସିଆର୍ କର୍ମଚାରୀଙ୍କୁ କେତେକ କିନ୍ନର ଏବଂ ସ୍ଥାନୀୟ ଲୋକେ ମାଡ଼ ମାରିଥିଲେ। ଆହତ ପିସିଆର୍ କର୍ମଚାରୀ ଜଣଙ୍କ ହେଲେ ପିକେ ପରିଡ଼ା। ତାଙ୍କ ନାକରେ ଗଭୀର ଆଘାତ ଲାଗିଛି। ନାକ ଫାଡି ପ୍ରବଳ ରକ୍ତସ୍ରାବ ହେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ଅଧିକ ପୁଲିସ ବଳ ମୁତୟନ କରାଯାଇଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ହେପାଜତକୁ ନେଇଛି।

ରାତି ପ୍ରାୟ ୧୧ଟା ସମୟରେ ଭଡାଟିଆ ପ୍ରଥମେ ଘର ମାଲିକଙ୍କୁ ଆକ୍ରମଣ କରିଥିଲା। ଏହାର ସମାଧାନ କରିବାକୁ ପିସିଆର୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଦୁଇଗୋଷ୍ଠୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଉତ୍ୟକ୍ତ ହୋଇ ପିସିଆର୍ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ଏବଂ କିନ୍ନର ଏକାଠି ହୋଇ ମାଡ଼ ମାରିଥିଲେ। ପିସିଆର ବସିଥିବା ଜଣେ ପୁଲିସ କର୍ମଚାରୀଙ୍କୁ ଲୁହାପାଇପରେ ପିଟି ଚାଲିଥିଲେ। ମାରି ମାରି ଲହୁଲୁହାଣ କରିଦେଇଥିଲେ। ଏହାଦ୍ୱାରା ସମ୍ପୃକ୍ତ ପିସିଆର୍ କର୍ମଚାରୀଙ୍କ ଗଭିର ଆଘାତ ଲାଗିଛି। ପିସିଆର୍ ଘଟଣାସ୍ଥଳରୁ ଚାଲି ଆସିଥିଲା। ପରେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ପିସିଆର୍ କର୍ମଚାରୀଙ୍କୁ ଚିକିତ୍ସାପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଠକ ଅଜିତର ଖୋଲୁଛି ଗୁମର

## ମିଳିଛି ବିପୁଳ ନକଲି ପରିଚୟପତ୍ର

ଭୁବନେଶ୍ୱର, ୧୩।୧୧ (ସମିସ): ସିବିଆଇ ଦ୍ୱାରା ଗିରଫ ହୋଇଥିବା ଠକ ଅଜିତ ପାତ୍ରର ଗୁମର ଖୋଲିବାରେ ଲାଗିଛି। ଶୈଳଶ୍ରୀ ବିହାରସ୍ଥିତ ଅଜିତର ଘରେ ଚଢ଼ଉ ବେଳେ ବିପୁଳ ପରିମାଣର ନକଲି ପରିଚୟପତ୍ର ପାଇଛି ସିବିଆଇ। ସିବିଆଇ, ଇଡି, ଜିଏସଟିର ବରିଷ୍ଠ ଅଧିକାରୀ ଭଳି ପରିଚୟପତ୍ର ମିଳିଛି। ଏମିତିକି ବିଚାରପତି ଆଇକାର୍ଡ ମଧ୍ୟ ଜବତ କରାଯାଇଛି। ବିପୁଳ ପରିମାଣର ନକଲି ପରିଚୟପତ୍ର ଜବତ ପରେ ଏଣ୍ଡୁଅ ରଙ୍ଗ ବଦଳାଇବା ଭଳି ଅଜିତ ପରିଚୟ ବଦଳାଉଥିଲା ବୋଲି ସ୍ପଷ୍ଟ ହୋଇଛି। କେବଳ ଏତିକି ନୁହେଁ, ପୁରୀ ଗଲେ ନକଲି ପରିଚୟ ଦେଇ କଡ଼ା ସୁରକ୍ଷା ବ୍ୟବସ୍ଥା ପାଉଥିଲା ଅଜିତ। ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ କାର୍ ପଶିବାକୁ ନେଇ ବିବାଦ ହୋଇଥିଲା। ସମ୍ପୃକ୍ତ ଗାଡ଼ିଟି ଅଜିତର ବୋଲି ସିବିଆଇ ଜାଣିବାକୁ ପାଇଛି। ତେବେ ସେହି ସମୟରେ ଅଜିତକୁ କିଏ ପାସ୍ ଦେଇଥିଲା, ସେନେଇ ମଧ୍ୟ ତଦନ୍ତ କରୁଛି ସିବିଆଇ।

- **ମୁଣ୍ଡ ନୁଆଁଉଥିଲେ ବରିଷ୍ଠ ସରକାରୀ ଅଧିକାରୀ**
- **ମିଳୁଥିଲା କଡ଼ା ପୁଲିସ ସୁରକ୍ଷା**

ସେପଟେ ଅଜିତର ମୋବାଇଲରୁ ବିସ୍ଫୋରକ ତଥ୍ୟ ସିବିଆଇ ହାତରେ ଲାଗିଛି। ମୋବାଇଲରେ ପ୍ରାୟ ହଜାରେରୁ ଅଧିକ ଫଟୋ ଓ ୩ ଶହ ଭିଡିଓ ରହିଛି।

ଅଜିତ ସହ ଏକାଧିକ ଆଇଏଏସ୍ ଓ ଆଇପିଏସଙ୍କ ଫଟୋ ସିବିଆଇ ହାତରେ ଲାଗିବା ପରେ ଅଫିସର ଲିଙ୍କ୍ ସାମ୍ନାକୁ ଆସିଛି। ଅନେକ ଆଇଏଏସ୍ ଓ ଆଇପିଏସ୍ ଏବେ ସିବିଆଇ ସ୍କାନରକୁ ଆସିଛନ୍ତି। ସେମାନେ ଅଜିତ ସହ କିପରି ପରିଚିତ ହେଲେ ସେନେଇ ଖୋଳତାଡ଼ ଚାଲିଛି। କଥା ଏତିକିରେ ସରିନି, ଯେ କୌଣସି ସରକାରୀ ଅଫିସକୁ ଗଲେ ବଡ଼ ବଡ଼ ଅଧିକାରୀମାନେ ଅଜିତ ଆଗରେ ମୁଣ୍ଡ ନୁଆଁଇ ନମସ୍କାର ହେଉଥିବା କଥା ପଦାକୁ ଆସିଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ମୂଳ ବାସିନ୍ଦା ଅଜିତ କମ୍ ଦିନରେ କିପରି ଏତେ ବଡ଼ ସାମ୍ରାଜ୍ୟର ମାଲିକ ହେଲା, ସେନେଇ ମଧ୍ୟ ସିବିଆଇ ତଦନ୍ତ ଚଳାଇଛି। ସରକାରୀ ସୁବିଧା ଓ ସରକାରୀ ସ୍ତରରେ ବିଭିନ୍ନ ଅସୁବିଧାକୁ ସମାଧାନ ଯୋଗାଇବା ଆଳରେ ଅଜିତ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି।

## ଭ୍ୟାନ୍ ଡ୍ରାଇଭରଙ୍କୁ ଅପହରଣ



ଭୁବନେଶ୍ୱର, ୧୩।୧୧ (ସମିସ): ରାଜଧାନୀରୁ ପିକପ୍ ଭ୍ୟାନ୍‌ର ଡ୍ରାଇଭରଙ୍କୁ ଅପହରଣ କରି ନେଇଛନ୍ତି। ଝାରପଡ଼ା ଫ୍ଲାଇଓଭରରୁ ନେଇ ନୂଆଗାଁରେ ଛାଡ଼ି ଗାଡ଼ି ନେଇ ପଳାଇଛନ୍ତି। ଅଭିଯୋଗ ପାଇବା ପରେ ବାଲିପାଟଣାରୁ ୨ ଜଣଙ୍କୁ ଗିରଫ କରିବା ସହ ପିକପ୍ ଭ୍ୟାନକୁ ଜବତ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୋମନ ପଧାନ ଗାଁର ସତର ଶାହା (୨୯) ଓ ମୁକୁନ୍ଦଦାସପୁରର ସୟତ ଅବଦୁଲ ସମିନ୍ (୨୨)। ପୁଲିସ ସୂଚନା ଅନୁସାରେ, ବୁଧବାର ଭୋର ୨ଟା ୩୦ ସମୟରେ ଡ୍ରାଇଭର ନରେନ୍ଦ୍ର ସାମଲ ୩ ଟନ୍ ଲୁହାଛଡ଼ ବୋଝେଇ ବୋଲେରୋ ପିକପ୍ ରଖି ଶୌଚାଳୟକୁ ଯାଇଥିଲେ। ସେହି ସମୟରେ ସତ୍ତର, ସୟତ୍ ଓ ୭ ସହଯୋଗୀ ମିଶି ତାଙ୍କୁ ଆକ୍ରମଣ କରି ୧୨ ହଜାର ଟଙ୍କା ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଏଥିସହିତ ଲୁହାଛଡ଼ ବୋଝେଇ ପିକପ୍ ସହ ନରେନ୍ଦ୍ରଙ୍କୁ ଅପହରଣ କରି ନେଇଥିଲେ। ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ି ଦେଇ ପିଅପ୍ ଭ୍ୟାନ ନେଇ ପଳାଇଥିଲେ। ଗାଡ଼ି ମାଲିକ ପ୍ରସନ୍ନ କୁମାର ସାହୁ ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଜିପିଏସ୍ ଟ୍ରାକିଂ ଆଧାରରେ ଗାଡ଼ିଟି ବାଲିପାଟଣା ଥାନା ଅନ୍ତର୍ଗତ ସୋମନା ପ୍ରଧାନ ଗ୍ରାମ ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ପୁଲିସ ଟିମ୍ ସେଠାରେ ଚଢ଼ଉ କରି ସତ୍ତର ଶାହ ଓ ସୟତକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଚୋରି ହୋଇଥିବା ଲୁହାଛଡ଼ ବୋଝେଇ ବୋଲେରୋ ଗାଡ଼ି ଜବତ କରିଥିଲା।

BEST OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ସେକ୍ସ ରାକେଟ ଠାବ ଘଟଣା

# ରାଜଧାନୀରେ ମାଳମାଳ ସେକ୍ସ ରାକେଟ୍

ଭୁବନେଶ୍ୱର, ୧୩।୧୧ (ସମିସ): ଦେହ ବ୍ୟବସାୟୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ରାଜଧାନୀ। ନାଁ ଅଛି ଚେକିଂ, ନାଁ ହେଉଛି ଛାନଭିନ। ବୁଧବାର ୟୁନିଟ୍ ୪ ହୋଟେଲ ଆରାଧା ରେସିଡେନ୍ସିରୁ ହୋଇଥିବା ସେକ୍ସ ରାକେଟ ଠାବ ହେବାପରେ ନୂଆ ନୂଆ କଥା ପଦାକୁ ଆସୁଛି। ସେକ୍ସ ରାକେଟର ମାଷ୍ଟରମାଇଣ୍ଡ ତଥା ଗିରଫ ହୋଇଥିବା ମହେନ୍ଦ୍ର ପାତ୍ର ପୂର୍ବରୁ ମଧ୍ୟ ସେହି ହୋଟେଲକୁ ଯାଇ ଆସ କରୁଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ଏଭଳି କଥା ଜଣାପଡ଼ିବା ପରେ ମହେନ୍ଦ୍ର ପୂର୍ବରୁ ମଧ୍ୟ ମାନବ ଚାଲାଣ ଓ ସେକ୍ସ ରାକେଟରେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି। ଗୁରୁବାର ହୋଟେଲକୁ ଯାଇ ଛାନଭିନ କରିବା ବେଳେ ପୁଲିସ ଆଶ୍ଚର୍ଯ୍ୟଜନକ କଥା ଜାଣିବାକୁ ପାଇଛି। ଦୀର୍ଘବର୍ଷ ଧରି ହୋଟେଲ ଚାଲିଥିଲେ ମଧ୍ୟ 'ସରାଇ' ଆପରେ ରେଜିଷ୍ଟ୍ରେସନ କରିନାହାନ୍ତି ମାଲିକ। ଏପରି ସ୍ଥଳେ ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

- **ହୋଟେଲର ନ ଥିଲା 'ସରାଇ' ରେଜିଷ୍ଟ୍ରେସନ**
- **କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ**
- **ହୋଟେଲରେ ପୁଲିସର ଛାନଭିନ୍**

ସୂଚନା। ଅନୁସାରେ, ବରମୁଣ୍ଡାସ୍ଥିତ ଦାଦାଙ୍କ ଘରେ ରହୁଥିବା ଢେଙ୍କାନାଳ ଅଞ୍ଚଳର ନାବାଳିକା ଜଣେ ସ୍ତ୍ରୀ ଲୋକ ମାଧ୍ୟମରେ ମହେନ୍ଦ୍ରଙ୍କ ସହ ପରିଚିତ ହୋଇଥିଲେ। ମହେନ୍ଦ୍ର ତାଙ୍କୁ ଚାକିରି ଆଳ ଦେଖାଇ ମଙ୍ଗଳବାର ୟୁନିଟ୍ ୪ସ୍ଥିତ ହୋଟେଲ ଆରାଧା ରେସିଡେନ୍ସିକୁ ନେଇ ଆସିଥିଲା। କିଛି ସମୟ ପରେ ଆଉଜଣେ ବ୍ୟକ୍ତିଙ୍କୁ ଆଣି ନାବାଳିକା ସହ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିଥିଲା। ନାବାଳିକା ଜଣକ ରାଜି ନ ହେବା ସହ ଘଟଣା ବିଷୟରେ ବନ୍ଧୁଙ୍କୁ ଜଣାଇଥିଲେ। ବନ୍ଧୁ ଜଣକ ପୁଲିସକୁ ଜଣାଇବା ପରେ ଖାରବେଳ ନଗର ଥାନା ହୋଟେଲରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ ମହେନ୍ଦ୍ରକୁ ଗିରଫ କରିଥିଲା।

ଗତକାଲି ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିବା ବେଳେ ଆଜି କୋର୍ଟରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଆଧାରରେ କୋର୍ଟରେ ମାଜିଷ୍ଟ୍ରେଟ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ସେ କେଉଁଠାରୁ ରହୁଥିଲେ, କିପରି ମହେନ୍ଦ୍ର ସହ ପରିଚୟ ହେଲା, କେଉଁ ଉଦ୍ଦେଶ୍ୟରେ ମହେନ୍ଦ୍ର ତାଙ୍କୁ ହୋଟେଲକୁ ଆଣିଥିଲା ଓ ଆଣିବା ପରେ କଣ କରିବାକୁ ଚାପ ପକାଉଥିଲା, ନାବାଳିକା ତାଙ୍କ ବୟାନରେ କହିଛନ୍ତି। ଖାରବେଳ ନଗର ଥାନା ପୁଲିସ ହୋଟେଲ ଆରାଧା ରେସିଡେନ୍ସିକୁ ଯାଇ ତଦନ୍ତ କରିଛି। ହୋଟେଲର ଓୟୋ ପଞ୍ଜୀକରଣ, ବିଏମସି ଅନୁମତି ଅଛି କି ନାହିଁ, ସେନେଇ ଖୋଳତାଡ଼ କରିଛି। ଏଥିସହିତ ହୋଟେଲ କର୍ତ୍ତୃପକ୍ଷଙ୍କୁ ତତ୍ ସମ୍ବନ୍ଧୀୟ କାଗଜପତ୍ର ମଗାଯାଇଛି। ହୋଟେଲର ଭିଜିଟର୍ ରେଜିଷ୍ଟ୍ରେସନ ଯାଞ୍ଚ କରିଛି ପୁଲିସ। ନାବାଳିକା ହୋଟେଲକୁ ଆସିବା ସମୟରେ ତାହା ରେଜିଷ୍ଟରରେ ଉଲ୍ଲେଖ ହୋଇଥିଲା କି ନାହିଁ ଖୋଳତାଡ଼ କରିଛି। ରେଜିଷ୍ଟର ଯାଞ୍ଚ ସମୟରେ ଚାଞ୍ଚଲ୍ୟ କର କଥା ପୁଲିସ ଜାଣିବାକୁ ପାଇଛି। ହୋଟେଲଟି ସରାଇ ଆପରେ ରେଜିଷ୍ଟ୍ରେସନ ହୋଇ ନ ଥିବା ଜଣାପଡ଼ିଛି। ଅପରାଧୀମାନେ ରାଜଧାନୀର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସରେ ରହି ସହରରେ ଲୁଟ୍, ଛିନତାଇ, ହତ୍ୟାକାଣ୍ଡ ଭଳି ଅପରାଧ ଘଟାଉଛନ୍ତି। ହୋଟେଲ ରହୁଥିବା ଅତିଥିଙ୍କ ତଥ୍ୟ ପୁଲିସ ପାଖରେ ରହୁ ନ ଥିବାରୁ ସେମାନେ ସହଜରେ ଅପରାଧ ଘଟାଇ ଅନାୟାସରେ ଖସି ଯାଉଛନ୍ତି।

### କାହିଁକି କରୁନାହାନ୍ତି ସରାଇ ପଞ୍ଜୀକରଣ

ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ପାଇବା ପାଇଁ ୪ ବର୍ଷ ପୂର୍ବେ କମିସନରେଟ ପୁଲିସ ପକ୍ଷରୁ ସରାଇ ଆପ୍ ଲଞ୍ଚ୍ କରିଥିଲା। ଏହାକୁ ହୋଟେଲ, ଲଜ୍ ଓ ଗେଷ୍ଟହାଉସ୍ କର୍ତ୍ତୃପକ୍ଷ ଡାଉନ୍‌ଲୋଡ୍ କରିବେ ଓ ପ୍ରତ୍ୟେକ ଦିନ ପରିଚୟପତ୍ର ସହ ଗ୍ରାହକଙ୍କ ବିବରଣୀ ଦାଖଲ କରିବାର ନିୟମ ରହିଛି। କିନ୍ତୁ ରାଜଧାନୀରେ ଖୋଲିଥିବା ଅନେକ ହୋଟେଲ୍ ଏବଂ ଲଜ୍ କର୍ତ୍ତୃପକ୍ଷ ଏ ସରାଇ ଆପ୍‌ର ବ୍ୟବହାର କରୁ ନାହାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଆଦୌ ସରାଇ ଆପ୍ ବିଷୟରେ ଜାଣି ନ ଥିବା ବେଳେ ବାକି କିଛି ହୋଟେଲ୍ ଏବଂ ଲଜ୍ ମାଲିକ ଏହାର ଅପ୍‌ଲୋଡ୍ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ଏଥିରେ ତଥ୍ୟ ଅପ୍‌ଲୋଡ୍ କରିବା ଜଟିଳ ହୋଇଥିବାରୁ ଅଧିକାଂଶ ହୋଟେଲ୍ ମାଲିକ ଏଥିରେ ତଥ୍ୟ ଦେଉ ନାହାନ୍ତି ବୋଲି ଅଭିଯୋଗ ହେଉଛି। ସେପଟେ ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ହାଇ ଆଲର୍ଟ ଜାରି କରାଯାଇଛି। ପୁଲିସ, ଗୁଇନ୍ଦା ଓ ଏନ୍‌ଆଇଏ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ା ନଜର ରଖାଯାଇଛି। ଏଭଳି ପରିସ୍ଥିତିରେ ରାଜଧାନୀର ଛାତି ଉପରେ ଥିବା ହୋଟେଲ ସରାଇ ଆପରେ ପଞ୍ଜୀକରଣ ନ କରିବା କମିସନରେଟ ପୁଲିସ ଉପରକୁ ଆଙ୍ଗୁଳି ଉଠାଇଛି।



# ଆସ ବୁଲିଯିବା ବାଲିଯାତ୍ରା









## ବାଲିଯାତ୍ରାରେ ବଲିଉଡ୍ ସାଂସ୍କୃତିକ ସନ୍ଧ୍ୟା

# ମନ କିଣିନେଲା ଶ୍ରେୟାଙ୍କ 'ମନ ପାରା'ରେ ..



**କଟକ,୧୩।୧୧(ସମିସ):**

ମନ ପାରାରେ ଶ୍ରୀକ୍ଷେତ୍ରେ ଜିବୁ ଉଡ଼ି ଉଡ଼ି କି...ଏଠି ଘୁମୁରିଲେ କି ଲାଭ ପାଇବୁ...ଗଲାଣି ତୋ ପର ଝଡ଼ି.. ମନ ପାରାରେ ଶ୍ରୀକ୍ଷେତ୍ରେ ଜିବୁ ଉଡ଼ି ଉଡ଼ି କି...ଭଳି ଆଧ୍ୟାତ୍ମିକ ଭଜନ ଶ୍ରେୟା'ଙ୍କ କଣ୍ଠରୁ ଭାସି ଆସିଥିଲା। ଭଜନ ସମ୍ରାଟ୍ ଭିକାରୀ ବଳ ଗାଇଥିବା ଏହି ଗୀତକୁ ଶ୍ରେୟା ଯେତେବେଳେ ବୈଷ୍ଣବ ପାଣି ମଞ୍ଚରେ ଭେଟି ଦେଇଥିଲେ, ସେତେବେଳେ ତମାମ ପଡ଼ିଆରେ ଏକ ଆଧ୍ୟାତ୍ମିକ ବାତବରଣ ଖେଳି ଯାଇଥିଲା। ଏହାପରେ ଐତିହାସିକ ବାଲିଯାତ୍ରାର ଶେଷ ଦିନରେ ବଲିଉଡ୍‌ର ମେଲୋଡି କ୍ୟୁଇନ୍ ତଥା ଭାରତର ସର୍ବାଧିକ ଲୋକପ୍ରିୟ ମହିଳା ପ୍ରଚ୍ଛଦପଟ୍ଟ ଗାୟିକା ଶ୍ରେୟା ଘୋଷାଲ୍‌ଙ୍କ କଣ୍ଠରୁ ଗୋଟିଏ ପରେ ଗୋଟିଏ ଭାସି ଆସିଥିଲା ରୋମାଣ୍ଟିକ୍ ହିଟ୍ ନମ୍ବର। ବୈଷ୍ଣବ ପାଣି ମଞ୍ଚ ତଳେ ହଜାର ହଜାର ସଂଖ୍ୟାର ଦର୍ଶକ ତାଙ୍କୁ ଚାହିଁ ରହିଥିଲେ। ଗହଳି ଏତେ ବଢ଼ିଥିଲା ଯେ, ସମ୍ଭାଳିବା କଷ୍ଟକର। ଏହି ଭିଡ଼କୁ ଟପି ଶ୍ରେୟାଙ୍କ ସଂଗୀତ ଭାସି ଯାଉଥିଲା ତମାମ କଟକକୁ। ମଞ୍ଚରେ ପ୍ରଥମେ ଶ୍ରେୟା ମାଇକ୍ ଧରି କହିଥିଲେ, କଟକ..କେମିତି ଅଛନ୍ତି? ଲଭ୍ ୟୁ କଟକ..ମୁଁ କଟକ ଆସିକି ବହୁତ ଭଲ ଲାଗିଲା। ମୁଁ ସମସ୍ତଙ୍କୁ ଭଲପାଏ... ଏସିଆ ମହାଦେଶର ସର୍ବବୃହତ ମୁକ୍ତକାଶ ବାଣିଜ୍ୟ ମେଳାକୁ ଆସି ମୁଁ ଗର୍ବିତ ବୋଲି ଶ୍ରେୟା କହିବା ପରେ ଆରମ୍ଭ କରିଥିଲେ ସଂଗୀତ। 'ତେରି ମେରି ପ୍ରେମ କହାନୀ', 'ସୁନ ରହା ହେ ନା ତୁ', 'ଅଗର ତୁମ୍ ମିଲ ଜାଓ', 'ପଲ୍ ପଲ୍ ହର ପଲ୍', 'ମେରେ ଢୋଲନା', 'ମନ୍‌ୱା ଲାଗେ', 'ଡୋଲା ରେ ଡୋଲା' ଭଳି ଏକାଧିକ ହିଟ୍ ନମ୍ବର ସେ ଦର୍ଶକଙ୍କୁ ଭେଟି ଦେଇଥିଲେ। ଓଡ଼ିଆ ଗୀତ ଗାଇ ସମସ୍ତଙ୍କ ହୃଦୟକୁ କିଣି ନେଇଥିବା ଶ୍ରେୟା ଉଭୟ ଓଡ଼ିଆ ଓ ଆଧୁନିକ ଗୀତ ଗାଇ ବିପୁଳ ଭଲ ପାଇବା ସାଉଣ୍ଟିଥିଲେ।

> **'ଲଭ୍ ୟୁ କଟକ.. ମୁଁ ସମସ୍ତଙ୍କୁ ଭଲପାଏ'**

ଅନ୍ୟପଟେ ଶ୍ରେୟାଙ୍କ ମ୍ୟୁଜିକ ଟ୍ରୁପ୍‌କୁ ଦେଖିବାକୁ ପ୍ରବଳ ଗହଳି ଲାଗିଥିଲା। ଅନେକ ଅଭିଜ୍ଞ ସଙ୍ଗୀତ ଶିଳ୍ପୀ, ସାଉଣ୍ଡ ଇଞ୍ଜିନିୟର, ଲାଇଟିଂ ଡିଜାଇନର ଓ ଟେକ୍ନିକାଲ ଟିମ୍ ଶ୍ରେୟାଙ୍କ କାର୍ଯ୍ୟକ୍ରମକୁ ଚମତ୍କାର କରି ଗଢ଼ି ତୋଳିଥିଲେ। ସୁଭୋଜିତ ରାୟ କି-ବୋର୍ଡ ଓ ସାଉଣ୍ଡ ଅରେଞ୍ଜମେଣ୍ଟରେ ସତ୍ୟଜିତ ତଲୱାର୍, ଡ୍ରମ୍ ଓ ପରକସନ୍‌ରେ ଦିପ୍ତି ମିଶ୍ର ଗିଟାର ଓ ବେସ୍‌ରେ ଆନନ୍ଦ ଜୋସୀ ମଞ୍ଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେହିପରି କଣ୍ଠଶିଳ୍ପୀ ପାୟଲ ମିଶ୍ର ଓ ରୋହିତ ସିଂହ ଶ୍ରେୟାଙ୍କ ସହିତ ଗୀତ ଗାଇଥିଲେ। ସାଉଣ୍ଡ ଇଞ୍ଜିନିୟର ଅମିତ ଘୋଷ ଓ ଲାଇଟିଂ ଓ ଷ୍ଟେଜ୍ ଡିଜାଇନର ସଞ୍ଜୟ ମହାନ୍ତି କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପ୍ରସ୍ତୁତ କରିଥିଲେ।

ସନ୍ଧ୍ୟା ସାଢ଼େ ସାତଟାରେ ଆରମ୍ଭ ହୋଇଥିବା ଶ୍ରେୟାଙ୍କ କାର୍ଯ୍ୟକ୍ରମ ଦେଖିବାକୁ ବାଲିଯାତ୍ରା ପଡ଼ିଆ ଲୋକାରଣ୍ୟରେ ପରିଣତ ହୋଇଯାଇଥିଲା। ମଞ୍ଚରେ ଶ୍ରେୟାଙ୍କ ପ୍ରବେଶ ମାତ୍ରେ ହଜାର ହଜାର ଦର୍ଶକଙ୍କ ଗୁଞ୍ଜରି ଯାଇଥିଲା। ଦର୍ଶକମାନେ ମୋବାଇଲ ଆଲୋକ ଜଳାଇ ତାଙ୍କୁ ସାଥ୍ ଦେଇଥିଲେ। ସମଗ୍ର ବାଲିଯାତ୍ରା ପଡ଼ିଆରେ ସୁର, ଆଲୋକ ଓ ଉଲ୍ଲାସର ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା।

## ମୋହିତ କଲା ଭୁବନେଶ୍ୱର ବାଲିଯାତ୍ରା



**ନନ୍ଦନକାନନ, ୧୩।୧୧(ସମିସ):** ମୋହିତ କରୁଛି ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ। ଲକ୍ଷ ଲକ୍ଷ ନୂଆ ନୂଆ ଦର୍ଶକ ଏଠାକୁ ଛୁଟି ଆସୁଛନ୍ତି। ଥରେ ଯିଏ ଆସିଛି ଭୁବନେଶ୍ୱର ବାଲିଯାତ୍ରାର ମୋହରେ ପଡି ବହୁ ସଂଖ୍ୟାରେ ବାରମ୍ବାର ବି ଆସି ବାଲିଯାତ୍ରାର ମଜା ନେଉଛନ୍ତି। ବାଲିଯାତ୍ରାରୁ ବିଭିନ୍ନ ପ୍ରକାର ଖାଦ୍ୟ ନେଇ କୁଆଖାଇ ନଈ ପଠା ବାଲିରେ ଅନ୍ଧାରିଆ ଜାଗାରେ ବସି ମଜା ଉଠାଉଛନ୍ତି। ଚାଁହୁ ଚାଁହୁ ୭ମ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ନବମ ସନ୍ଧ୍ୟାରେ ପହଞ୍ଚି ଥିଲେ ବି ଏହାର ଆକର୍ଷଣ ବଢ଼ି ବଢ଼ି ଚାଲିଛି। ନବମ ସନ୍ଧ୍ୟା ଗୁରୁବାର ପଡ଼ିଥିବା ବେଳେ ଦର୍ଶକଙ୍କ ଭିଡ଼ ପୂର୍ବ ଦିନ ଗୁଡିକ ଭଳି ଜୋରସୋର ରହିଥିଲା। ନବମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ଓଡ଼ିଶା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଆଜି ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭୁବନେଶ୍ୱର ବାଲିଯାତ୍ରାର ଉତ୍ତୋରତର କାମନା କରିଥିଲେ। ଭୁବନେଶ୍ୱର ବାଲିଯାତ୍ରା ମୁଖ୍ୟମଞ୍ଚରେ ଅସୀମା ପଣ୍ଡା ଝଲମଲ କରିଦେଇଥିଲେ। ଭୁବନେଶ୍ୱର ବାଲିଯାତ୍ରା ହେଲା ଝଲମଲ, ଏ ଫୁଲ କହ ଥରେ, ଓଷଧ ନେଇ ଆ ଯାନିଆ,ତୋ ଗାଲର କଳାଯାଇ ମୋ ହୃଦୟରେ,ରସବତୀ ଆଲୋ ରସବତୀ,ଛଇ ଛମକି ମହୁଲ କସି,ଚୋରା ପୀରତି ଅଡୁଆ ମୋତେ,ଥିମ ରସିଆ ରସିଆ,ଲାଲ ଟହ ଟହ ଦେଇ ଗୋଲାପ କଲୁ ବଦନାମ,ଜିଏଫ ବନେଇ ଦେଲା ରେ ଜିଗର ବାଲା,ନଈ ପାଣି ଖଲ ଖଲ, ମୋତେ ନିଦ ଆସୁଥିଲା, ରିମ ଝିମ ପାନି ବର୍ଷୁ ଥିଲା,ଆଦି ଗୀତ ତାଳେ ତାଳେ ଗାୟି ଟୋକାଙ୍କୁ ବେତାଳିଆ କରିଦେଇଥିଲେ। ଅସୀମାଙ୍କ ସହ ସେଲ୍ଫି ନବାକୁ ଟୋକା ମାନଙ୍କ ଭିତରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ବିଧାୟକ ବାବୁ ସିଂ, ମନ୍ମଥ ରାଉତରାୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ବରିଷ୍ଠ ମୁଖ୍ୟ ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ବରିଷ୍ଠ ଉପଦେଷ୍ଟା ଅଶୋକ ପାତ୍ର, ଜୀବନ ବଡୁ, କୋଷାଧକ୍ଷ ସଞ୍ଜୟ ସାହୁ, କର୍ପୋରେଟର ମୋନାଲିସା ବେହେରା, ମିହିର କୁମାର ରାଉତ, ବିନୋଦ ସାହୁ, ସନ୍ତୋଷ ନାଥ, ଅନୁପ ଖୁଣ୍ଟିଆ, ବିରେନ୍ଦ୍ର ଜେନା, ପ୍ରଦୀପ୍ତ ପରିଡା, ତପନ ଦାଶ, ବିଜୟ ମଲ୍ଲିକ, ମନୋଜ ଦାସ, ଅକ୍ଷୟ ପରିଡା, ନବ କିଶୋର ବାରିକ, ଜିତେନ୍ଦ୍ର ସାସମଲ, ହିରୋ ରାଉତ, ଲଛମନ ପଡ଼ିଆରୀ, କାହ୍ନୁ ମହାନ୍ତି, ଅବଜକିଶୋର ନାୟକ, ଅଜୟକୁମାର ଜେନା, ଦିବାକର ସାହୁ, ନିରଞ୍ଜନ ସାହୁ, କୃଷ୍ଣପ୍ରିୟା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ ଓ କର୍ପୋରେଟର ଯଶୋଧାରା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡା, ମୋନାଲିସା ବେହେରା ଉପସ୍ଥିତ ଥିଲେ। ଦ୍ୱିତୀୟ ମଞ୍ଚରେ ପାରମ୍ପରିକ ନୃତ୍ୟ ଗୀତ ବିଭିନ୍ନ ଦଳଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ମଞ୍ଚକୁ ଉଦଘୋଷାକ ରଙ୍କନିଧି, ରାଉତ,ସନ୍ତୋଷ ତ୍ରିପାଠୀ,ବିରଞ୍ଚି ତ୍ରିପାଠୀ,ଦିପକ ତ୍ରିପାଠୀ,ମିଟୁ ତ୍ରିପାଠୀପ୍ରମୁଖ ପରିଚାଳନା କରିଥିଲେ।

### ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍ତରୋତ୍ତର କାମନା କଲେ

## ଝଲମଲ କଲେ ଅସୀମା

## ସରିଲା ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ

# ୮ ଦିନରେ ୫ କୋଟି ବ୍ୟବସାୟ





**ଧଉଳି,୧୩।୧୧(ସମିସ):** ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବର ଦ୍ୱିତୀୟ ସଂସ୍କରଣ ଇତିମଧ୍ୟରେ ଶେଷ ହୋଇଛି। ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ ହୋଇଥିଲେ ମଧ୍ୟ ଦୁଇ ଦିନ ଦୋକାନ ବଜାର ଖୋଲା ରହିବାକୁ ସ୍ଥିର କରାଯାଇଛି। ୮ ଦିନ ଧରି ଚାଲିଥିବା ଏହି ବାଲିଯାତ୍ରାରେ ବ୍ରେକ ଡ୍ୟାନ୍ସ, ରାମଦୋଳି, ମିକି ମାଉସ ଆଦି ପିଲାଙ୍କ ମନୋରଞ୍ଜନ ଧର୍ମୀ ଖେଳ ଦୋକାନ ଖୋଲା ଯାଇଥିବା ବେଳେ ମୁଡି ମଟନ, ଚକୁଳି, ଆଇସକ୍ରିମ, ଚିକେନ, ରୋଲ, ଚାଓମିନ, ମଥୁରା କେକ୍ ଆଦି ଖାଦ୍ୟ ଷ୍ଟଲ ଖୋଲା ଯାଇଥିଲା। ସେହିପରି ଘରୋଇ ଉପକରଣ ସାମଗ୍ରୀ ସପିଙ୍ଗ ମଲ ଖୋଲାଯାଇଥିବା ବେଳେ ମନୋହାରୀ ଦୋକାନ ଖୋଲାଯାଇଛି। ମହିଳାମାନଙ୍କ ବିଭିନ୍ନ ଷ୍ଟେସନାରୀ ଷ୍ଟଲ ମଧ୍ୟ ଖୋଲାଯାଇଥିଲା। ସେହିପରି କୁଆଖାଇ ନଦୀରେ ବୋଟିଙ୍ଗର ମଜା ନେଇଥିଲେ ଦର୍ଶକ। ଏହି ୮ ଦିନରେ ବାଲିଯାତ୍ରା ଦେଖିବାପାଇଁ ଆଖପାଖ ୫୦ ଗୋଟି ଗାଁରୁ ଦେଖଣାହାରିଙ୍କ ଭିଡ଼ ଲାଗିରହିଥିଲା। ଏପରିକି ଭୁବନେଶ୍ୱରର କିଛି ଅଞ୍ଚଳର ଲୋକେ ଏହି ବାଲିଯାତ୍ରା ଦେଖିବାକୁ ଆସିଥିଲେ। ପ୍ରତିଦିନ ନାମୀଦାମୀ କଳାକାରଙ୍କ ଦ୍ୱାରା ପରିବେଷଣ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ମେଳା ବୁଲିଥିଲେ। କମିସନରେଟ ପୁଲିସ, ୭ ବାଟାଲିୟନ ସେଲ୍ଫ ଡିଫେନ୍ସ, ଅଗ୍ନିଶମ ବାହିନୀ, ଘରୋଇ ସିକୁରିଟି ଗାର୍ଡ ସଂସ୍ଥାରୁ ୫୦ ଜଣ ଗାର୍ଡ, ୨୦ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀରୁ ୨୦୦ ମହିଳା ଭାଲ୍ୟୁଣ୍ଟର, ଆଖପାଖ ପଞ୍ଚାୟତରୁ ପ୍ରାୟ ୩୦୦ରୁ ଅଧିକ ଯୁବ ଭାଲ୍ୟୁଣ୍ଟର ଆଦି ଉକ୍ତ ବାଲିଯାତ୍ରାରେ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରିଥାନ୍ତି। ଏହି ମେଳାରେ ପାଖାପାଖି ୨୦୦ ଟି ଷ୍ଟଲ ଖୋଲା ଯାଇଥିଲା। ୮ ଦିନରେ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଏହାର ଆୟୋଜକ ସୂଚନା ଦେଇଛନ୍ତି। ଆଗାମୀ ବର୍ଷ ଅଧିକ ଷ୍ଟଲ ଖୋଲିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଆୟୋଜକ କହିଛନ୍ତି।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

ସକାଳ
THE SAKALA

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ସହିତ ଭାରତ କେବେ ବି ରାଜନୀତି କିମ୍ବା ସାଲିସ୍ କରିନାହିଁ।
-ଅଟଳ ବିହାରୀ ବାଜପେୟୀ

## ବନ୍ଦୋବସ୍ତ ସଂସ୍କାର

ଜମିଜମା ପ୍ରସଙ୍ଗ ଜନସାଧାରଣ ଓ ସରକାର(ରାଜା ଓ ପ୍ରଜା) ଉଭୟଙ୍କ ପାଇଁ ଏକ ଜଞ୍ଜାଳ। କିନ୍ତୁ ଏ ସମ୍ପର୍କିତ ପ୍ରଚଳିତ ଆଇନ୍ କାନୁନ, ନୀତି ନିୟମ ଅନାବଶ୍ୟକ ଭାବେ ଏତେ ଜଟିଳ ଯେ ଏଥିଯୋଗୁଁ ଏହାଦ୍ୱାରା ଜମି କ୍ରେତା ଓ ବିକ୍ରେତା ହନ୍ତସନ୍ତ ହେବା ସହିତ ବିଭିନ୍ନ କୋର୍ଟକଚେରିରେ ମାମଲା ବୋଝ ବଢ଼ିଚାଲିଛି। ଏଥିସହିତ ସରକାର ମଧ୍ୟ ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଜମି ମାଲିକଙ୍କ ନାମରେ ଜମିର ମାଲିକାନା ରେକର୍ଡଭୁକ୍ତ ବା ପଟ୍ଟା ପ୍ରଦାନ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ସଂଶୋଧନ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ସୁଖର କଥା ରାଜ୍ୟ ସରକାର ସେ ଦିଗରେ ଆନ୍ତରିକତା ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ 'ଓଡ଼ିଶା ସର୍ଭେ ଆଣ୍ଡ ସେଟଲ୍‌ମେଣ୍ଟ ରୁଲ୍‌ସ'କୁ ସଂଶୋଧନ କରିବା ପାଇଁ ଆଗତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହା କ୍ୟାବିନେଟ୍ ମଞ୍ଜୁରୀ ପାଇ ସରକାରୀ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବା ପରେ କାର୍ଯ୍ୟକାରୀ ହେବା ପାଇଁ ଆଉ କିଛିଦିନ ଲାଗିପାରେ। ତେବେ ସରକାରୀ ଇଚ୍ଛାଶକ୍ତି ବଳରେ ତାହା ମଧ୍ୟ ଅଚିରେ ସମ୍ଭବ। ଯାହା ଆଦୌ ହେଉନଥିଲା ତାହା ଏବେ ହେବାକୁ ଯାଉଥିବାରୁ କିଛି ସମୟ ପ୍ରତୀକ୍ଷା କଲେ ମନ୍ଦ ନୁହେଁ।

ଜମିଜମା ରେକର୍ଡ ମାମଲା ମଧ୍ୟରୁ ସବୁଠାରୁ ଜଟିଳ ହେଉଛି ବନ୍ଦୋବସ୍ତ ଶିବିର ବା ସେଟଲ୍‌ମେଣ୍ଟ କ୍ୟାମ୍ପ ସହିତ ଜଡ଼ିତ ଆନୁଷଙ୍ଗିକ ପ୍ରସଙ୍ଗ। ପ୍ରଚଳିତ ନିୟମ ଅନୁସାରେ ବନ୍ଦୋବସ୍ତ କ୍ୟାମ୍ପରେ ଦୀର୍ଘବର୍ଷର ଜମିର ସ୍ୱତ୍ୱାଧିକାର ସଂଶୋଧନ ହେବାର ବ୍ୟବସ୍ଥା ଥିବା ବେଳେ ଯଦି କେହି କ୍ରେତା କ୍ୟାମ୍ପ ବିଷୟରେ ଜାଣିପାରୁ ନାହାନ୍ତି ତେବେ ତାଙ୍କୁ ରାଜସ୍ୱ ପରିଷଦ ଓ ସଂଶୋଧନ ଅଦାଲତରେ ଆବେଦନ କରିବାକୁ ପଡୁଛି। ଏହି ପ୍ରକ୍ରିୟାଟି ଏତେ ଜଟିଳ ଯେ ଏଥିରେ କ୍ରେତା ବା ପକ୍ଷଭୁକ୍ତ କୋର୍ଟକୁ ଦୌଡ଼ି ଓକିଲଙ୍କ ପିଛା ଖର୍ଚ୍ଚ କରି କରି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଥିବା ବେଳେ ସରକାରଙ୍କ ଅଯଥା କୋର୍ଟ, ବିଚାରପତି, କର୍ମଚାରୀ, ଅଧିକାରୀ ଆଦି ନିଯୁକ୍ତି, ଦରମା ବାବଦ ଖର୍ଚ୍ଚ ବୋଝ କେବଳ ବଢ଼ିବା ହିଁ ସାର ହେଉଛି। ଏପରିକି ସେଟଲ୍‌ମେଣ୍ଟ କୋର୍ଟରେ କାର୍ଯ୍ୟରତ ପୂର୍ବତନ ବିଚାରପତି ଓ ଅଧିକାରୀ, ପୂର୍ବତନ ତହସିଲ୍‌ଦାର ଓ ଜିଲ୍ଲାପାଳ, ଉପଜିଲ୍ଲପାଳସ୍ତରୀୟ ଅଧିକାରୀମାନେ ମଧ୍ୟ ଅବସର ପରେ ସରକାରୀ କ୍ଷମତା ନଥିବାରୁ ଏପରି ମାମଲାରେ ଧନ୍ଦି ହେଉଥିବା ଦେଖାଯାଉଛି। ସାଧାରଣ ଲୋକଙ୍କ କଥା କଣ କହିବା? ଏଥିରେ ନା ତ ସରକାରଙ୍କ ନା ଲୋକଙ୍କର କାହାର କିଛି ଲାଭ ହେଉନାହିଁ। କେବଳ ଓକିଲଙ୍କ ପାଇଁ ଏହା ଆୟର ଏକ ସୁଗମ ରାସ୍ତା ହୋଇପାରିଛି।

ଯେଉଁମାନେ ଅଜ୍ଞାନବଶତଃ ସେଟଲ୍‌ମେଣ୍ଟ କ୍ୟାମ୍ପ ବିଷୟରେ ଜାଣିପାରୁନାହାନ୍ତି ସେମାନଙ୍କ ଆବେଦନର ବିଚାର ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ହୋଇଯିବା କଥା। କିନ୍ତୁ ପ୍ରଚଳିତ ନିୟମଟି ଏତେ ଜଟିଳ ଯେ ଥରେ କ୍ୟାମ୍ପ ଉଠିଗଲା ପରେ ତା'ପୂର୍ବରୁ କିଣାବିକା ହୋଇଥିବା ଜମିଜମାର ମାଲିକାନାସ୍ୱତ୍ୱ ଫଏସଲା ଅଧିକାର ତହସିଲଦାରଙ୍କ ହାତରୁ ଚାଲିଯାଉଛି କିମ୍ବା ପୁନଃ କ୍ୟାମ୍ପ ବସିବା ପର୍ଯ୍ୟନ୍ତ ଘୁଞ୍ଚିଯାଉଛି। ତେଣୁ କ୍ରେତାମାନେ ବାଧ ହୋଇ ଓକିଲ ଜରିଆରେ ରାଜସ୍ୱ ପରିଷଦର ଦ୍ୱାରସ୍ଥ ହେଉଛନ୍ତି। ଆଉ ସେଟଲ୍‌ମେଣ୍ଟ କ୍ୟାମ୍ପ ହେବ ନାହିଁ ବୋଲି ସରକାରୀ ନିଷ୍ପତ୍ତି ହେବା ପରେ ପରିଷଦର କୋର୍ଟମାନଙ୍କରେ ମାମଲା ବୋଝ ଏତେ ବଢ଼ିଗଲାଣି ଯେ ତାହା ଫଏସଲା ହେବା ବେଳକୁ କେତେ ସମୟ ଲାଗିବ ତାହା ଈଶ୍ୱରଙ୍କୁ ଜଣା। କେବଳ ପ୍ରଚଳିତ ବ୍ୟବସ୍ଥାର ସାମାନ୍ୟ ସଂଶୋଧନରେ ଯେ ଏତେ ବଡ଼ ସମସ୍ୟାର ସମାଧାନର ହୋଇପାରନ୍ତା ତାହା ବୋଧହୁଏ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଜାରି ରଖିଛନ୍ତି।

ସୁଖର କଥା ସରକାର ଜନସାଧାରଣଙ୍କ ଏହି ମାର୍ମିକ ବେଦନା ଅନୁଭବ କରି ମହତ୍ ପଦକ୍ଷେପଟିଏ ନେବାକୁ ଯାଉଛନ୍ତି, ଯାହା ରାଜ୍ୟ ଜମିଜମା ବନ୍ଦୋବସ୍ତରେ ଐତିହାସିକ ସାବ୍ୟସ୍ତ ହେବ। ଏଣିକି ବନ୍ଦୋବସ୍ତ ପୂର୍ବରୁ କିଣାବିକା ହୋଇଥିବା ଜମିଜମା ସଂକ୍ରାନ୍ତୀୟ ସ୍ୱତ୍ୱାଧିକାର ପାଇଁ ମଧ୍ୟ କ୍ରେତା ତହସିଲ୍ କାର୍ଯ୍ୟାଳୟରେ ଆବେଦନ କରିପାରିବେ ଏବଂ ସମ୍ପୃକ୍ତ ତହସିଲଦାର ସେଥିପାଇଁ କ୍ଷମତାପ୍ରାପ୍ତ ହେବେ। କିନ୍ତୁ ଜମିଜମା ରେକର୍ଡ ଓ ସ୍ୱତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ନିର୍ବାହ କରନ୍ତି ରାଜସ୍ୱ ନିରୀକ୍ଷକ ବା ଆରଆଇମାନେ। ଏହି ତୃଣମୂଳସ୍ତରୀୟ ରିପୋର୍ଟକୁ ତହସିଲ୍‌ଦାରମାନେ ଆଖିବୁଜି ଗ୍ରହଣ କରିନିଅନ୍ତି। ତେଣୁ ଆରଆଇମାନଙ୍କୁ ସନ୍ତୁଷ୍ଟ କରିବାରେ ଅକ୍ଷମତା କିମ୍ବା ଅଜ୍ଞାନତା କାରଣରୁ ଜମିମାଲିକ ବା କ୍ରେତା ଆବଶ୍ୟକ ସଠିକ୍ ଦଲିଲ୍ ପ୍ରମାଣପତ୍ର, ଦସ୍ତାବେଜ୍ ଥାଇ ମଧ୍ୟ ବର୍ଷ ବର୍ଷ ଧରି ନ୍ୟାୟ ପାଇପାରୁନାହାନ୍ତି। ଏହି ସ୍ତରଟି ଯେପରି ସ୍ୱଚ୍ଛ, ଦକ୍ଷ ଓ ସମୟାନୁସାରୀ ହୋଇପାରିବ ତା' ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଲେ ସଂଶୋଧିତ ଜମିଜମା ଆଇନ ଯୁଗାନ୍ତକାରୀ, ବାସ୍ତବବାଦୀ ଓ ଲୋକହିତୈଷୀ ହୋଇପାରିବ।

ଏଠାରେ ଆଉ ଏକ ଆଇନଗତ ଜଟିଳତା ବିଷୟରେ ଆମେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ଯେଉଁ କ୍ରେତାମାନେ ରାଜସ୍ୱ ପରିଷଦ ବା ରିଭିଜନ୍ କୋର୍ଟରେ ମାମଲା ଦାଖଲ ବା ଆବେଦନ କରିସାରିଛନ୍ତି ସେମାନେ ସଂଶୋଧିତ ନିୟମାବଳୀ କାର୍ଯ୍ୟକାରୀ ହେବା ପରେ ତହସିଲ୍‌ଦାରଙ୍କ ଇଜିଲାସରେ ପୁନଃଆବେଦନ କରିପାରିବେ କି ନାହିଁ ସେ ବିଷୟରେ ସରକାର ନିଷ୍ପତ୍ତି ନେଇ ଗେଜେଟ୍ ବିଜ୍ଞପ୍ତିରେ ସ୍ପଷ୍ଟ କଲେ ଆହୁରି ଭଲ ହେବ। କାରଣ ଅଦାଲତ ଆଇନର ଜଟିଳ ଶବ୍ଦକାନନ ଘେରା ଏକ ଅଞ୍ଚଳ। ଆଇନର ଶବ୍ଦ ଏତେ ଜଟିଳ ଓ କୁଟିଳ ଯେ ଯିଏ ଯେମିତି ବୁଝିଲା ଏବଂ ବୁଝାଇ ପାରିଲା ସେହି ଅନୁଯାୟୀ ଦାବି ହାସଲ୍ କରିନେଲା। ବନ୍ଦୋବସ୍ତ ବ୍ୟବସ୍ଥା ସରଳୀକରଣ ସହିତ ଏ ଦିଗଟିକୁ ମଧ୍ୟ ସରଳ ଓ ସ୍ପଷ୍ଟ କରିବା ପାଇଁ ସରକାରଙ୍କୁ ଅନୁରୋଧ। ଆଇନର ଶବ୍ଦ ବୁଝିପାରୁନଥିବା ଏବଂ ଧାର କରଜ କରି ଜମି କିଣିଥିବା ଅଶିକ୍ଷିତ ଓ ଅଳ୍ପଶିକ୍ଷିତମାନେ ଓକିଲଙ୍କ ଦେୟ ଦେଇପାରୁନଥିବା ବେଳେ କଷ୍ଟାର୍ଜିତ ଜମି ଖଣ୍ଡିକ ନିଜ ନାଁରେ କରିପାରୁନାହାନ୍ତି। ସେମାନେ ଯେତେ ଦହଗଞ୍ଜ ହେଉଛନ୍ତି ତାହା ଭୁକ୍ତଭୋଗୀ ହିଁ ଜାଣେ। ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ, ଗୋଟିଏ ଟେବୁଲ୍‌ରୁ ଆଉ ଗୋଟିଏ ଟେବୁଲ୍ ପାଖକୁ ଚାବିଦିଆ ଖେଳନା ପରି ବିବଶ ହୋଇ ଧାଇଁବା ବ୍ୟତୀତ ସେମାନଙ୍କ ପାଖରେ ସାହା ଭରସା କେହି ନାହାନ୍ତି କି ଗୁହାରି ଶୁଣିବା ପାଇଁ ଉଚ୍ଚପଦାଧିକାରୀଙ୍କ ପାଖରେ ବେଳ ନାହିଁ। ତେଣୁ ସଂଶୋଧିତ ନିୟମର ଭାଷା ଏତେ ସରଳ ହେଉ ଯେ ତାହା ଜଣେ ଅଳ୍ପଶିକ୍ଷିତ ବୁଝିପାରିବ ଏବଂ ଦୀର୍ଘବର୍ଷ ଧରି ବଳବତ୍ତର ରହି ଏକ ଉଦାହରଣ ସୃଷ୍ଟି କରିବ।

## ଉଚ୍ଚଶିକ୍ଷିତଙ୍କ ଆତଙ୍କବାଦ

ସାଧାରଣତଃ କୁହାଯାଏ ବେକାରୀ, ଅଶିକ୍ଷା, କୁପରିବେଶ, କୁସଙ୍ଗ ଆଦି କାରକ ଉଗ୍ରବାଦ, ଆତଙ୍କବାଦ, ଚରମପନ୍ଥୀବାଦକୁ ଜନ୍ମ ଦିଏ। କ୍ରମାଗତ ନିର୍ଯ୍ୟାତନା, ଲାଞ୍ଛନା, ଅପମାନ, ଅବହେଳା ଓ ଅନ୍ୟାୟର ପ୍ରଭାବରେ ଜଣେ ପ୍ରତିଶୋଧପରାୟଣ ହୋଇ ହିଂସାର ପଥ ଆବୋରି ନିଏ ଏବଂ ଆତଙ୍କବାଦୀ ହେବାକୁ ବାଧ୍ୟ ହୁଏ। କିନ୍ତୁ ପିଏଚଡି ଡିଗ୍ରୀଧାରୀ ଆଇଏସଆଇଏସ ମୁଖ୍ୟ ଅବୁ ବକର ଅଲ-ବାଗଦାଦିଠାରୁ ଆରମ୍ଭ କରି ଅଲ-କାଏଦାର ଡାକ୍ତର ଅୟମାନ ଅଲ-ଜୱାହିରୀ, ସିଭିଲ ଇଞ୍ଜିନିୟରିଂରେ ସ୍ନାତକଡିଗ୍ରୀଧାରୀ ଓସାମା ବିନ୍ ଲାଦେନ ଏବଂ ସମ୍ପ୍ରତି ନୂଆଦିଲ୍ଲୀରେ ଆତ୍ମଘାତୀ କାରବୋମା ବିସ୍ଫୋରଣ ଘଟାଇଥିବା ଡାକ୍ତର ଉମର ଉନ୍ ନବି, ଧରାପଡ଼ିଥିବା ଅନ୍ୟ ଚାରିଜଣ ଡାକ୍ତରଙ୍କ କାର୍ଯ୍ୟକଳାପକୁ ତର୍ଜମା କଲେ ଉପରୋକ୍ତ ଧାରଣା ଭୁଲ୍ ସାବ୍ୟସ୍ତ ହୁଏ। ବିଶ୍ୱର ସବୁଠାରୁ ଭୟଙ୍କର ଏହି ଉଗ୍ରବାଦୀ ନେତାମାନେ ଉଚ୍ଚଶିକ୍ଷିତ, ତାଲିମପ୍ରାପ୍ତ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଡିଗ୍ରୀଧାରୀ। ଏଭଳି ଉଚ୍ଚଶିକ୍ଷିତ ମାନେ କିଭଳି ନାରକୀୟ କାଣ୍ଡ ରଚନା କରିପାରନ୍ତି, ବିଶେଷକରି ଜୀବନରକ୍ଷା ପାଇଁ ଶପଥ ନେଉଥିବା ଡାକ୍ତରମାନେ ଯେ ନରସଂହାର ପାଇଁ ବ୍ରତୀ ହୋଇପାରନ୍ତି ତାହା ସତତ ଅବିଶ୍ୱସନୀୟ। ବିଶ୍ୱର କୌଣସି ମତ, ପନ୍ଥ, ଧର୍ମ ଓ ସମ୍ପ୍ରଦାୟ ଏହାକୁ ସ୍ୱୀକୃତି ଦିଏ ନାହିଁ କି ସମର୍ଥନ କରେନାହିଁ। କିନ୍ତୁ ଏଭଳି ଅଭୂତପୂର୍ବ ଘଟଣାମାନ ଘଟି ଚାଲିଥିବାରୁ ମାନବ ସଭ୍ୟତାର ଗତି କେତେ ଅସ୍ଥିର ଓ ଭବିଷ୍ୟତ କେତେ ଅସୁରକ୍ଷିତ ତାହା ଅକ୍ଲେଶବହୁତ ଅନୁମେୟ।

ନୂଆଦିଲ୍ଲୀ କାରବୋମା ବିସ୍ଫୋରଣ ଭାରତଭୂମିରେ ଆତଙ୍କ, ଆତଙ୍କବାଦ ଓ ଆତଙ୍କବାଦୀର ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପନ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ଆମକୁ ଚେତାଇ ଦେଉଛି ଯେ ଆତଙ୍କ ଓ ଆତଙ୍କବାଦୀ ଆମେ ପରିକଳ୍ପନା କରୁଥିବା ଚେହେରା ନେଇ ଆସେ ନାହିଁ। ଆମେ ଚାରିପାଖରେ ରହୁଥିବା ଆମର ଆତ୍ମୀୟ, ଏପରିକି ସବୁଠାରୁ ବିଶ୍ୱସ୍ତମାନେ, ସମାଜକୁ ନୈତିକ ଶିକ୍ଷା ଦେଉଥିବା ଧର୍ମଗୁରୁମାନେ, ନାଗରିକ ଗଠନରେ ସମର୍ପିତ ଶିକ୍ଷକମାନେ, ଧର୍ମାନୁଷ୍ଠାନରେ ପ୍ରତିଦିନରେ ସାକ୍ଷାତ ହେଉଥିବା ସାଧୁଶ୍ରେଣୀୟ ବ୍ୟକ୍ତିମାନେ, ଆମ ସହିତ ସକାଳ ସନ୍ଧ୍ୟାରେ ପାଦ ମିଳାଇ ଚାଲୁଥିବା ଓ ଦୁଃଖସୁଖ ବାଣ୍ଟୁଥିବା ନମ୍ର, ଧୀର ଓ ମିଷ୍ଟଭାଷୀମାନେ, ଅସମୟରେ ଆମ ପାଖରେ ଠିଆ ହୋଇଥିବା ଓ ଅଯାଚିତ ଭାବେ ସହାୟତାର ହାତ ବଢ଼ାଇ ଦେଉଥିବା ଦୟାଳୁ,



ପରୋପକାରୀ ଭଦ୍ରବ୍ୟକ୍ତିମାନେ, ଜଟିଳ ସମସ୍ୟାର ସରଳ ସୂତ୍ର ବତାଇ ଦେଉଥିବା ବିଦ୍ୱାନମାନେ ମଧ୍ୟ ଯେ ଆତଙ୍କବାଦୀ ହୋଇପାରନ୍ତି ଏହି ଅବିଶ୍ୱସନୀୟତାକୁ ଗ୍ରହଣ କରିନେବା ପାଇଁ ଆମେ ଆମର ମାନସିକତା ଓ ଧାରଣାକୁ ପରିବର୍ତ୍ତନ କରିବାକୁ ପଡ଼ିବ।

ଆତଙ୍କବାଦ ଓ ଆତଙ୍କବାଦୀ ଇତିହାସରେ ଏଭଳି ଅନେକ 'ହ୍ୱାଇଟ୍ କଲାର ଟେରରିଷ୍ଟ' ବା 'ଉଚ୍ଚଶିକ୍ଷିତ ଆତଙ୍କବାଦୀ'ଙ୍କ କାହାଣୀ ରହିଛି, ଯାହା ମାନବତା ପରି ଶବ୍ଦକୁ ସ୍ୱତଃ ଲଜ୍ଜିତ କରିବା ପାଇଁ ଯଥେଷ୍ଟ। କାନ୍ଦାହାର ବିମାନ ଅପହର୍ତ୍ତା, ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କ ଅପହର୍ତ୍ତା ଓ ହତ୍ୟାକାରୀ ଓମାର ସୟଦ୍ ସେଖ୍ ମଧ୍ୟ ଥିଲେ ଅର୍ଥନୀତିରେ ଉଚ୍ଚଶିକ୍ଷିତ। ୯/୧୧ ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ବିମାନର ମୁଖ୍ୟ ଅପହରଣକାରୀ ମହମ୍ମଦ ଆଟ୍ଟା କାଇରୋ ବିଶ୍ୱବିଦ୍ୟାଳୟରେ 'ସ୍ଥାପତ୍ୟ ଓ ନଗର ଯୋଜନା' ବିଷୟରେ ଡିଗ୍ରୀ ହାସଲ କରିବା ପରେ ହାମବର୍ଗରେ 'ନଗର ଯୋଜନା'ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଅନ୍ୟତମ ଅପହର୍ତ୍ତା ମାରୱାନ ଅଲ-ଶେହି ଜର୍ମାନୀରେ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ ଏବଂ ଜିଆଦ ଜାରାହ ହାମବର୍ଗ ଆପ୍ଲାଏଡ୍ ସାଇନ୍ସ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ଆଇଏସ୍‌ଆଇଏସ୍ ତା'ର ସଦସ୍ୟ ଭାବେ ମୁଖ୍ୟତଃ ୟୁକେ, ସୁଦାନ ଆଦି ଅଞ୍ଚଳରେ ରହୁଥିବା ଡାକ୍ତର ଓ ଡାକ୍ତରୀଛାତ୍ରମାନଙ୍କୁ ଗ୍ରହଣ କରିଥାଏ। ତାମିଲ ଗରିଲା ଏଲ୍‌ଟିଟିଇର ସଦସ୍ୟମାନଙ୍କ ମଧ୍ୟରେ ଅନେକ ବରିଷ୍ଠ ନେତା, ସ୍ନାତକ, ଶିକ୍ଷକ ଓ ଇଞ୍ଜିନିୟର ଥିଲେ ଏବଂ ଏହାର ଆତ୍ମଘାତୀ ବାହିନୀ ପ୍ରାୟତଃ ସେମାନଙ୍କ ବିଦ୍ୟାଳୟସ୍ତରରେ ଉତ୍କର୍ଷ ହାସଲ କରିଥିଲେ। 'ଆଇରିଶ ରିପବ୍ଲିକାନ୍ ଆର୍ମି' ବିଶ୍ୱବିଦ୍ୟାଳୟ ଛାତ୍ର, ସରକାରୀ କର୍ମଚାରୀ ଏବଂ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥିଲା, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ଏକ ବୈଧ ରାଜନୈତିକ ସଂଘର୍ଷ କରୁଛନ୍ତି।

ଭାରତରେ ୧୯୮୦ ଦଶକର ଖଲିସ୍ତାନୀ ସଂଗଠନରେ ଡାକ୍ତର, ସରକାରୀ କର୍ମଚାରୀ, ପଞ୍ଜାବ ଓ ଦିଲ୍ଲୀର କଲେଜ୍ ପଢୁଆମାନେ ସାମିଲ୍ ଥିଲେ। ଡାଲ ଖାଲସା ପ୍ରତିଷ୍ଠାତା ଗଜିନ୍ଦର ସିଂହ ୧୯୮୧ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଅପହରଣର ନେତୃତ୍ୱ ନେଇଥିଲେ। ମୃଦୁଭାଷୀ, ପଠନପ୍ରିୟ ଗଜିନ୍ଦରଙ୍କ ମତରେ ଅପହରଣ ଏକ ଅପରାଧ ନୁହେଁ, ବରଂ ଖଲିସ୍ତାନ ଆନ୍ଦୋଳନର ସେବାରେ ଏକ ନୈତିକ କାର୍ଯ୍ୟ। ପୁଲ୍‌ୱାମା ଆତ୍ମଘାତୀ ବିସ୍ଫୋରଣର ସମ୍ପର୍କୀୟମାନଙ୍କ ଜୀବନଶୈଳୀ ଅତ୍ୟୁଚ୍ଚ ଧନୀଙ୍କ ଠାରୁ କମ୍ ନଥିଲା।

ଏଭଳି ଶିକ୍ଷିତ ଆତଙ୍କବାଦୀଙ୍କ ପାଖରେ ଥିଲା ହିଂସାକୁ କର୍ତ୍ତବ୍ୟ ଭାବରେ ପ୍ରତିପାଦନ କରିବାର ଅଦମ୍ୟ ଉତ୍ସାହ, ନିଷ୍ଠା, ଆନ୍ତରିକତା ଓ ଦୃଢ଼ ମନୋବଳ। ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଶକ୍ତିଶାଳୀ ପୃଷ୍ଠଭୂମି ମଧ୍ୟ ମିଳିଯାଉଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଭଳି ଉଚ୍ଚଶିକ୍ଷିତ ଓ ସମ୍ମାନଜନକ ବୃତ୍ତିଧାରୀମାନେ ହିଂସାର ପଥକୁ ଆବୋରି ନିଅନ୍ତି କାହିଁକି? ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ମୌଳବାଦୀକରଣ ଉପରେ ଗବେଷଣା କରୁଥିବା ରାଜନୈତିକ ମନସ୍ତତ୍ତ୍ୱବିତ୍ ଡକ୍ଟର ଫାଥାଲି ମୋଘାଦମଙ୍କ କହିବା ଅନୁଯାୟୀ, 'ମୌଳବାଦୀକରଣ କେବଳ ଦାରିଦ୍ର୍ୟ କିମ୍ବା ଅଜ୍ଞତାରେ ଜନ୍ମ ହୁଏ ନାହିଁ। ଏହା ସେତେବେଳେ ଘଟେ ଯେତେବେଳେ ଲୋକମାନେ ନୈତିକ ଭାବରେ ଅପମାନିତ, ସାମାଜିକ ଭାବରେ ଅସମ୍ମାନିତ ଏବଂ ରାଜନୈତିକ ଭାବରେ ଅବହେଳିତ ଅନୁଭବ କରନ୍ତି। ଶିକ୍ଷିତ ବ୍ୟକ୍ତିମାନେ ମାନସିକସ୍ତରରେ ପ୍ରାୟତଃ ଅଧିକ ଦୁର୍ବଳ। ତେଣୁ ହିଂସା ସେମାନଙ୍କ ମନରେ ବିନାଶ ନୁହେଁ ବରଂ ଉଦ୍ଦେଶ୍ୟର ଏକ କାରକ ଭାବେ ପ୍ରବେଶ କରେ। ବିଦ୍ୱାନ ଅରୁଣ କୁନ୍ଦନାନି ତାଙ୍କ ପୁସ୍ତକ 'ଦି ମୁସଲିମ୍‌ସ ଆର କମିଂ! ଇସଲାମୋଫୋବିଆ, ଏକ୍ସଟ୍ରିମିଜିମ୍ ଆଣ୍ଡ ଦି ଡୋମେଷ୍ଟିକ୍ ୱାର୍ ଅନ୍ ଟେରର୍' ରେ ଉଲ୍ଲେଖ କରିଛନ୍ତି ଯେ କାହିଁକି ମୌଳିବାଦକରଣ ବା ଚରମପନ୍ଥା 'ଅକସ୍ମାତ୍ ମାନସିକ ଦୁର୍ବଳତାର ଏକ କାରକ' ନୁହେଁ ବରଂ 'ରାଜନୈତିକ ପ୍ରସଙ୍ଗରେ ଏକ ରାଜନୈତିକ ପ୍ରତିକ୍ରିୟା'। ଆଉ କେତେକ ବିଦ୍ୱାନଙ୍କ ମତରେ ଅନୁଭୂତ ଅନ୍ୟାୟ ପ୍ରତି ନୈତିକ ଆକ୍ରୋଶ, ବ୍ୟକ୍ତିଗତ କିମ୍ବା ରାଜନୈତିକ ଆଘାତ ଦ୍ୱାରା ସୃଷ୍ଟି ହୋଇଥିବା ଜ୍ଞାନାତ୍ମକ ପରିପ୍ରକାଶ, ମୌଳିକ ଚିନ୍ତାଧାରାକୁ ସମର୍ଥନ ମିଳୁଥିବା କଠୋର ସମକକ୍ଷ ମଞ୍ଚ, ସମ ବିଚାରଧାରାର ନିଶ୍ଚିତତା, ସମଆଗ୍ରହ ଆଦି ଉଚ୍ଚଶିକ୍ଷିତ ଆତଙ୍କବାଦର କାରଣ।

ଏବେ ମୂଳ ଓ ବାସ୍ତବ ପ୍ରଶ୍ନ ହେଉଛି ଉପରୋକ୍ତ ଉଚ୍ଚଶିକ୍ଷିତମାନେ କାହିଁକି ବିଶ୍ୱାସ କରିନେଲେ ଯେ ଆତଙ୍କବାଦର ପଥ ହିଁ ସର୍ବାଧିକ ଉଚିତ। ଏହି ପ୍ରଶ୍ନର ଉତ୍ତର ଗୁରୁତ୍ୱର ସହ ଖୋଜିବାକୁ ପଡ଼ିବ। ଏହା କେବଳ ମନସ୍ତତ୍ତ୍ୱବିତ୍‌ଙ୍କ ଦାୟିତ୍ୱ ନୁହେଁ; ଏହା ସମାଜଶାସ୍ତ୍ରୀ, ନୀତି ନିର୍ଦ୍ଧାରକ ସର୍ବୋପରି ଜନସାଧାରଣଙ୍କ ନୈତିକ ଦାୟିତ୍ୱ। ଆତଙ୍କବାଦର ଏହି ପରିବର୍ତ୍ତିତ ପରିଭାଷା କେବଳ ରାଷ୍ଟ୍ରର ସୁରକ୍ଷା ଓ ଅଖଣ୍ଡତା ପ୍ରତି ଏକ ବିପଦ ନୁହେଁ, ବରଂ ମାନବତା ଓ ମାନବ ସଭ୍ୟତା ପ୍ରତି ନୈତିକ ଆହ୍ୱାନ।

(ସକାଳ ମିଡିଆ ସର୍ଭିସ୍)

## ଭୋଟରଙ୍କ ମାନସିକତା ବଦଳୁଛି

ଡ. ବିମଳ ଷଡ଼ଙ୍ଗୀ

ଜାତିଗତ ଭେଦଭାବକୁ ଆୟୁଧ କରି ନିର୍ବାଚନ ଜିତିଥିବା ଡୋନାଲ୍ଡ ଟ୍ରମ୍ପଙ୍କ ତୃତୀୟ ପ୍ରୟାସକୁ ସଚେତନ ଆମେରିକା ଭୋଟର ନ୍ୟୁୟର୍କ ସହରରେ ଭାଙ୍ଗି ଚୁରମାର କରିଛନ୍ତି। ଘୃଣା, ଦ୍ୱେଷ, ଆତ୍ମପ୍ରଚାର, ଅହଂକାର ଜଣେ ହୀନ ରାଜନେତାର ପରିଚୟ, ଯାହାକୁ ଆଜି ପ୍ରମାଣ କରିଛନ୍ତି ନ୍ୟୁୟର୍କର ସଚେତନ ଜନତା। ୨୦୨୫, ନଭେମ୍ବର ମାସରେ ୩୪ ବର୍ଷୀୟ ଅଗ୍ନିବର୍ଷୀ ଗଣତାନ୍ତ୍ରିକ ସମାଜବାଦୀ ଜୋହରାନ୍ କ୍ୱାମେ ମାମଦାନି ନ୍ୟୁୟର୍କ ସହରର ଇତିହାସର ଦ୍ୱିତୀୟ ସର୍ବକନିଷ୍ଠ ମେୟର ଭାବରେ ବିଜୟ ହାସଲ କରିଛନ୍ତି। ଭାରତୀୟ ହିନ୍ଦୁ ମାତା ତଥା ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଏବଂ ଉଗାଣ୍ଡା ମୁସଲିମ ପିତା ଶିକ୍ଷାବିତ୍ ମହମ୍ମଦ ମାମଦାନିଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ପ୍ରବାସୀ ଯୁବନେତା କେବଳ ନିର୍ବାଚନ ଜିତି ନାହାନ୍ତି, ବରଂ ଟ୍ରମ୍ପବାଦ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛନ୍ତି।

ନିର୍ବାଚନ ପ୍ରଚାର ସମୟରେ ମାମଦାନୀଙ୍କୁ ମୁସଲିମ, ନ୍ୟୁୟର୍କକୁ ନଷ୍ଟ କରିବାକୁ ଆସିଥିବା ବାମ ମୌଳବାଦୀ, ଆମେରିକୀୟ ବିରୋଧୀ, ଧର୍ମ ବିରୋଧୀ ଆଦି ଆଖ୍ୟାଦେଇ ତିରସ୍କାର କରିବାକୁ ପଛାଇ ନଥିବା ଟ୍ରମ୍ପଙ୍କୁ ନିର୍ବାଚନ ଫଳାଫଳ ମାଧ୍ୟମରେ ଉତ୍ତର ଦେଇଥିଲେ ମାମ୍‌ଦାନୀ। ବିଜୟୀ ପ୍ରାର୍ଥୀ ଟ୍ରମ୍ପଙ୍କ ରାଜନୀତିର ବିପରୀତ ମୂଲ୍ୟବୋଧକୁ ଆୟୁଧ କରିଥିଲେ। ଟ୍ରମ୍ପ ଦୃଢ଼ ଜାତୀୟତାବାଦ, ରକ୍ଷଣଶୀଳ ପରିଚୟ ଏବଂ ଆକ୍ରମଣାତ୍ମକ ଭାଷଣବାଜି ଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବେଳେ ମାମଦାନୀ ନିଜକୁ ମୁସଲିମ ବୋଲି ପରିଚୟ ଦେବା ସହିତ ପ୍ରଗତିଶୀଳ ନୀତି ଏବଂ ପ୍ରବାସୀଙ୍କୁ ସମାନ ଅଧିକାର, ଧର୍ମନିରପେକ୍ଷତା ଏବଂ ନୂତନ ଦିଗଦର୍ଶନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପଙ୍କୁ ଖରାପ ନକହି ତାଙ୍କ ପ୍ରଚଳିତ ନୀତିକୁ ବିରୋଧ କରିଥିଲେ, ଯାହା ପ୍ରମାଣ କରିଥିଲା ଯେ ଅନେକ ଆମେରିକୀୟ ବିଶେଷକରି ସହରଗୁଡ଼ିକରେ ଥିବା ଶିକ୍ଷିତ ଭୋଟର ଟ୍ରମ୍ପଯୁଗର ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଯୁବ ଭୋଟରଙ୍କ ଅଧିକ ଭାଗୀଦାରୀରେ ନିର୍ବାଚନରେ ପାଖାପାଖି ୨ ନିୟୁତ ଭୋଟ ମିଳିଥିଲା ଯାହା ଦଶନ୍ଧି ମଧ୍ୟରେ ନ୍ୟୁୟର୍କର ମେୟର ନିର୍ବାଚନରେ ସର୍ବାଧିକ ଭୋଟଦାନ ଥିଲା। ଏହା ପ୍ରମାଣ କରିଥିଲା ଯେ ବଡ଼ ସହରଗୁଡ଼ିକରେ ଗୃହ ନିର୍ମାଣରେ ବର୍ଦ୍ଧିତ ଖର୍ଚ୍ଚ, ବ୍ୟୟବହୁଳ ଦୈନନ୍ଦିନ ଖର୍ଚ୍ଚ, ଧର୍ମନିରପେକ୍ଷତାର ବିରୋଧ, ଶ୍ରମିକଙ୍କ ସମ୍ମାନହାନି ଓ ଅସୁରକ୍ଷିତ ପ୍ରବାସୀ ନୀତିଗୁଡ଼ିକର କୁପରିଣାମ ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା। ତେଣୁ ସେମାନେ ଟ୍ରମ୍ପ ଓ ଟ୍ରମ୍ପ ନୀତିକୁ ବିରୋଧ କରିଥିଲେ ଏବଂ ନୂଆ ଭାବନା ଓ ନୂଆ ନେତୃତ୍ୱକୁ ଜିତାଇବାକୁ ମନସ୍ଥ କରିଥିଲେ।

ନ୍ୟୁୟର୍କ ଭଳି ବହୁ-ସଂସ୍କୃତି ସହରରେ ଅଳ୍ପସଂଖ୍ୟକ ଓ ପ୍ରବାସୀମାନଙ୍କର ସ୍ୱର ଶକ୍ତିଶାଳୀ ହେଉଛି, ଯାହା ଦର୍ଶାଉଛି ଯେ ସମାଜିକ ଅସମାନତା ବିଷୟରେ ଲୋକ ଅଧିକ ସଚେତନ। ତତ୍‌ସହିତ ପ୍ରଗତିଶୀଳ ରାଜନୀତିର ଉଦୟ ହୋଇଛି। ଆମେରିକାର ରାଷ୍ଟ୍ରପତି ରୂପେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ତାଙ୍କର ଅସଲ ଚେହେରା ପଦାକୁ ଆସିଥିଲା। ପରିବାରବାଦ, ଭୟ ସୃଷ୍ଟି, ବେକାରୀ, ଦରଦାମ ବୃଦ୍ଧି ସହିତ ଆନ୍ତର୍ଜାତିକ ସ୍ତରରେ ଆମେରିକାର କ୍ଷୁର୍ଣ୍ଣ ରୂପ, ଭୁଲ ବୈଦେଶିକ ନୀତି, ଶିକ୍ଷାର ପ୍ରଗତିରେ ବାଧା, ନ୍ୟାୟିକ ବ୍ୟବସ୍ଥାରେ ହସ୍ତକ୍ଷେପ, ପରବାରବାଦ, ଗଣମାଧ୍ୟମକୁ ନିଜ ଇଚ୍ଛାରେ ବ୍ୟବହାର ଆଦି ଟ୍ରମ୍ପନୀତିର ବିରୋଧ ଏବଂ ମାମଦାନୀଙ୍କ ବିଜୟ ଏକ ଜାତୀୟ ଜନମତକୁ ସୂଚାଉଛି।

ମମଦାନୀଙ୍କ ବିଜୟ ବିଶ୍ୱକୁ ବାର୍ତ୍ତା ଦେଇଛି ଯେ ଆକ୍ରମଣାତ୍ମକ ରାଜନୀତି, ଜାତି ଜାତି ବିରୁଦ୍ଧରେ ବିଭେଦ ସୃଷ୍ଟି କରିବା, ଭ୍ରଷ୍ଟାଚାର, ବ୍ୟକ୍ତିଗତ ଆକ୍ଷେପକୁ ଭୋଟର ନାପସନ୍ଦ କରିଛନ୍ତି। ଦଳୀୟ ପରିଚୟ ଠାରୁ ଲୋକଙ୍କ କାମ ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଲୋକମାନେ ଏବେ ଶାନ୍ତି ଚାହୁଁଛନ୍ତି। ବାଦବିବାଦ, ଟ୍ୱିଟର ରାଜନୀତି, ସଂସ୍କୃତି ଯୁଦ୍ଧ ଆଦି ପରେ ଲୋକ ଏବେ ସ୍ଥିରତା ଓ ବିବେକୀ ନେତୃତ୍ୱକୁ ସ୍ୱାଗତ କରୁଛନ୍ତି। ଏହି ଫଳାଫଳ କେବଳ ଏକ ସହର ନିର୍ବାଚନର କଥା ନୁହେଁ, ବରଂ ସମଗ୍ର ବିଶ୍ୱର ରାଜନୀତିରେ ଚାଲୁଥିବା ଏକ ନୂଆ ପରିବର୍ତ୍ତନର ପ୍ରତିଛବି।

ଗତ ୧୦-୧୫ ବର୍ଷ ଧରି ବିଶ୍ୱର ବହୁ ଦେଶରେ ଉଚ୍ଚ ସ୍ୱରରେ ବକ୍ତୃତା, ପ୍ରଚଣ୍ଡ ଭାବନା, ଜନଆନ୍ଦୋଳନ, ଜାତିଆଣ ଭେଦଭାବ ଓ ଦେଶ ଦେଶ ବିରୁଦ୍ଧରେ ଜନତାଙ୍କୁ ଉସକେଇବା ରାଜନୀତି ବହୁତ ବୃଦ୍ଧି ପାଇଲାଣି। କିନ୍ତୁ ଏବେ ଲୋକମାନେ ବୁଝିଲେ ଯେ କେବଳ କଥାକୁହା ରାଜନୀତି ଦେଶକୁ ଚଲାଇପାରିବ ନାହିଁ। ଉନ୍ନତି, କାର୍ଯ୍ୟ ଓ ପରିଣାମ ସହିତ ଦେଶ-ବିଦେଶ ସହିତ ସୁସମ୍ପର୍କ ପାଇଁ ଲୋକେ ଇଚ୍ଛୁକ। ଲୋକମାନେ ଏବେ ପ୍ରଶ୍ନକରିବା ସହିତ ବିଭେଦ ରାଜନୀତିକୁ ଅସ୍ୱୀକାର କରୁଛନ୍ତି। ଯୁବକ ଓ ଶିକ୍ଷିତ ଭୋଟରମାନେ ସମ୍ମାନ, ସାଧାରଣ ଜୀବନ ଓ ସ୍ଥିର ଅଗ୍ରଗତି ଚାହୁଁଛନ୍ତି। ବିଶ୍ୱ ଏବେ ନାରା ଓ ଡ୍ରାମା ନୁହେଁ; ଉନ୍ନତି ଓ ଉତ୍ତରଦାୟୀତା ନେତୃତ୍ୱକୁ ସ୍ୱାଗତ କରିବାକୁ ଶ୍ରେୟ ମନେକରୁଛି।

ଭୁବନେଶ୍ୱର

## ଢୁଙ୍ଗରି ଦେବୀ ଭାବେ ପୂଜା ପାଆନ୍ତି ଅସୁରୁଣୀ ହିଡ଼ିମ୍ବା

ଓଜସ୍ୱିନୀ

ମହାଭାରତର ବର୍ଣ୍ଣନା ଅନୁସାରେ ପଞ୍ଚୁପାଣ୍ଡବ ବନବାସ ସମୟରେ ହିମାଚଳ ପ୍ରଦେଶର ମନାଲିଠାରେ କିଛିଦିନ ପାଇଁ ରହିଥିଲେ। ସେହିସ୍ଥାନରେ ହିଡ଼ିମ୍ବା ନାମକ ଜଣେ ଅସୁରୁଣୀ ଏବଂ ତାଙ୍କ ଭାଇ ହିଡ଼ିମ୍ବଙ୍କ ରାଜୁତି ଥିଲା। ହିଡ଼ିମ୍ବ ବହୁତ ବଳଶାଳୀ ଏବଂ ହିଡ଼ିମ୍ବା ତନ୍ତ୍ରମନ୍ତ୍ରର ଅଧିକାରୀଣୀ ଥିଲେ। ଏକଦା ହିଡ଼ିମ୍ବ ଖାଦ୍ୟ ସନ୍ଧାନରେ ଜଙ୍ଗଲରେ ବୁଲୁଥିବା ସମୟରେ ପଞ୍ଚୁପାଣ୍ଡବଙ୍କୁ ଦେଖି ସେମାନଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହେଲେ। କିନ୍ତୁ ଅପ୍ରତ୍ୟାଶିତ ଭାବେ ଭୀମଙ୍କ ସହ ହିଡ଼ିମ୍ବଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା। ଯୁଦ୍ଧରେ ହିଡ଼ିମ୍ବ ପରାସ୍ତ ହେଲେ। ହିଡ଼ିମ୍ବା ଭୀମଙ୍କ ବୀରତ୍ୱରେ ଅତିଶୟ ପ୍ରଭାବିତ ହୋଇ ତାଙ୍କୁ ବିବାହ କଲେ। ବିବାହ ପରେ ହିଡ଼ିମ୍ବା ମାନବୀ ରୂପରେ ପତିବ୍ରତା ଧର୍ମ ପାଳନ କରିବା ସହିତ କାଳାନ୍ତରରେ ଘୋର ତପସ୍ୟାରେ ଲୀନ ହୋଇ ଅସୁରୁଣୀରୁ ଦେବୀ ଭାବେ ଆବିର୍ଭୂତା ହେଲେ। ତପସ୍ୟା ଦ୍ୱାରା ତାଙ୍କର ସମସ୍ତ ଆସୁରିକ ଶକ୍ତି କ୍ଷୟ ହୋଇଥିଲା ଏବଂ ସେ ମନାଲିର ଆରାଧ୍ୟା ଦେବୀ ଏବଂ କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ ଉପାସିତ ହୋଇ ଆସୁଛନ୍ତି।

### ବିଚିତ୍ର ବିଶ୍ୱାସ

ଭାରତର ସବୁଠାରୁ ସୁନ୍ଦର ପର୍ଯ୍ୟଟନ ସହରର ମାନ୍ୟତା ହାସଲ କରିଥିବା ମନାଲିଠାରେ ହିଡ଼ିମ୍ବାଙ୍କୁ ସମର୍ପିତ ଏକ ପ୍ରାଚୀନ ଗୁମ୍ଫା ମନ୍ଦିର ଅଛି। ମନ୍ଦିର ଭିତରେ ଥିବା ଏକ ପ୍ରାକୃତିକ ଚଟ୍ଟାଣର ନିମ୍ନଭାଗରେ ଦେବୀ ହିଡ଼ିମ୍ବାଙ୍କ ଆସ୍ଥାନ ରହିଛି। ଏଠାରେ ମା'ଙ୍କର ପଦଚିହ୍ନର ପୂଜା କରାଯାଏ। ଏହି ସ୍ଥାନରେ ହିଡ଼ିମ୍ବା ଦେବତ୍ୱ ଲାଭ କରିଥିଲେ ବୋଲି ବିଶ୍ୱାସ ରହିଆସିଛି। ସ୍ଥାନୀୟ ଭାଷାରେ ଏହି ପ୍ରାକୃତିକ ଚଟ୍ଟାଣକୁ 'ଢୁଙ୍ଗ' କୁହାଯାଉଥିବାରୁ ଏହାର ନାମାନୁସାରେ ମାତା ହିଡ଼ିମ୍ବା 'ଢୁଙ୍ଗ୍‌ରି ଦେବୀ' ଭାବେ ପୂଜା ପାଉଛନ୍ତି। ତେଣୁ କାହିଁ କେଉଁ କାଳରୁ ଆସ୍ଥାର ପ୍ରତୀକ ଭାବେ ରହିଥିବା ଏହି ମନ୍ଦିରକୁ ଭକ୍ତ ଓ ପର୍ଯ୍ୟଟକମାନେ ମାତା ହିଡ଼ିମ୍ବାଙ୍କ ଆଶୀର୍ବାଦ ନେବା ପାଇଁ ଆସିଥା'ନ୍ତି।

ହିଡ଼ିମ୍ବା ମାତାଙ୍କ ମନ୍ଦିର ପାଗୋଡ଼ା ଶୈଳୀରେ ନିର୍ମିତ। ଦେବଦାରୁ ଗଛରେ ପରିପୂର୍ଣ୍ଣ ଏହି ଅଞ୍ଚଳ ଏବଂ ମନ୍ଦିରର ଶୋଭା ତୁଷାରପାତ ସମୟରେ ଦ୍ୱିଗୁଣିତ ହୋଇଥାଏ। ମନ୍ଦିରରେ ଥିବା ଏକ ଶିଖାଲେଖ ଅନୁସାରେ ଏହି ମନ୍ଦିରକୁ କୁଲ୍ଲୁ ରାଜ୍ୟର ଶାସକ ରାଜା ବାହାଦୂର ସିଂ ନିର୍ମାଣ କରିଥିଲେ। ତିନୋଟି ଛାତ ବିଶିଷ୍ଟ ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦେବଦାରୁର ମଞ୍ଜକାଠରେ ନିର୍ମାଣ କରାଯାଇଛି ଏବଂ ମନ୍ଦିରର ଭିତର ପାର୍ଶ୍ୱ ଏବଂ ମୁଖ୍ୟଦ୍ୱାରରେ କାଠ ଉପରେ କରାଯାଇଥିବା କାରୁକାର୍ଯ୍ୟ ବେଶ୍ ମନମୁଗ୍ଧକର। ମନ୍ଦିରର ସର୍ବୋଚ୍ଚ ଛୋଟ ଛାତ ଉପରେ ତମ୍ବା ଓ ପିତଳ ମିଶ୍ରିତ ଆଉ ଏକ ତ୍ରିଭୁଜାକାର ଛତ୍ର ରହିଛି। ବିଶ୍ୱାସ ରହିଛି ଯେ, ଶ୍ରଦ୍ଧାଳୁମାନେ ହିଡ଼ିମ୍ବା ମାତାଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କଲେ ତାଙ୍କର ସବୁ ଦୁଃଖକଷ୍ଟ ଦୂର ହେବା ସହିତ ସମସ୍ତ ମନସ୍କାମନା ପୂରଣ ହୋଇଥାଏ।

ଲୋକକଥା ଅନୁସାରେ ସ୍ୱୟଂ ଶ୍ରୀକୃଷ୍ଣ ହିଡ଼ିମ୍ବା ଦେବୀଙ୍କୁ ବନବାସ ସମୟରେ ପ୍ରେରଣ କରି ଦିବ୍ୟଲୀଳା ପ୍ରକାଶ କରିଥିଲେ ଏବଂ ପରବର୍ତ୍ତି ସମୟରେ ସଂସାରର କଲ୍ୟାଣାର୍ଥେ ଦେବୀ ସ୍ୱରୂପା ହେବାର ବରଦାନ ଦେଇଥିଲେ। ମାତା ହିଡ଼ିମ୍ବା କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ କାହିଁକି ପୂଜିତା, ସେ ସମ୍ପର୍କରେ ମଧ୍ୟ ଏକ ଜନଶ୍ରୁତି ରହିଛି। ବିହଙ୍ଗମଣି ପାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱୟଂ ଦେବୀ ହିଡ଼ିମ୍ବା କୁଲ୍ଲୁର ରାଜା ହେବା ପାଇଁ ବରଦାନ ଦେଇଥିଲେ। କୁଲ୍ଲୁର ପ୍ରଥମ ଶାସକ ଭାବେ ବିହଙ୍ଗମଣି ରାଜ୍ୟଭାର ଗ୍ରହଣ କରି ରାଜା ହେଲେ ଏବଂ ତାଙ୍କଠାରୁ କୁଲ୍ଲୁ ରାଜବଂଶର ସୃଷ୍ଟି ହୋଇଥିବାରୁ ଦେବୀ ହିଡ଼ିମ୍ବାଙ୍କୁ କୁଳଦେବୀ ଭାବେ ପୂଜା କରାଯାଉଛି। ଭକ୍ତି ଓ ଶ୍ରଦ୍ଧାରେ ମାତା ହିଡ଼ିମ୍ବାଙ୍କୁ କୁଲ୍ଲୁ ରାଜବଂଶର ଜେଜେମା' ବୋଲି କୁହାଯାଉଛି। ପରମ୍ପରା ଅନୁସାରେ ଏବେ ମଧ୍ୟ କୁଲ୍ଲୁ ଦଶହରା ସମୟରେ ଡିଡ଼ିମ୍ବା ଦେବୀଙ୍କ ପ୍ରତୀକ କୁଲ୍ଲୁ ଅଞ୍ଚଳକୁ ଗମନ କରନ୍ତି ଏବଂ ସାତଦିନ ପର୍ଯ୍ୟନ୍ତ ଢାଲପୁରାସ୍ଥିତ ନିଜର ଦେବସ୍ଥାନରେ ଅବସ୍ଥାନ କରିଥା'ନ୍ତି। ହିଡ଼ିମ୍ବା ଦେବୀ ଦେବସ୍ଥାନରେ ନ ପହଞ୍ଚିବା ପର୍ଯ୍ୟନ୍ତ କୁଲ୍ଲୁ ଦଶହରାର ବିଧିବିଧାନ ଆରମ୍ଭ ହୋଇନଥାଏ।

ହିଡ଼ିମ୍ବାଙ୍କ ମନ୍ଦିରର ଅନତିଦୂରରେ ତାଙ୍କର ପୁତ୍ର ଘଟୋତ୍କଚଙ୍କ ମନ୍ଦିର ମଧ୍ୟ ଅଛି। ମାତା ହିଡ଼ିମ୍ବାଙ୍କ ଦର୍ଶନ କରିବା ପରେ ଶ୍ରଦ୍ଧାଳୁମାନେ ଘଟୋତ୍କଚଙ୍କ ଦର୍ଶନ କରିଥା'ନ୍ତି। ଅନ୍ୟଥା ମାତାଙ୍କ ଦର୍ଶନର ପୁଣ୍ୟଫଳ ମିଳିନଥାଏ ବୋଲି ବିଶ୍ୱାସ ଅଛି। ମାତା ହିଡ଼ିମ୍ବା ଓ ତାଙ୍କର ପୁତ୍ର ଘଟୋତ୍କଚ ଅସୁର ଭାବେ ଜନ୍ମ ନେଇଥିଲେ ମଧ୍ୟ ଭକ୍ତଙ୍କ ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧା ଯୋଗୁଁ ଈଶ୍ୱରୀୟ ଶକ୍ତି ଭାବେ ପୂଜା ପାଉଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବରିଷ୍ଠ କିରାଣି

## ପେନସନ କାଗଜ କରାଇବାକୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ

ଭବାନୀପାଟଣା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣୀ ଟି. ଭେଙ୍କଟ ଗିରି ରାଓ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। କିରାଣୀ ଶ୍ରୀ ରାଓ ତାଙ୍କ ସରକାରୀ କ୍ୱାର୍ଟର୍ସରେ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଟଙ୍କା ଯଥା ଶୀଘ୍ର କରିବାକୁ ଟଙ୍କା ଲାଞ୍ଚ ନେଉଥିବା ବେଳେ



ଭିଜିଲ୍ଲାନ୍ସ ହାତରେ ଧାରା ପଡିଛନ୍ତି। ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଗତ ମାର୍ଚ୍ଚ ୨୦୨୪ ରେ ଅବସର ନେଇଥିଲେ। ଦୀର୍ଘ ଦେଢ଼ ବର୍ଷ ବିତିଯିବା ପରେ ମଧ୍ୟ ପେନସନ ଫାଇଲକୁ କିରାଣୀ ଶ୍ରୀ ରାଓ ଟଙ୍କା ଆଶାରେ ରଖି ଅଭିଯୋଗକାରୀଙ୍କୁ ନିରାଶ କରୁଥିଲେ। ପ୍ରକାଶ ଯେ, ଗତ ୩୧.୦୩.୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ। ସେବେ ଠାରୁ ସେ କିରାଣୀ ରାଓଙ୍କୁ ତାଙ୍କର ପେନ୍‌ସନ୍ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ। ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଅଭିଯୁକ୍ତ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ ବରଂ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାରମ୍ବାର ବାଧ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସ ଟିମ୍‌କୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ପଟେ ଲାଞ୍ଚ ଟଙ୍କାକୁ ଫିଙ୍ଗିବା ଉଦ୍ୟମ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରିନେଲା। ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଦ୍ୱାରା ଧରା ପଡିବା ପରେ ତାଙ୍କ ଅଫିସ ସମେତ ସରକାରୀ ଘର, ବଲାଙ୍ଗିରରେ ସ୍ତ୍ରୀ ରହୁଥିବା ଭଡାଘର ଏବଂ ରାଓଙ୍କ ବ୍ରହ୍ମପୁରରେ ଥିବା ନିଜ ବାସଭବନରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଗତ ଅଗଷ୍ଟ ୨୦୧୭ ମସିହାରୁ କଳାହାଣ୍ଡିରେ ଅଭିଯୁକ୍ତ କିରାଣୀ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଢ଼ଉରେ କେଉଁଠୁ କେତେ ସମ୍ପତି ମିଳିଛି ଜଣାପଡି ନାହିଁ। ଏ ନେଇ ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରିଛି।

# ପୋଖରୀକୁ ଓଲଟିଲା କାର୍; ୨ ମୃତ



କବିସୂର୍ଯ୍ୟନଗର, ୧୩।୧୧(ସମିସ): କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ର ଗଙ୍ଗାପୁର ଠାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ପୋଖରୀ ଭିତରେ ପଶିଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳାଞ୍ଚଳ ମହାପାତ୍ର ଓ ସନ୍ତୋଷ ମହାପାତ୍ର। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତି ଯାଏ ଏକ ଇଟା ଭାଟିରେ ଭୋଜିଭାତ ଚାଲିଥିଲା। ଭୋଜି ଖାଇସାରି ଚାରି ଜଣ ସାଙ୍ଗ କାରରେ ଚିଙ୍ଗୁଡ଼ିଘାଇ ଫେରୁଥିଲେ। ଫେରିବା ବେଳେ ଗଙ୍ଗାପୁର ଗୁଡିବନ୍ଧରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ଗଙ୍ଗାପୁର ଗାଁ ପୋଖରୀ ଭିତରକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର୍ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ସ୍ଥାନ...

ଓ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡା. ଉମର ନବୀ ଏକାଧିକବାର ଲାଲ୍ କିଲ୍ଲାରେ ରେକି କରିଥିଲେ ଓ ଦୁଇଜଣ ସେଠାରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଓ ଭିଡ଼କୁ ବୁଝିବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି। ଜାନୁଆରୀ ୨୬ରେ ଲାଲକିଲ୍ଲା ଉପରେ ଆକ୍ରମଣ କରିବାକୁ ଏମାନେ ଲକ୍ଷ୍ୟ ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ ବୋଲି କୁହାଯାଇଛି।

ଏହିସବୁ ହିଂସା ପାଇଁ ତୁର୍କୀରେ ଥିବା ପାକିସ୍ତାନୀ ଆତଙ୍କୀ ନିର୍ଦ୍ଦେଶ ଦେଉଥିଲା। ଦିଲ୍ଲୀ ବି।।ସ୍ଫୋରଣରେ ମୃତ ଡ. ଉମର ନବୀ ତୁର୍କୀ ରାଜଧାନୀ ଆଙ୍କାରାରେ ରହସ୍ୟଜନକ ଭାବେ ଜଣେ ପାକ୍ ହ୍ୟାଣ୍ଡଲରଙ୍କୁ ଭେଟିଥିଲେ। ତାର ନାମ 'ଉକାସା' ଥିଲା। ଏହା ତା'ର କୋଡ୍ ନାମ ହୋଇପାରେ ବୋଲି କୁହାଯାଉଛି। ଉମର ଓ ଫରିଦାବାଦ୍ ଟେରର ମଡ୍ୟୁଲ୍‌ରେ ଗିରଫ୍ ହୋଇଥିବା ଅନ୍ୟ ସଂଦିଗ୍ଧ ସେସନ ଆପ୍ (ଏକ ଏନ୍‌କ୍ରିପ୍‌ଟେଡ ମେସେଜିଂ ପ୍ଲାଟଫର୍ମ) ଜରିଆରେ ଏହି ହ୍ୟାଣ୍ଡଲରଙ୍କ ସହ ସମ୍ପର୍କରେ ଥିଲେ। ଏହି ହ୍ୟାଣ୍ଡଲର ଓ ସଂଦୀଗ୍ଧଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ନେଇ ଯାଞ୍ଚ୍ ଏଜେନ୍ସିଗୁଡିକ ତଦନ୍ତ କରୁଛନ୍ତି। ୨୦୨୨ ମାର୍ଚ୍ଚରେ ଉମର ଓ ଆଉ କେତେକ ସଂଦିଗ୍ଧ ତୁର୍କୀ ଯାଇଥିଲେ। ଏହା ଦ୍ୱାରା ତା'ର ବ୍ରେନ୍ ୱାସ୍ ହୋଇଥିଲା ବୋଲି କୁହାଯାଉଛି।

## ଆତଙ୍କର ଜାଲ ବିଛାଉଥିଲା ଅହମ୍ମଦ ମହିଉଦ୍ଦିନ ସୟଦ

ଗୁଜରାଟ ଏଟିଏସ୍ ଡା ଅହମ୍ମଦ ମହିଉଦ୍ଦିନ ସୟଦଙ୍କୁ ଗିରଫ୍ କରିବା ପରେ ପୁଣିଥରେ ହାଇଦରାବାଦ ଆତଙ୍କବାଦ କାରଣରୁ ନଜରକୁ ଆସିଛି। ସେ ଦେଶ ବିରୋଧୀ ଗତିବିଧି ପାଇଁ ଷଡ଼ଯନ୍ତ୍ର ରଚୁଥିଲା। ସେ ସୋସିଆଲ ମିଡିଆରେ କଠୋରପନ୍ଥୀର ପରିଚୟ ହାସଲ କରିଥିଲା ଓ ଆତଙ୍କବାଦ ସହିତ ଜଡିତ ସାମଗ୍ରୀ ପୋଷ୍ଟ କରୁଥିଲା। ୨୦୦୭ରେ ଚୀନ୍ ଯାଇ ସେ ଏମ୍‌ବିବିଏସ୍ କରିଥିଲା। ୨୦୧୩ରେ ହାଇଦରାବାଦର ବିଭିନ୍ନ ହସ୍ପିଟାଲରେ ସେ ପ୍ରାକ୍ଟିସ କରୁଥିଲା। ଏହାପରେ କୋଭିଡ ପରେ ସେ ଛୋଟ ବିବ୍ୟସାୟ କରିଥିଲା। ଅନଲାଇନ ପ୍ଲାଟଫର୍ମରେ ସେ ଅବୁ ଖାଦିଜା ନାମକ ଏକ ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିଲା। ସେ ରିସିନ ଭଳି ବିଷାକ୍ତ ପଦାର୍ଥ ନେଇ ରାସାୟନିକର ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲା। ଗୁଜରାଟ ଏଟିସ ମହିଉଦ୍ଦିନ ସହ ଉତ୍ତରପ୍ରଦେଶର ଆଜାଦ ସୁଲେମାନ ଶେଖ ଓ ମହମ୍ମଦ ସୁହେଲ ସଲିମ ଖାନଙ୍କୁ ଗିରଫ କରିବା ପରେ ତଦନ୍ତ ନୂଆ ମୋଡ ନେଇଥିଲା। ବିଦେଶୀ ହ୍ୟାଣ୍ଡଲର ଅବୁ ଖାଦିଜାର ନିର୍ଦ୍ଦେଶ କ୍ରମେ ଏମାନେ କାର୍ଯ୍ୟ କରୁଥିଲେ। ଏବେ ତେଲଙ୍ଗାନା କାଉଣ୍ଟର ଇଣ୍ଟେଲିଜେନ୍ସ ସେଲ୍‌ଫ ଓ ଗୁଜରାଟ ଏଟିଏସ୍ ମିଳିତ ଭାବେ ଯାଞ୍ଚ କରୁଛନ୍ତି ଓ ଏହାପରେ ଆତଙ୍କବାଦ ନେଟ୍‌ୱର୍କରେ ଏମାନଙ୍କ ଭୂମିକା ନେଇ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ବାଲିଯାତ୍ରାରେ ଭିଡ଼...

କଣ୍ଠଶିଳ୍ପୀ ଶ୍ରେୟାଙ୍କୁ ଦେଖିବା ପାଇଁ ଅତ୍ୟଧିକ ଭିଡ଼ ଯୋଗୁଁ ଏପରି ଅଘଟଣ ଘଟିଲା। ପ୍ରଶାସିନକ ଅବ୍ୟବସ୍ଥା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅଧିକ ଅଘଟଣକୁ ଏଡ଼ାଇ ଦିଆଯାଇଛି। ବାଲିଯାତ୍ରାର ଶେଷ ସନ୍ଧ୍ୟାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

ପ୍ରକାଶ ଥାଉ କି, ଐତିହାସିକ ବାଲିଯାତ୍ରାର ଶେଷ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଚାଲିଛି ବଲିଉଡ୍ ଗାୟିକା ଶ୍ରେୟା ଘୋଷାଲଙ୍କ ଶୋ'। ଶ୍ରେୟାଙ୍କ ଗୀତରେ ଝୁମିବାକୁ ତଳ ବାଲିଯାତ୍ରା ପଡ଼ିଆରେ ପ୍ରବଳ ଭିଡ଼ ଜମିଥିବା ବେଳେ ଠେଲାପେଲାରେ ୨ ଜଣ ଅଚେତ ହୋଇ ପଡ଼ିଥିବା ସୂଚନା ମିଳିଛି। ତଳ ବାଲିଯାତ୍ରା ପଡ଼ିଆରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହୋଇଥିଲା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ। ମଞ୍ଚକୁ ଆସିବା ମାତ୍ରେ ଶ୍ରେୟା ଘୋଷାଲଙ୍କ କଣ୍ଠର ଯାଦୁରେ ମତୁଆଲା ହୋଇଥିଲେ ଦର୍ଶକ। ଶ୍ରେୟାଙ୍କ ଶୋ' ଆରମ୍ଭ ପୂର୍ବରୁ ଲୋକାରଣ୍ୟ ହୋଇ ଉଠିଥିଲା ବାଲିଯାତ୍ରା ପଡ଼ିଆ। ପ୍ରବଳ ଭିଡ଼ ଭିତରେ ଶ୍ରେୟା ଗୀତ ଗାଇବା ବେଳେ ଠେଲାପେଲା ସ୍ଥିତି ଦେଖିବାକୁ ମିଳିଛି।

## ୨୦ରୁ ଆରମ୍ଭ ହେବ...

ତେଣୁ ଚଳିତ ବର୍ଷ ଯଦି ଅନୁରୂପ ସମସ୍ୟା ସୃଷ୍ଟି ହୁଏ ତେବେ ଚାଷୀମାନେ କାହା ନିକଟରେ ଗୁହାରି କରିବେ ବୋଲି ପ୍ରଶ୍ନ ଉଠିଛି।

ଗତବର୍ଷ ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୭୭ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ୭୪ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ସରକାର ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ ସତ୍ତ୍ୱେ ୩ ଲକ୍ଷ ଟନ୍ କମ୍ ଧାନ ସଂଗ୍ରହ ହେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ଧାନ କମ କ୍ରୟ ପଛରେ ଚାଷୀ ଏକାଧିକ କାରଣକୁ ଦାୟୀ କରିଥିଲେ। କଟନୀଛଟନୀ, ଧାନର ଏଫଏକ୍ୟୁ ମାନ ନେଇ ଚାଷୀଙ୍କୁ ହଇରାଣ, ମିଲରଙ୍କ ମନମାନିକୁ ନେଇ ଚାଷୀ ହନ୍ତସନ୍ତ ହୋଇଥିବା ଓ ଏହାର ସମାଧାନରେ ଯୋଗାଣ ବିଭାଗ ବିଫଳ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ସଂଗଠିତ ହୋଇଥିବା ବେଳେ ମିଲରଙ୍କ ମନମାନିକୁ ମଧ୍ୟ ସେତେବେଳେ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଅପରପକ୍ଷେ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ଆରମ୍ଭରେ ସରକାରଙ୍କ ଅତ୍ୟନ୍ତ ଜଟିଳ ନିୟମକୁ ନେଇ ତାତିଥିଲେ ଚାଷୀ। ଏନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ନିୟମରେ କୋହଳ କରିଥିଲେ। ତେଣୁ ଏଥର ଯେପରି ଧାନ କିଣା ତ୍ରୁଟି ଶୂନ୍ୟ ହେବ, ସେ ନେଇ ସରକାର ଆଗୁଆ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅପରପକ୍ଷେ ଚଳିତ ଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଆସନ୍ତା ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ପୁନଶ୍ଚ ଚଳିତ ବର୍ଷ ୮୦ ସମବାୟ ସମିତିରେ ୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଜି ବିହାର...

ହେଉଛି ଅଧିକ ମତଦାନ ହାର। ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ହୋଇଥିବା ମତଦାନ ହାର ରହିଛି ୬୬.୯୧, ଯାହାକି ଗତ ନିର୍ବାଚନ ଅପେକ୍ଷା ୯.୬୨ ଅଧିକ। ବିହାର ବିଧାନସଭା ନିର୍ବାଚନରେ ୬୬.୯୧ ପ୍ରତିଶତ ମତଦାନ ହାର ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗିଦେଇଛି। ପ୍ରଥମ ପର୍ଯ୍ୟାୟରେ ୬୫.୦୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୬ ପ୍ରତିଶତ ମତଦାନ ହୋଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ୨୦୨୦ ନିର୍ବାଚନ (୫୭.୨୯) ତୁଳନାରେ ଏଥର ୯.୬୨ ଅଧିକ ମତଦାନ ହୋଇଛି। ଶାସକ ମେଣ୍ଟକୁ ଯେଉଁ କଥାଟି ଚିନ୍ତାରେ ପକାଇଛି, ତାହା ହେଲା ଯେ ରାଜ୍ୟ ବିଧନସଭା ନିର୍ବାଚନରେ ଯେତେବେଳେ ମତଦାନ ହାର ପୂର୍ବ ଅପେକ୍ଷା ୫ ପ୍ରତିଶତରୁ ଅଧିକ ବା କମ୍ ସେତେବେଳେ ସରକାରର ପତନ ଘଟିଛି। ଏହା ବିହାରର ନିର୍ବାଚନ ଇତିହାସ କହୁଛି। ୧୯୬୭ରେ ପୂର୍ବ ନିର୍ବାଚନ ତୁଳନାରେ ୭ ପ୍ରତିଶତ ଅଧିକ ମତଦାନ ହୋଇଥିବା ବେଳେ କଂଗ୍ରେସ ସରକାରର ପତନ ଘଟିଥିଲା। ସେହିବର୍ଷ ଅଣ-କଂ।।ଗ୍ରେସ ଦଳ ମେଣ୍ଟ ସରକାର ଗଠନ କରିଥିଲେ। ସେହିଭଳି ୧୯୮୦ରେ ପୂର୍ବ ନିର୍ବାଚନ ତୁଳନାରେ ୬.୮ ପ୍ରତିଶତ ଅଧିତ ମତଦାନ ହୋଇଥିଲା ଏବଂ କ୍ଷମତାରେ ପରିବର୍ତ୍ତନ ହୋଇଥିଲା। ୧୯୯୦ରେ ପୂର୍ବ ନିର୍ବାଚନ ତୁଳନାରେ ୫.୭ ପ୍ରତିଶତ ଅଧିକ ମତଦାନ ହୋଇଥିଲା ଏବଂ କଂଗ୍ରେସ ସରକାରର ପତନ ଘଟିଥିଲା। ଏହା ସ୍ଥାନରେ ଜନତା ଦଳ ସରକାର ଗଠନ କରିଥିଲା। ଏହି ଧାରା ଏଥର ଜାରି ରହିଲେ ସରକାର ପରିବର୍ତ୍ତନ ହେବା ନିଶ୍ଚିତ। ତେବେ ଭୋଟର ଏହି ଧାରାକୁ ଭାଙ୍ଗିଛନ୍ତି କି ନାହିଁ ତାହା ଆସନ୍ତାକାଲି ୧୪ ତାରିଖରେ ହିଁ ଜଣାପଡ଼ିବ। ସୂଚନାଯୋଗ୍ୟ ଏଥର ନିର୍ବାଚନରେ ମହିଳାମାନଙ୍କ ମତଦାନ ହାର ପୁରୁଷମାନଙ୍କ ଅପେକ୍ଷା ଅଧିକ ରହିଛି। ମହିଳାମାନଙ୍କ ମତଦାନ ହାର ୭୧.୬ % ଥିବା ବେଳେ ପୁରୁଷମାନଙ୍କ ମତଦାନ ହାର ୬୨.୮% ରହିଛି। ନୀତୀଶ କୁମାର ୨୦୧୫ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀପଦରେ ରହିଛନ୍ତି। ଏହାପୂର୍ବରୁ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଥିଲେ।

## ୭ ଡିଗ୍ରୀକୁ...

ତୁଳନାରେ ୪-୬ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହି ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଲହରୀ ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ଆହୁରି ତଳକୁ ଖସିଛି। ଏହି କ୍ରମରେ ୪ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଥିବା ବେଳେ ୯ ସହରରେ ପାରଦ ୧୨ ଡିଗ୍ରୀ ତଳେ ରହିଛି। ୭.୧ ଡିଗ୍ରୀ ସହ ସେମିଳିଗୁଡାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଜି. ଉଦୟଗିରି ୭.୪, ଦାରିଙ୍ଗବାଡି ୭.୫, ଫୁଲବାଣୀ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ୧୦.୯, ରାଉରକେଲା ୧୧.୧, ଚିପିଲିମା ୧୧.୨, କିରେଇ ୧୧.୫, ଭବାନୀପାଟଣା ୧୧.୫, ଅନୁଗୁଳ ୧୨ ଡିଗ୍ରୀ ସହ ଦ୍ୱୈତ ନଗରୀ କଟକରେ ୧୪.୬ ଏବଂ ଭୁବନେଶ୍ୱରରେ ୧୪.୧ ଡୀଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବଡ଼ କଥା ହେଉଛି ଯେ ଏଥି ମଧ୍ୟରୁ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ତାପମାତ୍ରା ଯଥେଷ୍ଟ ହ୍ରାସ ହୋଇଛି। ଭୁବନେଶ୍ୱରରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୩ ଡିଗ୍ରୀ କମ୍ ରହିଥିବା ବେଳେ ଅନୁଗୁଳରେ ୫.୮, ଝାରସୁଗୁଡ଼ାରେ ୬.୨ ଓ ଗୋପାଳପୁରରେ ତାପମାତ୍ରା ସ୍ୱାଭାବିକଠାରୁ ୫ ଡିଗ୍ରୀ କମ୍ ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ସପ୍ତାହେ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଶୁକ୍ରବାର ରାତିଠାରୁ କେତେକ ସ୍ଥାନରେ ରାତିର ତାପମାତ୍ରା ଆହୁରି କମିବ। ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ପୁରୀ, ବାଲେଶ୍ୱରରେ ଶୁକ୍ରବାର ରାତିରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୧-୩ ଡିଗ୍ରୀ ହ୍ରାସ ପାଇବ। ୧୮ ପର୍ଯ୍ୟନ୍ତ ଏହା ଅପରିବର୍ତ୍ତିତ ରହିବ। ବାଲେଶ୍ୱରରରେ ୧୪ରୁ ୧୬ ଡିଗ୍ରୀ ସହ ବ୍ରହ୍ମପୁରରେ ୧୫-୧୭ ଡିଗ୍ରୀ, ରାଉରକେଲାରେ ୧୦-୧୨ ଡିଗ୍ରୀ, ସମ୍ବଲପୁରରେ ୧୩-୧୫ ଡିଗ୍ରୀ ତାପମାତ୍ରା ରହିପାରେ। ଅନ୍ୟାନ୍ୟ ସ୍ଥାନରେ ପ୍ରାୟତଃ ଆଜିର ତାପମାତ୍ରା ଚାଲୁ ରହିବ। ଆଭ୍ୟନ୍ତରୀଣ ଅପେକ୍ଷା ଉପକୂଳରେ ତାପମାତ୍ରା ଅଧିକ କମିବ। ୧୯-୨୧ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଭୁବନେଶ୍ୱର ଏୟାରପୋର୍ଟରେ ପ୍ରତି ୩୦ ମିନିଟ ଅନ୍ତରାଳରେ ନିଆଯାଇଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ, ରାଜ୍ୟ ମଧ୍ୟକୁ ଗତକାଲି ରାତ୍ରି ୧୦ ଟା ପରଠାରୁ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଛି, ଯାହା ପ୍ରଭାବରେ ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ତଳମୁହାଁ ହେଉଛି। ଏହି ଶୁଷ୍କ ବାୟୁ ଅନେକ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ସେହିପରି ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆଗାମୀ ଦୁଇ ସପ୍ତାହ ଯାଏଁ (୧୪ ରୁ ୨୭ ତାରିଖ) ଦେଶର ବିଭିନ୍ନ ଭାଗରେ ସର୍ବନିମ୍ନ ରାତିର ତାପମାତ୍ରା କମ୍ ରହିବ। ଏହା ପ୍ରଭାବରେ ଶୀତଲହରୀର ସମ୍ଭାବନା ସୃଷ୍ଟି ହେବ। ଏହି ସମୟରେ ଓଡ଼ିଶାରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଆଇଏମ୍‌ଡି ନିଜ ଆକଳନରେ ଦର୍ଶାଇଛି।

## ମାମଲା ରୁଜୁ କଲା...

ଗିରଫ ପାଇଁ ମାନବ ସମ୍ବଳ ଓ ଆନୁଷଙ୍ଗିକ ସହଯୋଗର ଆବଶ୍ୟକତା ଥିବାରୁ ଏଥିପାଇଁ ଦିଲ୍ଲୀ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି। ୨୦୨୪ ମସିହାରେ ସମ୍ପୂର୍ଣ୍ଣ ଦେଶରେ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏଥିରେ ୧୪ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିହାର ଏବଂ ଝାରଖଣ୍ଡରୁ ଗିରଫ କରାଯାଇଥିଲା। କିଛି ଅଭିଯୁକ୍ତ ପ୍ରାଶ୍ନପତ୍ର ଲିକ୍ ମାମଲାରେ ଜେଲ ଥାଇ ମଧ୍ୟ ଏହି ରାକେଟ୍‌କୁ ଅପରେଟ୍ କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଏଣୁ ରାଜ୍ୟ ବାହାର ଅଭିଯୁକ୍ତଙ୍କ ସହ ଶଙ୍କର ପୃଷ୍ଟି ଓ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସହ କିଭଳି ସମ୍ପର୍କ ରହିଛି। ରାଜ୍ୟ ବାହାର ଗ୍ୟାଙ୍ଗ୍‌ରୁ ସେମାନେ କେଉଁ ପ୍ରକାର ସହାୟତା ପାଇଛନ୍ତି, ଏସବୁର ତଦନ୍ତ କରିବାକୁ ଭୁବନେଶ୍ୱର ସିବିଆଇ ଏହି ରାଜ୍ୟ ଗୁଡ଼ିକୁ ଯିବ। ଏହା ସହ ସିବିଆଇ ଓଡ଼ିଶା ସମେତ ରାଜ୍ୟ ବାହାରେ ଏକ ମିଳିତ ରେଡ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହି ମାମଲାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ସିଲିକନ୍‌ର ସିଇଓ ସୁରେଶ, ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ଏବଂ ସେମାନଙ୍କ ସହଯୋଗୀଙ୍କ ସମେତ ମୋଟ୍ ଗିରଫ ହୋଇଥିବା ୧୨୬ଙ୍କ ନାମ ସହ ସମସ୍ତ ତଥ୍ୟ ସିବିଆଇକୁ ହସ୍ତାନ୍ତର କରିଛି।

ଅପରପକ୍ଷେ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତ ହେଲେ ଶେଖର ସାହୁ ଓ ପ୍ରକାଶ ସାହୁ। ତେବେ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସିଲିକନ ଟେକର ମାଲିକ ସୁରେଶ ଚନ୍ଦ୍ର ନାୟକଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୦ରେ ହେବ ବୋଲି ଜଣାପଡ଼ିଛି।

SDCCB
**THE SAMBALPUR DISTRICT CO-OPERATIVE CENTRAL BANK**

Letter No. 3842 Date: 12.11.2025

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for UPS and Batteries for Various Branches & H.O. under the Sambalpur District Co-operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.bank.in. The last date for receipt of proposal is 20.11.2025, 2:00 P.M.SDCCB reserves the right to accept/reject any/all Quotation without assigning any reason thereof.

**Sd/-Chief Executive Officer**

THE SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH – 768028
Email: headoffice@sambalpurdccb.com

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ,
କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୩.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "**କପାସ କିଷାନ**" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**LOST**

By virtue of an affidavit, I, Manisha Khatua, W/o Ranjeet Kumar Dalai, Village/PO/P.S-Erasama, Dist.- Jagatsinghpur solemnly affirm that I have obtained an original sale deed no. 10392306357, dt.04.05.2023 after registration of land bearing Khata No. 686/3286, Plot No. 704/9394 of Mouza - Adalia. That unfortunately, the said sale deed has been lost somewhere while I was going to Erasama Bazar from my residence situated at Erasama on 19.10.2025. That inspite of my best effort, I could not able to trace out it. That I declare that I have not mis-utilised the said sale deed any anywhere for any purpose. If found by anybody kindly inform at my above address.

**AFFIDAVIT**

I, Ranjan Kumar Agrawala, aged about 58 years, S/o- Ramotar Agrawala, resident of Tikrapada, Po- Balangir, Ps- Town, Bolangir, Dist- Balangir, Odisha, PIN- 767001 declare by this affidavit No. 2301, dtd- 13/11/2025, that now onwards I shall be known as **RANJAN KUMAR AGRAWAL** for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 12.11.2025, I, Ahalya Kumari Jena, D/o- Bhagirathi Jena, W/o- Late Bipin Bihari Jena, permanent resident of At-154, Nuabazar, P.O.- Paradeep, P.S.- Paradeep, Dist.- Jagatsinghpur, Odisha, PIN–754142, have changed my name and surname from Ahalya Swain to Ahalya Kumari Jena. Henceforth, I shall be known as **Ahalya Kumari Jena** for all purposes.
Ahalya Kumari Jena

**NOTICE**

By virtue of an affidavit sworn before the Notary Public, Cuttack, dated 06.11.2025, I, Pratap Kumar Samantaray, S/o- Jambeswar Samantaray, resident of At- Chhakadipur, P.O.- Biribadi, P.S.- Tangi, Dist.-Khorda, Odisha, PIN–752027, have changed my name from Pratap Samantaray to Pratap Kumar Samantaray. Henceforth, I shall be known as **Pratap Kumar Samantaray** for all purposes.
Pratap Kumar Samantaray

**NOTICE**

By virtue of an Affidavit sworn before the Notary Public, Bhubaneswar, Dtd. 09/10/2025. I Kishor Chandra Rout, S/o: Late Chakradhar Rout, Resident of At: Govindapur, P.O.: Gadadhar Prasad, Via: Itamati, P.S.: Itamati, Dist.: Nayagarh, Odisha, PIN- 752068, have changed my name from Kishor Chandra Raut to **Kishor Chandra Rout** & my father's name also have changed from Chakradhar Raut to **Chakradhar Rout** & my mother's name also changed from Chhatiani Raut to **Chhatiani Rout** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 08/11/2025. I, **Panchu Bag** (applicant name), S/o Anama Bag, permanent resident of AT- Jugirata, PO- Haldi, PS- Muribahal, Dist- Balangir, (Odisha), PIN- 767037 now residing at the same place declare that I have changed my minor son's name from **Jituranjan Bag** (old name) to **Jitumani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jitumani Bag** (new name) for all future purposes.
**Panchu Bag**

**AFFIDAVIT**

I, Sujay Pattanayak, age- 45 , S/o- Shripati Pattanayak of village - Palasia, Po- Kothapada, Ps- Basta, Dist- Balasore,Odisha . declared by affidavit before In The Court of Executive Magistrate and Tahasildar,Basta No- 3345,dtd- 04/09/2025 that as per aadhar card and pan card my name is Sujay Pattanayak but my R.O.R Moza– Palasia,PS-Basta Thana no- 113,Khata no-94/19 & 94/29 recorded my name with my brothers and my name mentioned as Sujay Pattanayak S/o- Sripati Pttnayak, and khata no-94/17 & 94/51 recorded my name with my brother's name Sujay kumar Pattanayak , and Khata No- 94/16 recorded my name with my brothers and my name is mentioned Sasanka Pattanayak s/o- Sripati Kumar Pattanayak . Hence I Declared that **Sujay Pattanayak** alias **Sujay Kumar Pattanayak** alias **Sasanka Pattanayak**, S/o- **Sripati Pattanayak** alias **Shripati Pattanayak** alias **Sripati Kumar Pattanayak** is same and one person there is no other person in that name and style in above noted address for all future purpose .
Sujay Pattanayak

**AFFIDAVIT**

By virtue of an affidavit sworn before the Executive Magistrate Padampur, Dist.- Bargarh dated 11th November 2025, CF No.-05, I Atmaram Satnami aged about 33 years, S/o.- Habelal Satnami, resident of village- Sikaripali, Ps.-Jagdalpur, Block- Jharbandh, Dist.- Bargarh, Pin- 768042 hereby declares that for and on behalf of my minor daughter Hatasini Satnami. I have changed my minor doughter's name from **Htasini Satnami to Hatasini Satnami**. Hance she will be known as **Hatasini Satnami** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No. 106 on dated 11.11.2025, I Nilanchala Patro, currently resident at Pragati Vihar, Plot No-211/ 5796, Bhubaneswar, PIN- 751016 Dist- Khordha, Odisha, declare that I have changed my son's name from Rudransu Patro to Rudransh Patro. Henceforth, He shall be known as **RUDANSH PATRO** for all future purposes.
Nilanchala Patro

**AFFIDAVIT**

By virtue of an affidavit sworn before Executive Magistrate, Rayagada, dated 07/11/2025, I, P. RUVIAH resident of Village- Lelibadi, Po.- Dunduli, Ps.- Chandili, Dist.- Rayagada, Odisha vide affidavit no. 1018 dtd. 07.11.2025 declare that, I have changed my name from **RUAI PEDENTI** to **P. RUVIAH**. Henceforth, I shall be known as **P. RUVIAH** for all purposes.
Sd/- P. Ruviah

**AFFIDAVIT**

I Sarbajeet Pattnaik S/o- Late Biswanath Pattnaik resident of Patrapada PO- Dumduma Housing Board Colony PS- Bharatpur Dist- Khordha PIN-751019 Odisha declare by this affidavit No 693 dtd- 11/11/ 2025 that now onwards I shall be known as **Sarbajeet Pattanaik** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dated 13/11/2025 I Taranisen Budhia resident of Village Jampali P/O.- Tungibandhali, P/S.- Sohela, Dist.- Bargarh, Pin-768033 declare that I have changed my son name **Dev Budhia** to **Devranjan Budhia**. Henceforth he shall be known as **Devranjan Budhia** for all purpose.

**AFFIDAVIT**

By virtue of an affidavit before the Notary Public, Kodala, Ganajm, I, A Jyothi Patra, D/o- Tarakeswar Rao Nalla And W/o- A Manoja Kumar Patra, resident of Vill.- Beguniapada, P.S.- Beguniapada, Dist.- Ganjam, Odisha (PIN-761031), do hereby declare that I have changed my name from JYOTHI BALLA to **A JYOTHI PATRA**. Henceforth, I shall be known as **A JYOTHI PATRA** for all purposes.
Sd/- A JYOTHI PATRA

**NOTICE**

By virtue of an affidavit sworn before Executive Magistrate, Rairakhol, dated 29/10/2025, I Pradeep Mukhi, S/o- Durjodhan Mukhi, resident of Village- Samsingha, Poa.- Kadaligarh, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from **Smitarani Mukhi** to **Priya Mukhi**. Henceforth, she shall be known as **Priya Mukhi** for all purposes.
Sd/- Pradeep Mukhi

**CHANGE OF NAME**

I,**SAPANA MAHARANA** (OLD NAME) as per Board of SSC marks list. Orissa. residing at Plot.No.55, Nagarjuna Hills, Punjagutta,Hyderabad.,Telengana-500082. Hereby declare that I have changed my name as **SAPNA MAHARANA** (NEW NAME) (Aadhar Card) D/o DEENABANDHU MAHARANA.

**AFFIDAVIT**

I, Bhupesh Kumar Gandha, aged about 60 years, S/o- Late Laxmidas Kalyanji, resident of At- Back side of Mafidar Building, Cox Colony, Dist- Jharsuguda, Odisha, Pin- 768203 declare by this affidavit No. CF No-5943, dated- 13/10/2025 that now onwards I shall be known as **BHUPESH GANDHA** for all future purposes.

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୫୦ ● ପାଉଣ୍ଡ ୧୧୫.୯୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୭୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୪୭୮.୦୦
- ନିଫ୍ଟି ୨୫,୮୭୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଇପିଏଫ୍‌ଓ ୩.୦

# ୨୫ ହଜାର ହେବ ବେତନ ସୀମା

**ଅଧିକ ବେତନଧାରୀଙ୍କୁ ବି ମିଳିବ ପେନ୍‌ସନ୍ ଫାଇଦା**

**ମାସିକ ପେନ୍‌ସନ୍ ଫଣ୍ଡ ଜମା ୧୨୫୦ରୁ ୨୦୮୩ ଟଙ୍କା ହେବ**

**୨୦୧୪ରେ ଇପିଏସ୍ ସୀମା ୧୫ ହଜାରକୁ ବଢ଼ିଥିଲା**

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଗକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ସଦସ୍ୟମାନେ ପେନ୍‌ସନ୍‌ରେ ବଡ଼ ଫାଇଦା ପାଇବାକୁ ଯାଉଛନ୍ତି । ଏଣିକି ଅଧିକ ବେତନଧାରୀଙ୍କୁ ବି ମିଳିବ ଅଧିକ ପେନ୍‌ସନ୍‌ର ଫାଇଦା । କାରଣ ସରକାର ଇପିଏଫ୍‌ଓ ସଦସ୍ୟମାନଙ୍କର ବେତନସୀମାରେ ବୃଦ୍ଧି ଘଟାଇବାକୁ ଯାଉଛନ୍ତି । ସରକାର ସଦସ୍ୟଙ୍କ ବେତନ ସୀମା ୧୫,୦୦୦ ଟଙ୍କାରୁ ୨୫, ୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି । ଶେଷ ଥର ପାଇଁ ୨୦୧୪ରେ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଅନ୍ତର୍ଗତ ବେତନ ସୀମା ୧୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ । କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ଏ ସମ୍ପର୍କିତ ଏକ ପ୍ରସ୍ତାବ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ହେବାକୁ ଥିବା ଇପିଏଫ୍‌ଓ ବୋର୍ଡ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି । ଯଦି ଏହି ପ୍ରସ୍ତାବକୁ ମଞ୍ଜୁରି ମିଳେ ତେବେ କର୍ମଚାରୀଙ୍କ ମାସିକ ପେନସନ୍ ପାଣ୍ଠି ଜମା ୧୨୫୦ ଟଙ୍କାରୁ ୨୦୮୩ ଟଙ୍କାକୁ ବୃଦ୍ଧି ପାଇବ । ଏହାକୁ ଏବେ ଇପିଏଫ୍‌ଓ-୩.୦ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇପାରେ, ଯାହା ୬୫ ନିୟୁତରୁ ଅଧିକ ସଦସ୍ୟଙ୍କୁ ଲାଭ ଦେବ ।

ଭାରତରେ ପିଏଫ୍ ଆକାଉଣ୍ଟଗୁଡ଼ିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଦ୍ୱାରା ପରିଚାଳିତ ହୁଏ । ଇପିଏଫ୍‌ଓ ସଦସ୍ୟଙ୍କ ବାଧ୍ୟତାମୂଳକ ବେତନ ସୀମା ୧୫,୦୦୦ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିଲେ ଉଚ୍ଚ ବେତନପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଇପିଏସ୍ ଯୋଜନା ଅଧୀନରେ ସାମାଜିକ ସୁରକ୍ଷାର ଲାଭ ପାଇବେ । ଇପିଏଫ୍ ଏବଂ ଇପିଏସ୍ ଉଭୟ ପାଇଁ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ପ୍ରତ୍ୟେକଙ୍କୁ ଦରମାର ୧୨% ଯୋଗଦାନ କରିବାକୁ ପଡିବ ।

କର୍ମଚାରୀଙ୍କ ସମ୍ପୂର୍ଣ୍ଣ ୧୨% ଇପିଏଫ୍‌କୁ ଯାଏ, ଯେତେବେଳେ କି ନିଯୁକ୍ତିଦାତାଙ୍କ ଯୋଗଦାନ ଦୁଇଟି ଭାଗରେ ବିଭକ୍ତ ହୋଇଛି । ନିଯୁକ୍ତି ଦାତା ୮.୩୩%ଇପିଏସ୍‌କୁ ଏବଂ ୩.୬୭% ଇପିଏଫ୍‌କୁ ଯୋଗଦାନ ଦେଇଥାନ୍ତି । ସଦସ୍ୟଙ୍କ ବେତନ ସୀମାରେ ବୃଦ୍ଧି ଇପିଏଫ୍- ଇପିଏସ୍ କର୍ପସକୁ ଦ୍ରୁତ ଗତିରେ ବୃଦ୍ଧି କରିବ, ଯାହା ଫଳରେ କର୍ମଚାରୀଙ୍କ ଅବସର ପେନସନ ଏବଂ ସୁଧ ଉଭୟ ବୃଦ୍ଧି ପାଇବ । ବର୍ତ୍ତମାନ ଇପିଏଫ୍‌ର ମୋଟ ପାଣ୍ଠି ପରିମାଣ ପ୍ରାୟ ୨୬ ଲକ୍ଷ କୋଟି ଟଙ୍କା । ଏହାର ୭୬ ନିୟୁତ ସକ୍ରିୟ ସଦସ୍ୟ ଅଛନ୍ତି । ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଇପିଏସ୍-୯୫ ଅନ୍ତର୍ଗତ ପେନସନ ପାଣ୍ଠିରେ ଯୋଗଦାନକୁ ମୂଳ ଦରମାର ସର୍ବାଧିକ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ । ଏହାର ଅର୍ଥ ହେଉଛି ଯେ ଆପଣଙ୍କର ଦରମା ୩୦,୦୦୦ କିମ୍ବା ୪୦,୦୦୦ ଟଙ୍କା ହୋଇ ଥାଉ ନା କାହିଁକି, ଆପଣଙ୍କର ପେନସନ କେବଳ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ । ଏଠାରେ ସୂଚନାଯୋଗ୍ୟ ଯେ, ଇପିଏସ୍ ସୀମା ଶେଷ ଥର ପାଇଁ ୨୦୧୪ ରେ ୬୫୦୦ ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

## ୨୫ରୁ 'ସମୃଦ୍ଧ ଓଡ଼ିଶା ୨୦୩୬' କନ୍‌କ୍ଲେଭ

ଭୁବନେଶ୍ୱର,୧୩।୧୧(ସମିସ): ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ଆସନ୍ତା ଦୁଇ ଦିନିଆ କନକ୍ଲେଭ, 'ସମୃଦ୍ଧ ଓଡ଼ିଶା ୨୦୩୬›ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି । ଏହି କାର୍ଯ୍ୟକ୍ରମ ନଭେମ୍ବର ୨୫ ଏବଂ ୨୬ ଦୁଇ ଦିନ ଧରି ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟର ଶତବାର୍ଷିକୀ ଆଡକୁ ଅର୍ଥନୈତିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଏକ ପ୍ରମୁଖ ପଦକ୍ଷେପ । ଏହି କନକ୍ଲେଭର ପ୍ରମୁଖ ବିଷୟବସ୍ତୁ ଏହି ଧାରଣା ଉପରେ କେନ୍ଦ୍ରିତ ଯେ "ଓଡ଼ିଶା ପରିବର୍ତ୍ତନର ପଥରେ - ଯେଉଁଠାରେ ନବସୃଜନ ସୁଯୋଗକୁ ଭେଟିଥାଏ ଏବଂ ପ୍ରଗତି



ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିଥାଏ । ୟୁସିସିଆଇଏଲ୍‌ର ସଭାପତି ଏବଂ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଡକ୍ଟର ପ୍ରବୋଧ ମହାନ୍ତି ଏହି ପ୍ରଦର୍ଶନୀର ନେତୃତ୍ୱ ନେବେ । ଡକ୍ଟର ମହାନ୍ତି ଏବଂ ଚାମ୍ବର ଏକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଯାହା ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ସହିତ 'ବିକଶିତ ଓଡ଼ିଶା'ର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଶିଳ୍ପ, ସରକାର ଏବଂ ନାଗରିକଙ୍କ ସହଯୋଗ ପ୍ରୟାସ ଚାହୁଁଛି । ଏହି କାର୍ଯ୍ୟକ୍ରମର ଆଲୋଚନାର କେନ୍ଦ୍ରବିନ୍ଦୁ ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ବୃଦ୍ଧି କରିବା, ବିଶେଷକରି ଆଭ୍ୟନ୍ତରୀଣ ଜଳପଥ ଏବଂ ଉନ୍ନତ ରାସ୍ତା ନେଟୱାର୍କର ବିକାଶ, କଞ୍ଚାମାଲର ଦକ୍ଷ ପରିବହନ ପାଇଁ, ବିଶେଷକରି ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକରୁ, ଏବଂ ରାଜ୍ୟର ବିଶାଳ ଇସ୍ପାତ ଉତ୍ପାଦନ ଲକ୍ଷ୍ୟକୁ ସମର୍ଥନ କରିବା ଆଦି ରହିବ ।

● ଚରମସୀମାରେ ଆଫଗାନିସ୍ତାନ-ପାକିସ୍ତାନ ତିକ୍ତତା

## ପାକିସ୍ତାନରୁ ଔଷଧ ଆମଦାନୀ ନିଷିଦ୍ଧ କଲା ଆଫଗାନିସ୍ତାନ

ନିମ୍ନ ମାନର ଔଷଧ ଦେଉଛି ପଡ଼ୋଶୀ

କାବୁଲ,୧୩।୧୧(ଏଜେନ୍ସି):ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି । ଏଥିପାଇଁ ଦୁଇ ଦେଶ ମଧ୍ୟରେ ବହୁ ସମୟରେ ସାମରିକ ସଂଘର୍ଷ, ଆତ୍ମଘାତୀ ବିସ୍ଫୋରଣ, ସାଂସ୍କୃତିକ ଓ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବା ଭଳି ଘଟଣା ଦେଖିବାକୁ ମିଳୁଛି । ଏବେ ପାକିସ୍ତାନ ଠାରୁ ଔଷଧ ଆମଦାନୀ ନ କରିବାକୁ ଆଫଗାନିସ୍ତାନ ନିଷ୍ପତ୍ତି ନେଇଛି । ପାକିସ୍ତାନରୁ ଆସୁଥିବା ସମସ୍ତ ଔଷଧ ଖରାପ ମାନର । ତେଣୁ ୩ ମାସ ମଧ୍ୟରେ ଔଷଧ ଆମଦାନୀକୁ ବନ୍ଦ କରିବାକୁ ଆଫଗାନିସ୍ତାନର ଅର୍ଥନୈତିକ ବ୍ୟାପାର ଉପପ୍ରଧାନମନ୍ତ୍ରୀ ମୁଲ୍ଲାହ ଅବଦୁଲ ଘନୀ ବରାଦର ନିର୍ଦ୍ଦେଶ ଦେଇଛନ୍ତି ।

ଏହାଛଡ଼ା ଆଫଗାନିସ୍ତାନ ଏଥିପାଇଁ ବିଦେଶ ଉପରେ ନିର୍ଭରଶୀଳତା କମାଇ ଆଞ୍ଚଳିକ ବାଣିଜ୍ୟ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଛି । ତେଣୁ ଏହି ପଦକ୍ଷେପ ତାର ଏକ ଅଂଶ ବୋଲି ଆଫଗାନିସ୍ତାନ ଦର୍ଶାଇଛି । ରାଜଧାନୀ କାବୁଲରେ ବ୍ୟବସାୟିକ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବା ପରେ ପାକିସ୍ତାନରୁ ଔଷଧ ଆମଦାନୀ ନ କରିବାକୁ ନିଜ ଦେଶର ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଛି ତାଲିବାନ । ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏ ନେଇ ବରାଦର କହିଛନ୍ତି ଯେ ପାକିସ୍ତାନୀ ସାମଗ୍ରୀ ଉପରେ ଆଫଗାନିସ୍ତାନର ନିର୍ଭରଶୀଳତା ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ଅର୍ଥନୈତିକ ସ୍ଥିରତାକୁ କ୍ଷତି ପହଞ୍ଚାଇଛି । ତେଣୁ ସେ ଆଫଗାନିସ୍ତାନର ବ୍ୟବସାୟୀଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ଯଦି ସମୟସୀମା ଶେଷ ହେବା ପରେ ପାକିସ୍ତାନ ସହିତ ବ୍ୟବସାୟ ଜାରି ରଖିବେ, ତେବେ ସେହି ବ୍ୟବସାୟୀମାନଙ୍କୁ ତାଲିବାନ ପ୍ରଶାସନ ସହଯୋଗ କିମ୍ବା ସମର୍ଥନ କରିବ ନାହିଁ ବୋଲି ସେ କହିଛନ୍ତି । ଏକ ରିପୋର୍ଟ ଅନୁସାରେ, ବରାଦର କହିଛନ୍ତି, ଆମ ସ୍ୱାସ୍ଥ୍ୟ କ୍ଷେତ୍ରର ମୁଖ୍ୟ ସମସ୍ୟା ହେଉଛି ପାକିସ୍ତାନରୁ ନିମ୍ନମାନର ଔଷଧ ଆମଦାନୀ । ମୁଁ ସମସ୍ତ ଔଷଧ ଆମଦାନୀକାରୀଙ୍କୁ ତୁରନ୍ତ ବିକଳ୍ପ ଯୋଗାଣ ପଥ ଖୋଜିବାକୁ ଦୃଢ଼ ଭାବରେ ଅନୁରୋଧ କରୁଛି । ସେପଟେ ଦୁଇ ଦେଶ ମଧ୍ୟରେ ସୈନ୍ୟ ସଂଘର୍ଷ ଯୋଗୁ ବାରମ୍ବାର ସୀମା ବନ୍ଦ ରହୁଛି । ତେଣୁ ମାସାଧିକ କାଳ ହେଲା ବ୍ୟବସାୟ ବନ୍ଦ ରହିଛି ।ସୀମାପାର ସାମଗ୍ରୀ ପରିବହନ ପ୍ରାୟ ବନ୍ଦ ହୋଇଯାଇଛି । ଯାହା ଫଳରେ ଉଭୟ ପାର୍ଶ୍ୱରେ ବଜାର ମୂଲ୍ୟରେ ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଯାଇଛି । ପାକିସ୍ତାନରେ,ପନିପରିବା ମୂଲ୍ୟ ଅହେତୁକ ବୃଦ୍ଧି ପାଉଛି । ବିଶେଷକରି ଆଫଗାନିସ୍ତାନରୁ ଆମଦାନି ହେଉଥିବା ଟମାଟୋର ଦାମ ଆକାଶ ଛୁଆଁ ହୋଇଛି । କେଜି ୫୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ଏହି ସମୟରେ,ଆଫଗାନ ଚାଷୀମାନେ ପ୍ରବଳ କ୍ଷତିର ସମ୍ମୁଖୀନ ହେଉଛନ୍ତି ।

ଡବ୍ଲ୍ୟୁଏଚ୍‌ଓର ସତର୍କବାଣୀ

## ଦେଶରେ ୫୦ କୋଟି ଲିଟର କ୍ଷୀର ଅପମିଶ୍ରିତ

**ପ୍ରକୃତ ଦୁଗ୍ଧ ଚାଷୀଙ୍କୁ ମିଳୁନି କ୍ଷୀରର ଉଚିତ୍ ମୂଲ୍ୟ**



ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଭାରତରେ ନକଲି ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ଖୁବ୍ ଜୋର ସୋରରେ ଚାଲିଛି । ଦେଶରେ ବିକ୍ରି ହେଉଥିବା ପାଖାପାଖି ୮୦% କ୍ଷୀର ଅପମିଶ୍ରିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପବୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ଭାରତରେ ଦୈନିକ ୬୪ କୋଟି ଲିଟର ଦୁଗ୍ଧ ବିକ୍ରି ହେଉଛି । ତେବେ ଏଥିରୁ ୫୦ କୋଟି ଲିଟର କ୍ଷୀର ଅପମିଶ୍ରିତ ଓ ନକଲି ବୋଲି ରିପୋର୍ଟରେ କୁହାଯାଇଛି । ଡବ୍ଲ୍ୟୁଏଚ୍‌ଓର ଏହି ରିପୋର୍ଟ ଏକ ବଡ଼ ସତର୍କବାଣୀ ।

ନକଲି ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟୀ ଭାରତରେ ମାନବ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏହି ରିପୋର୍ଟ ଭାରତରେ ନକଲୀ ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ଉପରୁ ପର୍ଦ୍ଦା ହଟାଇଛି । ଏପରି ଦୁଗ୍ଧ ସେବନ ମାନବ ସ୍ୱାସ୍ଥ୍ୟ ଲୋଗି କ୍ଷତି କାରକ ଓ ଏହାର ଉପଯୋଗ କ୍ୟାନସର ଭଳି ରୋଗର କାରଣ ହୋଇପାରେ ବୋଲି ସଙ୍ଗଠନ ସତର୍କ କରାଇଛି । ସୂଚନା ଅନୁସାରେ ପଞ୍ଜାବରେ ୨୫ଲକ୍ଷ ଗାଈ ଓ ୪୦ ଲକ୍ଷ ମଇଁଷି ଅଛନ୍ତି । ହେଲେ ଦୁଗ୍ଧ ଦେଉଥିବା ପଶୁଙ୍କ ସଂଖ୍ୟା ରାଜ୍ୟରେ ବହୁତ କମ୍ । ପଞ୍ଜାବରେ ଦୈନିକ ୧୬ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି । ରାଜ୍ୟରେ ଉତ୍ପାଦିତ ଦୁଗ୍ଧର ୬୦% ଲୋକେ ନିଜ ଘରୋଇ ଉପଯୋଗ କରୁଛନ୍ତି । ବଳକା ୪୦% ଦୁଗ୍ଧକୁ ଦହୀ, ଲହୁଣୀ, ପନିର, ପ୍ୟାକେଜଡ୍ ଦୁଗ୍ଧ ଓ ଗୁଣ୍ଡ ଦୁଗ୍ଧ ପାଇଁ ଉପଯୋଗ କରାଯାଉଛି ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ କ୍ୱାଲିଟି ଯାଞ୍ଚ ପ୍ରାଧିକରଣ ଦ୍ୱାରା କରାଯାଇଥିବା ଏକ ସର୍ଭେକ୍ଷଣରେ ରାଜ୍ୟର ୩୭% ଦୁଗ୍ଧ ନମୁନା ଶୁଦ୍ଧତା ଯାଞ୍ଚରେ ଫେଲ ହୋଇଛି । ଅଧିକ ଲାଭ ଆଶାରେ ଦେଶର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଦୁଗ୍ଧ ବିକ୍ରେତା ଆରାରୁଟ, ରଙ୍ଗ, ୱାସିଂପାଉଡର ଓ ଗ୍ଲୁକୋଜ ତଥା ମିଲ୍କ ପାଉଡରରୁ ଦୁଗ୍ଧ ପ୍ରସ୍ତୁତ କରି ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି । ଦେଶରେ ନକଲି ଦୁଗ୍ଧ ବିକ୍ରି ଯୋଗୁ ଅସଲି ଦୁଗ୍ଧ ଚାଷୀଙ୍କୁ ସେମାନଙ୍କ କ୍ଷୀରର ଉଚିତ୍ ମୂଲ୍ୟ ମିଳୁନାହିଁ । ଏଣୁ ଗ୍ରାମାଞ୍ଚଳରେ ଲୋକେ ଏବେ ଲାଭ ହେଉ ନ ଥିବାରୁ ଗାଈଗୋରୁ ବିକ୍ରି କରିଦେଉଛନ୍ତି ।

ଅନ୍ୟପକ୍ଷେ ଦେଶରେ ନକଲି ଦୁଗ୍ଧ ବ୍ୟବସାୟ ବଢ଼ିବା ଯୋଗୁ ଲୋକେ ଏପରି ଦୁଗ୍ଧ ଉପଯୋଗ କରି ନାନା ରୋଗରେ ପୀଡିତ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୂଚିତ କରିଛନ୍ତି । ଏବେ ଦେଶରେ ନକଲି କ୍ଷୀରର ପ୍ରସାର ଯୋଗୁ ଲୋକେ ଯେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି ସେଥିରେ କ୍ୟାନସର, ଡାଏବେଟିଜ୍, ହାଇବ୍ଲଡ ପ୍ରେସର, ଡିପ୍ରେସନ, ଥାଇରଏଡ ଓ ପେଟ ବେମାରି ହେଉଛି । ଏଣୁ ଏପରି କ୍ଷୀରର ପ୍ରସାର ରୋକିବା ଲାଗି ସଂଗଠନ ଭାରତ ସରକାରଙ୍କୁ ସତର୍କ କରାଇଛି ।

## ବେଦାନ୍ତ ଲାଞ୍ଜିଗଡ଼ 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ' ୟୁନିଟ୍ ପ୍ରମାଣପତ୍ର

ଭୁବନେଶ୍ୱର, ୧୩।୧୧ (ସମିସ): ବେଦାନ୍ତ ଆଲୁମିନିୟମ ଲିମିଟେଡର ଓଡ଼ିଶାସ୍ଥିତ ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀକୁ ଭାରତୀୟ ଶିଳ୍ପ ମହାସଂଘ



ବା ସିଆଇଆଇ(ଉଓ) ଦ୍ୱାରା 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ୟୁନିଟ୍' ପ୍ରମାଣପତ୍ର ମିଳିଛି । ଏହି ପ୍ରମାଣପତ୍ର ସିଆଇଆଇର ପ୍ଲାଷ୍ଟିକ୍-ବ୍ୟବହାର ପ୍ରୋଟୋକଲ ଅନୁଯାୟୀ ଅକ୍ଟୋବର ୨୦୨୫ରେ ପ୍ରଦାନ କରାଯାଇଛି । ଏହି ମାଇଲଖୁଣ୍ଟ ପରିବେଶଗତ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ଏବଂ ଭାରତର ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଅଭ୍ୟାସ ପାଇଁ ଏକ ମାନଦଣ୍ଡ ସ୍ଥାପନ କରୁଛି । ବିଗତ କିଛି ବର୍ଷ ଧରି ବେଦାନ୍ତ ଲାଞ୍ଜିଗଡ଼ ତା'ର ରିଫାଇନାରୀ ଅଞ୍ଚଳ ଏବଂ ଏହାର ଆବାସିକ ଟାଉନସିପରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ଜିନିଷ ଉପରେ ସମ୍ପୂର୍ଣ୍ଣ ନିଷେଧ କାର୍ଯ୍ୟକାରୀ କରିଥିଲା । ଏଗୁଡ଼ିକୁ କମ୍ପାନୀ ପରିବେଶ-ଅନୁକୂଳ ବିକଳ୍ପ ଏହାସହିତ ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ସଚେତନତା ଅଭିଯାନ ଓ କର୍ମଶାଳା ଆୟୋଜନ କରାଯାଉଛି, ଯେଉଁଥିରେ ୧,୧୦୦ରୁ ଅଧିକ କର୍ମଚାରୀ ଏବଂ ୧,୫୦୦ ବ୍ୟବସାୟିକ ଅଂଶୀଦାର ସାମିଲ ହେଇଛନ୍ତି । ଏହି ପଦକ୍ଷେପର ଫଳସ୍ୱରୂପ କମ୍ପାନୀ ଗତ ବର୍ଷରେ ପ୍ରାୟ ୨,୫୦୦ କିଲୋଗ୍ରାମ ପ୍ଲାଷ୍ଟିକ୍ ଅପଚୟ ହ୍ରାସ କରିପାରିଥିବା ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ।

## ଅପ୍‌ଗ୍ରେଡ୍ ହୋଇନି ଦିଲ୍ଲୀ ବିମାନ ବନ୍ଦରର ବୈଷୟିକ ବ୍ୟବସ୍ଥା

ଏଏଆଇ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ସଂଘର ଖୁଲାସା

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଅପ୍‌ଗ୍ରେଡ୍ ହୋଇନି ଦିଲ୍ଲୀ ବିମାନ ବନ୍ଦରର ବୈଷୟିକ ବ୍ୟବସ୍ଥା । ସିଷ୍ଟମ୍ ଅପ୍‌ଗ୍ରେଡେସନ୍‌ରେ ବିଳମ୍ବ ଯୋଗୁ ନୂଆଦିଲ୍ଲୀ ବିମାନ ବନ୍ଦରର ଏଟିସି ସିଷ୍ଟମ୍ କ୍ରାସ୍ କରିଛି । ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ର ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ସଂଘ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ଯୋଗାଯୋଗ, ନାଭିଗେସନ୍ ଏବଂ ନିରୀକ୍ଷଣ (ସିଏନ୍‌ଏସ୍) ସିଷ୍ଟମକୁ ତୁରନ୍ତ ଆଧୁନିକୀକରଣ କରିବାକୁ ସରକାରଙ୍କ ନିକଟରେ ଦାବି କରିଛି । ଗତ ସପ୍ତାହରେ ଦିଲ୍ଲୀ ବିମାନବନ୍ଦରରେ ବିମାନ ଟ୍ରାଫିକ୍ ନିୟନ୍ତ୍ରଣ ସିଷ୍ଟମ ବିଭ୍ରାଟ ପରେ ଏହି ଦାବି ଆସିଛି, ଯାହା ଶହ ଶହ ଉଡ଼ାଣକୁ ପ୍ରଭାବିତ କରିଥିଲା । କେନ୍ଦ୍ର ସରକାର ଦିଲ୍ଲୀ ଏଟିସିରେ ଯାନ୍ତ୍ରିକ ତ୍ରୁଟିର ବିସ୍ତୃତ ତଦନ୍ତ ଏବଂ ନିରାପଦ ଏବଂ ସୁଗମ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ବ୍ୟାକଅପ୍ ସର୍ଭର ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ଏକ ଇମେଲରେ ଏଟିଏସ୍‌ଇପିଏ ଅଭିଯୋଗ କରିଛି ଯେ ସମୟୋଚିତ ଚେତାବନୀ, ପ୍ରସ୍ତାବ ଏବଂ ବାରମ୍ବାର ଅନୁରୋଧ ସତ୍ତ୍ୱେ, ସିଏନ୍‌ଏସ୍ ସିଷ୍ଟମ ଅପଗ୍ରେଡ୍, ବ୍ୟାକଅପ୍ ସିଷ୍ଟମ ସୃଷ୍ଟି ଏବଂ ତାଲିମପ୍ରାପ୍ତ ଇଞ୍ଜିନିୟରମାନଙ୍କୁ ଉପଯୁକ୍ତ ନିୟୋଜନ ଭଳି ପ୍ରସଙ୍ଗରେ ଆବଶ୍ୟକ ତତ୍ପରତା ଦେଖାଯାଇନାହିଁ ।

ଏହା ଉଲ୍ଲେଖନୀୟ ଯେ ଏଟିସି ମେସେଜିଂ ସିଷ୍ଟମରେ ଏକ ତ୍ରୁଟି ଯୋଗୁଁ ପ୍ରାୟ ୮୦୦ ଉଡ଼ାଣ ବିଳମ୍ବ ହୋଇଥିଲା ଏବଂ ୪୬ ଟି ଉଡ଼ାଣ ବାତିଲ ହୋଇଥିଲା । ଆସୋସିଏସନ ଦାବି କରିଛି ଯେ ଅଟୋମେଟେଡ୍ ମେସେଜ୍ ସ୍ୱିଚିଂ ସିଷ୍ଟମ ଭଳି ପୁରୁଣା ସିଷ୍ଟମରେ ଆଧୁନିକ କ୍ଷମତା ଏବଂ ପର୍ଯ୍ୟାପ୍ତ ବ୍ୟାକଅପ୍ ଅଭାବ ରହିଛି, ଯାହା ଏହି ସଙ୍କଟ ସୃଷ୍ଟି କରିଛି । ଏଟିଏସ୍‌ଇପିଏ ଅଧିକାରୀ ଯୋଗେନ୍ଦ୍ର ଗୌତମ କହିଛନ୍ତି ଯେ ସିଏନ୍‌ଏସ୍ ଭିତ୍ତିଭୂମିକୁ ଅବହେଳା ଏବଂ ଇଞ୍ଜିନିୟରମାନଙ୍କ ଠାରୁ ବୈଷୟିକ ପରାମର୍ଶକୁ ଖାରଜ କରିବା ଯୋଗୁଁ ଏପରି ସମସ୍ୟା ବାରମ୍ବାର ଘଟୁଛି ।

## ଜୀବନ ବୀମା ଯୋଜନା ଏକ ଦୀର୍ଘକାଳୀନ ସଞ୍ଚୟ ଉପକରଣ

ଭୁବନେଶ୍ୱର, ୧୩।୧୧(ସମିସ): ଭାରତରେ ଶିକ୍ଷାର ମୂଲ୍ୟ ପ୍ରାୟ ପ୍ରତି ୬ବର୍ଷରେ ଦ୍ୱିଗୁଣିତ ହୁଏ । ଜଣେ ଭାରତୀୟଙ୍କ ପାଇଁ ସହଜରେ ପିଲାଙ୍କୁ ପାଳନ କରିବା- ପ୍ରି ସ୍କୁଲରୁ ସ୍ନାତକ ପର୍ଯ୍ୟନ୍ତ-୩୮ ଲକ୍ଷ ଟଙ୍କାରୁ ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ଯଦି ଆପଣ କୋଚିଂ, ଗ୍ୟାଜେଟ, ଜୀବନଶୈଳୀ ଓ ଅନ୍ୟାନ୍ୟ ଆବଶ୍ୟକତାକୁ ମିଶାନ୍ତି ତେବେ ସେହି ସଂଖ୍ୟା ଟ.୮୫ ଲକ୍ଷ ପର୍ଯ୍ୟନ୍ତ ଯାଇପାରେ । ଆଉ ମଧ୍ୟ ଆପଣ ଯଦି ପିଲାକୁ ଉଚ୍ଚ ଶିକ୍ଷା ପାଇଁ ବିଦେଶକୁ ପଠାନ୍ତି ତେବେ ଖର୍ଚ୍ଚ ଆହୁରି ଅଧିକ ହୋଇପାରେ । ସେମାନଙ୍କ ଜୀବନର ଭବିଷ୍ୟତକୁ ମନରେ ରଖି ଏକ ସୁଚିନ୍ତିତ ଜୀବନବୀମା ପଲିସି ମାଧ୍ୟମରେ- ଯାହା ହେଉନା କାହିଁକି ସେମାନଙ୍କ ଶିକ୍ଷାକୁ ସୁରକ୍ଷିତ ରଖିବା । ଅନେକ ଏବେବି ଜୀବନ ବୀମାକୁ ଅକାଳ କ୍ଷତି ହେଲେ ନିର୍ଭରଶୀଳଙ୍କୁ ସମର୍ଥନ କରିବାର ଏକ ଉପାୟ ବୋଲି ମନେ କରନ୍ତି, କିନ୍ତୁ ଆଜିର ଜୀବନ ବୀମା ଯୋଜନା ଗୁଡ଼ିକ ବିକଶିତ ହୋଇଛି ଏହା କେବଳ ସୁରକ୍ଷା ପ୍ରଦାନ କରେ ନାହିଁ ବରଂ ଦୀର୍ଘକାଳୀନ ସଂଚୟ ଉପକରଣ ଭାବରେ ମଧ୍ୟ କାର୍ଯ୍ୟ କରେ ବୋଲି ବନ୍ଧନ ଲାଇଫର ମୁଖ୍ୟ ଉତ୍ପାଦ ଓ ମାର୍କେଟିଂ ଅଧିକାରୀ ମନୀଷ ମିଶ୍ର କହିଛନ୍ତି ।

## ଟିପିସିଓଡିଏଲ୍‌ର ଅତ୍ୟାଧୁନିକ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର,୧୩।୧୧(ଏଜେନ୍ସି): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ଭୁବନେଶ୍ୱରର ପାୱର ହାଉସ୍ କଲୋନୀ ନିକଟରେ ଏହାର ବିସିଡିଡି୧ (ଭୁବନେଶ୍ୱର ସିଟି ଡିଷ୍ଟ୍ରିବ୍ୟୁସନ୍ ଡିଭିଜନ୍- ୧) ମଡେଲ୍ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ କରିଛି । ଏହି ଉନ୍ନତ ସୁବିଧା ଭୁବନେଶ୍ୱରର ୪ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଗୋଟିଏ ସ୍ଥାନରେ ସବୁ ସମସ୍ୟାର ସମାଧାନ ପ୍ରଦାନ କରିବା ସହିତ ସେବା ଅନୁରୋଧ, ବିଲିଂ ସମ୍ବନ୍ଧୀୟ ପ୍ରଶ୍ନ ଏବଂ ଅଭିଯୋଗର ଶୀଘ୍ର ଏବଂ ଦକ୍ଷ ସମାଧାନ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । ଏହି କେନ୍ଦ୍ରକୁ ଗ୍ରାହକ ସେବାର ଏକ ମଡେଲ୍ ଭାବରେ ତିଆରି କରାଯାଇଛି, ଯେଉଁଠାରେ ଆଧୁନିକ ସୁବିଧା ସହିତ ପ୍ରଯୁକ୍ତିବିଦ୍ୟା ଆଧାରିତ ସେବାଗୁଡିକ ଉପଲବ୍ଧ ରହିଛି । ଏଠାରେ ଡିଜିଟାଲ୍ କିଓସ୍କ, ସ୍ୱୟଂ-ସେବା ବିକଳ୍ପ, ଏକ ଉତ୍ସର୍ଗୀକୃତ ଧାଡ଼ି ପରିଚାଳନା ପ୍ରଣାଳୀ, ବାସ୍ତବ-ସମୟ ମତାମତର ବ୍ୟବସ୍ଥା ରହିଛି । ଉଦଘାଟନି ଉତ୍ସବରେ ଟାଟା ପାୱାରର ସିଏଚ୍‌ଆର୍‌ଓ ଏବଂ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ମୁଖ୍ୟ ହିମଲ ତିୱାରୀ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଦଳିଲା ସବୁ ବ୍ୟାଙ୍କର ୱେବ୍‌ସାଇଟ୍ ଠିକଣା

ନୂଆ ଡୋମେନ୍ 'ଡଟ୍‌ବ୍ୟାଙ୍କଡଟ୍‌ଇନ୍'

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଦେଶର ସବୁ ପ୍ରମୁଖ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇସିଆଇସିଆଇ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ ଓ ଆକ୍ସିସ ବ୍ୟାଙ୍କ ନିଜ ଅଫିସିଆଲ୍ ୱେବସାଇଟକୁ ପୁରୁଣା 'ଡଟ୍‌କମ୍ କିମ୍ବା '.ଡଟ୍‌କୋଡଟ୍‌ଇନ୍' ଡୋମେନ୍‌ରୁ ବଦଳାଇ ଏବେ "ଡଟ୍‌ବ୍ୟାଙ୍କଡଟ୍‌ଇନ୍'କୁ ସ୍ଥାନାନ୍ତରିତ କରାଯାଇଛି । ଏହି ପଦକ୍ଷେପ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ପରେ ନିଆଯାଇଛି । ଏହାର ଉଦ୍ଦେଶ୍ୟ ଅନଲାଇନ୍ ବ୍ୟାଙ୍କିଂ ସୁରକ୍ଷାକୁ ମଜଭୁତ କରିବା ଓ ଗ୍ରାହକଙ୍କ ପ୍ରକୃତ ବ୍ୟାଙ୍କିଂ ୱେବସାଇଟ୍ ଯାଏ ସୁରକ୍ଷିତ ପହଞ୍ଚକୁ ସୁନିଶ୍ଚିତ କରିବା । ଆରବିଆଇ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇ ଅକ୍ଟୋବର ୩୧ ସୁଦ୍ଧା ନିଜ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ପୋର୍ଟାଲ୍ସକୁ ବିଶେଷ "ଡଟ୍‌ବ୍ୟାଙ୍କଡଟ୍‌ଇନ୍' ଡୋମେନକୁ ସ୍ଥାନାନ୍ତରିତ କରିବା ପାଇଁ କହିଥିଲା । ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଫିସିଂ ଓ ଫେକ୍ ୱେବସାଇଟ୍ ଜାଲିଆତିକୁ ରୋକିବା । ସ୍କାମରମାନେ ପ୍ରକୃତ ବ୍ୟାଙ୍କର ୱେବସାଇଟ୍ ସହ ମେଳ ଖାଉଥିବା ଲିଙ୍କ୍ କରି ଗ୍ରାହକଙ୍କଠାରୁ ସେମାନଙ୍କ ବ୍ୟାଙ୍କିଙ୍ଗ ବିବରଣୀ ହାସଲ କରିଥାନ୍ତି । ମାଇଗ୍ରେସନର ସମୟସୀମା ପୂରଣ ହେବା ପରେ ଏବେ ଗ୍ରାହକଙ୍କୁ କେବଳ ଅଫିସିଆଲ୍ "ଡଟ୍‌ବ୍ୟାଙ୍କଡଟ୍‌ଇନ୍" ଡୋମେନ ସାଇଟ୍ ଉପରେ ଲଗ୍ ଇନ୍ କରିବାକୁ ପରାମର୍ଶ ଦିଆଯାଇଛି ।

ମସଲା ସମ୍ରାଟ ଶରତ ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

## 'ସ୍ମୃତିରେ ଶରତ' ଉନ୍ମୋଚିତ

କଟକ,୧୩।୧୧(ସମିସ): ବିଶିଷ୍ଟ ଉଦ୍ୟୋଗପତି ତଥା 'ରୁଚି' ମସଲାର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କ ଏକାଦଶାହ ପୁଣ୍ୟସ୍ମୃତି କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ବୟାଳିଶ ମୌଜାସ୍ଥିତ ଯଶୋଦା ଗାର୍ଡେନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜର ବିଭିନ୍ନ ବର୍ଗର ଲୋକ ଏଥିରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା ସହିତ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଉଦ୍‌ଯୋଗୀ ମଣିଷ ଡକ୍ଟର ସାହୁ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିତ୍ୱ ମତ ପ୍ରକାଶ କରିଥିଲେ । ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, କଟକ ମେୟର ସୁବାସ ସିଂହ, ପୂର୍ବତନ ମୁଖ୍ୟ ଶାସନସଚିବ ସହଦେବ ସାହୁ, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ମହିମାନନ୍ଦ ମିଶ୍ର, ଆୟକର ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ବିଧୁଭୂଷଣ ମହାନ୍ତି, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାୟକ ଆକାଶ ଦାସ ନାୟକ, ବିଧାୟିକା ସୋଫିଆ ଫିର୍ଦୌସ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରୋଜାଲିନ ପାଟ୍ଟଶାଣୀ ମିଶ୍ର, ବରିଷ୍ଠ ଆଡଭୋକେଟ ଧରଣୀଧର ନାୟକ, ବିଶିଷ୍ଟ ଶିକ୍ଷାବିତ ବିନୋଦ ଦାଶ, ଡ. ପ୍ରଭୁଚରଣ ମହାନ୍ତି, ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମାଜସେବୀ ଡ.ରଞ୍ଜନ ବିଶ୍ୱାଳ, ପ୍ରଫେସର ଜୟନ୍ତ ପଣ୍ଡା, ସମାଜସେବୀ ନୟନ କିଶୋର ମହାନ୍ତିଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପଦାଧିକାରୀ ଓ ସାମ୍ବାଦିକ ଯୋଗଦେଇ ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ 'ସ୍ମୃତିରେ ଶରତ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।



ଶିଳ୍ପୋଦ୍ୟୋଗୀ ଶରତଙ୍କ ସ୍ମୃତିରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାସ, ରବୀନ୍ଦ୍ର ନାରାୟଣ ଦାସ, ପ୍ରିୟଙ୍କା ସ୍ୱାଇଁ, ନିଶିପ୍ରଭା ପାଣି, ବିଭୁ ନନ୍ଦ, ବିଚିତ୍ରାନନ୍ଦ ପଣ୍ଡା, ମାତୃଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ମଧ୍ୟାହ୍ନରେ 'ରୁଚି' ପରିବାର ପକ୍ଷରୁ ଓସିଆ ମଣ୍ଡପରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମକୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ କରିଥିଲେ । ଡକ୍ଟର ସାହୁଙ୍କ ପୁତ୍ର ଅରବିନ୍ଦ ସାହୁ, ପୁତ୍ରବଧୂ ସଲିନା ସାହୁ, କନ୍ୟା ରଶ୍ମି ସାହୁ, ଜାମାତା ପ୍ରକାଶ କୁମାର ସାହୁ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଇଂ ସାତ୍ତ୍ୱିକ ସ୍ୱାଇଁ, ଉଲ୍ଲାସଚନ୍ଦ୍ର ବେଉରା, ଶୁଭେନ୍ଦୁ ଭୂୟାଁ, ଲକ୍ଷ୍ମୀଧର ସାହୁ, ସନ୍ତୋଷ ପାଢ଼ୀ, ଶ୍ରୀକାନ୍ତ ମହାପାତ୍ର, ଅକ୍ଷୟ ପଣ୍ଡା ସହଯୋଗ କରିଥିଲେ ।



# ରାଜଧାନୀ ରାସ୍ତାରେ ବୁଲୁଛି ରୋଗ

ଭୁବନେଶ୍ୱର, ୧୩।୧୧(ସମିସ): ନିକଟରେ ରାଜଧାନୀରେ ଗୁପ୍‌ଚୁପ୍ କର୍ଣ୍ଣର ଖୋଲାଯିବା ପାଇଁ ବିଏମ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ସେଥିପାଇଁ ଚିହ୍ନଟ ହୋଇଥିବା ଜାଗାକୁ ମେୟର ବୁଲି ଦେଖିଛନ୍ତି। ସେପଟେ ଗୁପ୍‌ଚୁପ୍ ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ ହେଉଥିବାବେଳେ ଏବେ ସହରସାରା ବିକ୍ରି ହେଉଥିବା ଗୁପଚୁପ୍ କେତେ ସ୍ୱାସ୍ଥ୍ୟକର ଏବଂ ତାର ମାନ ଯାଞ୍ଚ ହେଉନାହିଁ। ଫଳରେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରାଯାଉଥିବା ଗୁପ୍‌ଚୁପ୍ ଏବେ ସହରବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି।

ବର୍ତ୍ତମାନ ସମୟରେ ରାଜଧାନୀରେ ପାଖାପାଖି ୫ ହଜାରରୁ ଅଧିକ ଗୁପଚୁପ ବ୍ୟବସାୟୀ ପରିଲକ୍ଷିତ ହେଉଛନ୍ତି। ବିଶେଷକରି ରମାଦେବୀ କଲେଜ ସମେତ ରାଜଧାନୀର ବିଭିନ୍ନ ଇଞ୍ଜିନିୟରିଂ କଲେଜ ତଥା ଖାଓଗଲିରେ ମାଲମାଲ ଗୁପ୍‌ଚୁପ୍ ଦୋକାନମାନ ରହିଛି। କିନ୍ତୁ ସହରରେ ମନ ଇଚ୍ଛା ବୁଲୁଥିବା ବଳକା ହଜାର ହଜାର ଗୁପଚୁପ୍ ଦୋକାନୀ କେଉଁଠୁ ଆସୁଛନ୍ତି ଏବଂ ବିକ୍ରି କରୁଥିବା ଗୁପଚୁପ ଖାଦ୍ୟ ଉପଯୋଗୀ କି ନୁହେଁ, ସେମାନଙ୍କ ପାଖରେ ଲାଇସେନ୍ସ ଅଛି କି ନାହିଁ ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଅପରପକ୍ଷେ ଅଧିକାଂଶ ବେପାରୀ ବିହାର ଏବଂ ଆନ୍ଧ୍ରପ୍ରଦେଶରୁ ଆସି ଏଠାରେ ଗୁପଚୁପର ପସରା ମେଲାଇଲେଣି। ଦିନେକି ଦୁଇ ଦିନ ନୁହଁ, ଏମାନେ ବର୍ଷ ବର୍ଷ ଧରି ଏଠାରେ ବିଭିନ୍ନ ବସ୍ତିରେ ରହି ସହରସାରା ବେପାର କରୁଛନ୍ତି। ଏମିତିକି ସେମାନଙ୍କ ଲାଇସେନ୍ସକୁ ନେଇ କେହି ପ୍ରଶ୍ନ ମଧ କରୁନାହାନ୍ତି। ବିଶେଷକରି ଆଚାର୍ଯ୍ୟ ବିହାରଠାରୁ ବାଣୀବିହାର ଯାଏଁ ଥିବା ବସ୍ତି, ସାଲିଆସାହି, ରିକ୍ସା କଲୋନୀ, ଲକ୍ଷ୍ମୀସାଗରସ୍ଥିତ ହଳଦୀପଡ଼ିଆ ବସ୍ତି,

**■ ମନଇଚ୍ଛା ବିକ୍ରି ହେଉଛି ନିମ୍ନମାନର ଗୁପ୍‌ଚୁପ୍**
**■ ଲାଇସେନ୍ସ ନାହିଁ; ଯାଞ୍ଚ ହେଉନି**

ଅଶୋକନଗରସ୍ଥିତ ବସ୍ତି ଭଳି ଅନେକ ବସ୍ତି ସହର ମଧ୍ୟରେ ରହିଛି ଏହି ଗୁପଚୁପ ବେପାରୀମାନେ ଗୁପ୍‌ଚୁପ୍ ତିଆରି କରି ବିକ୍ରି କରୁଛନ୍ତି। ବସ୍ତିର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଏମାନେ ତିଆରି କରୁଥିବା ଗୁପ୍‌ଚୁପ୍ ରାସ୍ତା କଡ଼ରେ ବିକ୍ରି କରୁଛନ୍ତି। କେବଳ ସେତିକି ନୁହଁ, ଏହି ବେପାରୀମାନଙ୍କୁ ପ୍ରଥମେ ଏକ ଲାଇସେନ୍ସ ମଧ କରିବାକୁ ହୁଏ। ଯାହା ସମୟ ଅନ୍ତରାଳେ ନବୀକରଣ କରିବାକୁ ହୁଏ। ଫଳରେ ସେମାନଙ୍କର ତଥ୍ୟ ବିଏମ୍‌ସି ପାଖରେ ରହିଥାଏ ଏବଂ ସମୟ ସମୟରେ ଯାଞ୍ଚ ମଧ ହୁଏ। କିନ୍ତୁ ଆଶ୍ଚର୍ଯ୍ୟର କଥା ସହର ମଧ୍ୟରେ ଘୁରି ବୁଲୁଥିବା ଅଧିକାଂଶ ଗୁପଚୁପ୍ ବେପାରୀଙ୍କ ପାଖରେ



ଲାଇସେନ୍ସ ନାହିଁ, ତଥାପି ବେପାର କରିବାକୁ ଅନୁମତି କିଏ ଦେଲା ପଚାରିବାକୁ କେହିଁ ନାହିଁ। ଖଣ୍ଡଗିରିସ୍ଥିତ ଲାଇସେନ୍ସପ୍ରାପ୍ତ ବେପାରୀ ବସନ୍ତଙ୍କ କହିବା ଅନୁଯାୟୀ, ଲାଇସେନ୍ସ କରିବା ବାଧତାମୂଳକ। ଫଳରେ ସମୟ ସମୟରେ ଯାଞ୍ଚ ମଧ କରିବାକୁ ଲୋକ ଆସନ୍ତି। ହେଲେ ଏଠାରେ ବିନା ଲାଇସେନ୍ସରେ ହଜାର ହଜାର ବେପାରୀ ବୁଲୁଛନ୍ତି। ଦିନକର ଗୁପଚୁପ୍‌କୁ ସେହି ଦିନରେ ଛାଣି ବିକ୍ରି କରିବା କଥା ତାକୁ ସପ୍ତାହ ଯାକ ବିନା ଲାଇସେନ୍ସ ବେପାରୀମାନେ ଲୋକଙ୍କୁ ଦେଉଛନ୍ତି। ହେଲେ ସେମାନଙ୍କ ଉପରେ ବିଏମ୍‌ସି ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁନାହିଁ। ଫଳରେ ଲୋକ ଏହି ଅସ୍ୱାସ୍ଥ୍ୟକର ଗୁପଚୁପ ବର୍ଷ ବର୍ଷ ଧରି ଖାଇ ରାଜଧାନୀବାସୀ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। କିଛି ଅସାଧୁ ଗୁପ୍‌ଚୁପ୍ ବେପାରୀଙ୍କ ପାଇଁ ଅନ୍ୟମାନେ ବଦନାମ୍ ହେଉଛନ୍ତି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉ କି ରାଜଧାନୀରେ ଗୁପ୍‌ଚୁପ୍‌ର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁପ୍‌ଚୁପ୍ କର୍ଣ୍ଣର ପାଇଁ ସହିଦନଗର ଛକଠାରୁ ନିକୋ ପାର୍କ ପର୍ଯ୍ୟନ୍ତ ଯେଉଁମାନେ ଗୁପ୍‌ଚୁପ୍ ବିକ୍ରି କରୁଛନ୍ତି ସେ ସମସ୍ତ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରସ୍ତାବିତ ଗୁପ୍‌ଚୁପ୍ କର୍ଣ୍ଣରେ ଥଇଥାନ କରାଯିବା ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଦୋକାନୀଙ୍କୁ ବିଏମସି ପକ୍ଷରୁ ମାଗଣାରେ ଗୋଟିଏ ପ୍ରକାରର ସ୍ୱତନ୍ତ୍ର ଟ୍ରଲି ଦିଆଯିବ। ଯେଉଁଠି ଓପନ ଭେଣ୍ଡିଂ ଜୋନ୍ ଢାଞ୍ଚାରେ ନିର୍ମାଣ ହୋଇଥିବା ଏହି ଗୁପ୍‌ଚୁପ୍ ବଜାରରେ ମାତ୍ର ୩୦ରୁ ୪୦ ଦୋକାନ ଖୋଲିପାରିବ।

● ହଷ୍ଟେଲ କର୍ମଚାରୀଙ୍କୁ ବେଆଇନ ଛଟେଇ

# ୨ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ, ୧୩।୧୧(ସମିସ): ବେଆଇନ ଭାବେ ଜଣେ କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ସମ୍ପୃକ୍ତ କର୍ମଚାରୀଙ୍କୁ କ୍ଷତିପୂରଣ ରାଶି ୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହ୍ନୁଚରଣ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରଦାନ କରାଯାଇଥିବା ସେବା ଏବଂ ଦରମାକୁ ବିଚାରକୁ ନେଇ ଟ୍ରିବୁନାଲ ପ୍ରଦାନ କରିଥିବା ଏକକାଳୀନ କ୍ଷତିପୂରଣକୁ ୫୦ହଜାର ଟଙ୍କାକୁ ୨ଲକ୍ଷକୁ ବୃଦ୍ଧି କରିଛନ୍ତି ହାଇକୋର୍ଟ। କର୍ମଚାରୀଙ୍କୁ ଛଟେଇ କରିବା କ୍ଷେତ୍ରରେ ଶିଳ୍ପ ବିବାଦଆଇନରଧାରା୨୫-ଏଫଅନୁଯାୟୀବାଧତାମୂଳକସୁରକ୍ଷାବ୍ୟବସ୍ଥାପାଳନକରାଯାଇ ନଥିଲା। ଏଭଳି ସ୍ଥିତିରେ ଚାକିରିରୁ ବହିଷ୍କାର ବେଆଇନ ବୋଲି ହାଇକୋର୍ଟ କହିଛନ୍ତି।

୧୯୮୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୈନିକ ମଜୁରୀ ଭିତ୍ତିରେ ଆବେଦନକାରୀଙ୍କୁ ଛାତ୍ରାବାସରେ ନିଯୁକ୍ତି ଦିଆଯାଇଥିଲା। ସେ ସ୍ୱେଚ୍ଛାକୃତ ଭାବରେ ତାଙ୍କ ଚାକିରି ପରିତ୍ୟାଗ କରିଛନ୍ତି ବୋଲି ୧୯୯୧ ମସିହାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏହା ବେଆଇନ ଦର୍ଶାଇ ଆବେଦନକାରୀ ଶିଳ୍ପ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଏହି ଛଟେଇକୁ ଅବୈଧ ଏବଂ ଅନୁଚିତ ବୋଲି କହିଥିଲେ ସୁଦ୍ଧା ପୁନଃସଂସ୍ଥାପନ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ତାଙ୍କୁ ୫୦ହଜାର ଟଙ୍କାର ଏକକାଳୀନ କ୍ଷତିପୂରଣ ରାଶି ଦେବାକୁ କହିଥିଲେ। ଏହା ପର୍ଯ୍ୟାପ୍ତ ନୁହେଁ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କୁଖ୍ୟାତ ଚୋର ଗିରଫ

ଭୁବନେଶ୍ୱର, ୧୩।୧୧(ସମିସ): ଲୁଟ୍ ଓ ଚୋରି ଅଭିଯୋଗରେ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ବିଶ୍ୱଜିତ ନାୟକ। ବିଶ୍ୱଜିତ୍‌ର ଘର କେଦାରପଲ୍ଲୀ ବାପୁଜୀ ନଗର ଅଞ୍ଚଳରେ। ସୂଚନାଯୋଗ୍ୟ, ଅଭିଯୋଗକାରୀ ଏକାମ୍ର କ୍ଷେତ୍ରର ନୂଆ ରୋଡ ନିକଟରେ ଘାସ କାଟୁଥିବାବେଳେ ବିଶ୍ୱଜିତ ଓରଫ ବାଞ୍ଛା ସେଠାକୁ ଆସି ହଠାତ୍ ତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା। ତାଙ୍କଠାରୁ ଜୋରଜବରଦସ୍ତି ନଗଦ ୫ ହଜାର ଟଙ୍କା ଏବଂ ଏକ ଭିଭୋ ମୋବାଇଲ ଫୋନ ଛଡାଇ ନେଇଥିଲେ। ପରେ ଅଭିଯୋଗକାରୀ ତାଙ୍କ ଜିନିଷପତ୍ର ଫେରସ୍ତ ଦାବି କରିବାରୁ ଅଭିଯୁକ୍ତ ପୁଲିସକୁ ଖବର ଦେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହା ପରେ ଅଭିଯୋଗକାରୀ କ୍ୟାପିଟାଲ ଥାନାରେ ରିପୋର୍ଟ ଦାଖଲ କରିଥିଲେ। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ବିଶ୍ୱଜିତ ନାୟକ କ୍ୟାପିଟାଲ ଥାନା ସୀମା ଅନ୍ତର୍ଗତ ପ୍ଲଟ୍ ନମ୍ବର ୨୦ରେ ଥିବା ଏକ ଘରୁ ଚୋରି ଘଟଣାରେ ମଧ ସମ୍ପୃକ୍ତ ଥିଲା। ଯାହା ସିସିଟିଭି ଫୁଟେଜ୍ ମାଧ୍ୟମରେ ତାଙ୍କ ସମ୍ପୃକ୍ତି ନିଶ୍ଚିତ ହୋଇଛି। ଅଧିକ ପଚରାଉଚରା ସମୟରେ ସେ ଉକ୍ତ ଘରରୁ ଦୁଇଟି ମୋବାଇଲ୍ ଫୋନ୍, ନଗଦ ଟଙ୍କା ଓ ରୂପା ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଛି। ବିଶ୍ୱନାଥ ଜଣେ ଅଭ୍ୟାସଗତ ଅପରାଧୀ। ପୂର୍ବରୁ ଚୋରି, ଘର ଚୋରି ଏବଂ ଡକାୟତି ଭଳି ଅପରାଧ ପାଇଁ କ୍ୟାପିଟାଲ ଥାନାରେ ପଞ୍ଜିକୃତ ଦଶଟି ଅପରାଧିକ ମାମଲାରେ ଜଡିତ ଥିଲା। ପୂର୍ବରୁ ସେ ଏପରି ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲା।

# ତାଇୱାନରେ ଅଦିନିଆ ରଥଯାତ୍ରା

ଭୁବନେଶ୍ୱର, ୧୩।୧୧(ସମିସ): ଆସନ୍ତା ୨୩ ତାରିଖ ଦିନ ଇସ୍କନ ପକ୍ଷରୁ ତାଇୱାନର ତାଇପେଇ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା। ଏହି କଥା ଜଣା ପଡ଼ିବା ପରେ ଜଗନ୍ନାଥ ପ୍ରେମୀ ଓ ଅଗଣିତ ଭକ୍ତଙ୍କ ଭିତରେ ଗଭୀର ଅସନ୍ତୋଷ ଦେଖା ଦେଇଛି। ଏଠାରେ ଉଲ୍ଲେଖ ଥାଉ କି ଇସ୍କନ ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନ ଦେଇ ଓଡ଼ିଶା ସରକାର, ଗଜପତି ଦିବ୍ୟସିଂହ ଦେବ ଓ ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ବେଖାତିର କରି ଅଦିନିଆ ରଥଯାତ୍ରା କରୁଛି। ଏହା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଓଡ଼ିଶା ସରକାର ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବାକୁ ସହ ଏହା ଉପରେ କଠୋର ପଦକ୍ଷେପ ନେବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଆବଶ୍ୟକ ହେଲେ ଭାରତ ସରକାରଙ୍କ ସହ ଯୋଗାଯୋଗ କରି ଓଡ଼ିଶା ସରକାର ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବାକୁ ସେ ଦାବି କରଛନ୍ତି।

# ଚନ୍ଦ୍ରଶେଖର, ପ୍ରେମାନନ୍ଦ ପାଇବେ 'ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ସମ୍ମାନ'

ଭୁବନେଶ୍ୱର, ୧୩।୧୧(ସମିସ): ଓଡ଼ିଶା ସିନେକ୍ରିଟିକ ଆସୋସିଏସନ, ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆସନ୍ତା ୧୭ ତାରିଖ ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତିଙ୍କ ୨୩ତମ ଶ୍ରାଦ୍ଧ ଦିବସ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ପୁରସ୍କାର ପ୍ରଦାନ ଏବଂ ସଙ୍ଗୀତଭିତ୍ତିକ 'ସ୍ମୃତି ତୁମେ ଅକ୍ଷୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ଚନ୍ଦ୍ର ଶେଖର ହୋତାଙ୍କୁ 'ଅକ୍ଷୟ ସାହିତ୍ୟ ସମ୍ମାନ' ଓ ପ୍ରଖ୍ୟାତ ସଙ୍ଗୀତଜ୍ଞ ପ୍ରେମାନନ୍ଦଙ୍କୁ 'ଅକ୍ଷୟ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯିବ। ଏହି ଅବସରରେ ଚିରସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଗୀତଗୁଡ଼ିକୁ ନେଇ ଅକ୍ଷୟ ସଙ୍ଗୀତ ସନ୍ଧ୍ୟା 'ସ୍ମୃତି ତୁମେ ଅକ୍ଷୟ-୨୦୨୫' ପରିବେଷଣ କରିବେ ସୌରଭ ନାୟକ, ବିଚିତ୍ରାନନ୍ଦ ଦେଓ, ଶୁଭେନ୍ଦ୍ର ନାୟକ, ସିଦ୍ଧାନ୍ତ ଶତପଥୀ, ସୁଧାଂଶୁ ଜେନା, ଆଦ୍ୟାଶା ଦାସ, ଛନ୍ଦା ମିଶ୍ର ପ୍ରମୁଖ କଣ୍ଠଶିଳ୍ପୀ। ସେହିପରି ଏକକ ଭାଓଲିନ୍ ବାଦନ କରିବେ ରାକେଶ ବିଶ୍ୱାଳ। କାର୍ଯ୍ୟକ୍ରମକୁ ସଂଯୁକ୍ତା ଦାସ ଓ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିବେ ବୋଲି ସଂସ୍କୃତି ଓ ସଂସ୍କୃତିର ସମ୍ପାଦକ ଦିଲ୍ଲୀପ ହାଲି, ସଭାପତି ପ୍ରଦୋଷ ପଟ୍ଟନାୟକ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ଅଞ୍ଜଳି ଦ୍ୱିତୀୟ ସନ୍ଧ୍ୟାରେ 'ମିଥିକା ଲ୍ୟାଣ୍ଡ'



ଭୁବନେଶ୍ୱର, ୧୩।୧୧ (ସମିସ): ଆନ୍ତର୍ଜାତିକ ଶିଶୁ ମହୋତ୍ସବ ଅଞ୍ଜଳିର ୨୫ତମ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା 'ମିଥିକା ଲ୍ୟାଣ୍ଡ'। ଯେଉଁଥିରେ ଭାରତୀୟ ପୌରାଣିକ କଥାବସ୍ତୁକୁ ଭିନ୍ନ ଢ଼ଙ୍ଗରେ ଉପସ୍ଥାପିତ କରାଯାଇଛି। ମଞ୍ଚ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁ ଏଚ୍‌ଏଚ୍ ପରମହଂସ ପ୍ରଜ୍ଞାନନ୍ଦ ଜୀ ମହାରାଜ, ସ୍ୱାଭିମାନର ପ୍ରତିଷ୍ଠାତା ଡା. ଶ୍ରୁତି ମହାପାତ୍ର, ସାମାଜିକ କର୍ମୀ ସ୍ୱାଧୀନ ଖଟୁଆ, ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ଡେପୁଟି ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଡା. ପଦ୍ମା ମହାନ୍ତି, ସ୍ୱାମୀ ଶୁଦ୍ଧାନନ୍ଦ ଗିରି ଜୀ, ଓଡ଼ିଶୀ ନୃତ୍ୟ ଶିଳ୍ପି ପଦ୍ମଶ୍ରୀ ଅରୁଣା ମହାନ୍ତି ଉପସ୍ଥିତ ରହିଥିଲେ। ଅଞ୍ଜଳି ବୀରତ୍ୱ ପୁରସ୍କାର (ଏକ ଲକ୍ଷ ଟଙ୍କା) ସ୍ପାଇନାଲ ଇଞ୍ଜୁରି ସହ ଜୀବନଯୁଦ୍ଧ ଲଢୁଥିବା ଜାତୀୟ ହ୍ୱିଲ୍‌ଚେୟାର ରଗ୍‌ବି ଖେଳାଳି ଗୌତମ ସିଂହଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ପୁସ୍ତକ 'ଅନ୍‌ବ୍ରୋକେନ୍: ୧୦୧ ଷ୍ଟୋରୀଜ୍ ଅଫ୍ ଡିଜେବଲ୍‌ଡ୍ ଲିଡର୍ସ'ଉନ୍ମୋଚିତ ହୋଇଛି।

# ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୩।୧୧(ସମିସ): ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ ଫନ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ ୯ମ ବାର୍ଷିକ ଉତ୍ସବ ଲାୟନ୍ସ ଭବନରେ ଅନୁଷ୍ଠିତ ହୋଇଯାଅଛି। ଏଥିରେ ୱାକର୍ସ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି, ଲାୟନ୍ସ କ୍ଲବ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ନିକୁଞ୍ଜ ଛୋଟରାୟ, ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି ଏବଂ ପୁଣ୍ୟ ଉତ୍କଳର ଅଧକ୍ଷ, ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଅର୍ଥ ପରାମଶ ଦାତା ଓ ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ଯୋଗ ଦେଇ ସୁସ୍ଥ ରହିବାର ଜୀବନଶୈଳୀ ଏବଂ ଫନ୍ ଆଣ୍ଡ ଫିଟନେସ୍ କ୍ଲବ ପ୍ରଚେଷ୍ଟା ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଏକ ଯୁଗାନ୍ତକାରୀ ମତ ପ୍ରକାଶ କରିଥିଲେ। ସଭାପତି ଆଶିଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସୁଧାକର ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ଓ କୋଷାଧକ୍ଷ ପ୍ରଦୀପ ରାଉତ କ୍ଲବର ଆୟବ୍ୟୟର ବିବରଣୀ ପାଠ କରିଥିଲେ। ପାକ୍ତନ ସଭାପତି କେଦାର ପଟ୍ଟନାୟକ ଏଫ୍‌ଏଫ୍‌ସିର ଭିତ୍ତିଭୂମି ଏବଂ ଏହାର କାର୍ଯ୍ୟ ଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ।

ଭୁବନେଶ୍ୱର ଓ କଟକର ୱାକର୍ସ କ୍ଲବ ଦ୍ୱାରା ୱାକର୍ସ କାର୍ଯ୍ୟଶୈଳୀକୁ ତ୍ୱରାନ୍ୱିତ କରିଆସୁଥିବା କିଛି କ୍ଲବର ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନକୁ ୱାକର୍ସ ଇଣ୍ଟରନେସନାଲର ୨୦୨୩ ଓ ୨୪ ମସିହାରେ ଶ୍ରେଷ୍ଠ କ୍ଲବର ମାନ୍ୟତା ଆଣିଥିବା ସଭାପତି ଆଶିଷ ପଟ୍ଟନାୟକ, ସମ୍ପାଦକ ସୁଧାକର ଷଡ଼ଙ୍ଗୀ, ଉପସଭାପତି ପ୍ରଦୀପ୍ତ ପଣ୍ଡା, ରିୟା ଖାନ୍, ତାରିଣି ପ୍ରସାଦ ମହାନ୍ତି, ଦେବବ୍ରତ କରଣ, ପ୍ରତାପ ରାଉତରାୟ, ଅମୀତା ଜେନା, ବିବେକାନନ୍ଦ ବାରିକ୍, ଲାଲମୋହନ ପ୍ରଧାନ, ସୁମିତ୍ରା ବେହେରା, ଲିପସା ମହାପାତ୍ରଙ୍କୁ ପ୍ରଣତୀ ଶତପଥୀ, ମଧୁସ୍ମିତା ପ୍ରିୟଦର୍ଶନୀ, ଯଶୋଦା ଭଞ୍ଜ, ମନ୍ଦାକିନୀ ସାହୁଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୌଭାଗ୍ୟ ନାୟକ, ଭବାନୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଏଫ୍‌ଏଫ୍‌ସିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଟେଲଙ୍କ ୧୫୦ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା

ବାଲିଅନ୍ତା, ୧୩।୧୧(ସମିସ): ବାଲିଅନ୍ତା ବ୍ଲକ ଅଞ୍ଚଳରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏକ ସାମୂହିକ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ସ୍ଥାନୀୟ ବ୍ଲକ, ପ୍ରଶାସନ ମିଳିତ ସହଯୋଗରେ ପୂର୍ବାହ୍ନରେ ଜୟଦେବ ପୀଠ ନିକଟସ୍ଥ ଖେଳପଡ଼ିଆରୁ ପଦଯାତ୍ରା ବାହାରିଥିଲା। ପଦଯାତ୍ରା ଆପଟସାହି ଛକ ଦେଇ ପ୍ରତାପରୁଦ୍ରପୁର ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ଏନେଇ ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ବାଲିଅନ୍ତା ବିଡିଓ ରଶ୍ମିତା ନାଥ, ଜୟଦେବ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ଭୋଇ, ସମିତି ସଭ୍ୟ ଭାବଗ୍ରାହୀ ଗୋଚ୍ଛାୟତ, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଜିଲ୍ଲା ସଂଯୋଜକ ସଞ୍ଜୟ ତ୍ରିପାଠୀ, ବ୍ରହ୍ମାନନ୍ଦ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଭିଙ୍ଗାରପୁର ମଣ୍ଡଳ ସଭାପତି ସୋମ୍ୟରଞ୍ଜନ ଦାଶ, ବାଲିପାଟଣା ମଣ୍ଡଳ ସଭାପତି ଗିରିଶ୍ ପ୍ରଧାନ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଉଭୟ ସ୍ଥାନରେ ଭକ୍ତି ସଙ୍ଗୀତ, ଓଡ଼ିଶୀ, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଅନ୍ୟାନ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏନେଇ ଅତିଥିମାନେ ବିଶ୍ୱ କବି ଜୟଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଖେଳପଡ଼ିଆରେ ଆୟୋଜିତ ସଭାରେ ଉପରୋକ୍ତ ଅତିଥିବୃନ୍ଦ ଲେ?ହମାନବଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

# ମୋକ୍ଷ' ପକ୍ଷରୁ 'ଯୁଗଳବନ୍ଦୀ'ର ୧୬ତମ ସଂସ୍କରଣ



ଭୁବନେଶ୍ୱର, ୧୩।୧୧(ସମିସ): ଓଡିଶୀ ନୃତ୍ୟାନୁଷ୍ଠାନ 'ମୋକ୍ଷ' ପକ୍ଷରୁ ଜୟଦେବ ଭବନରେ 'ଯୁଗଳବନ୍ଦୀ'ର ୧୬ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତ, ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ମିନତି ପ୍ରଧାନ, 'ହୋଲିଷ୍ଟିକ୍ ହିଲିଂ'ର ପ୍ରତିଷ୍ଠାତା ମୀନାକ୍ଷୀ ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ସୁଜାତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଏଥିରେ ରୁତୁରାଜ ମହାପାତ୍ର, କ୍ଷୀରାବ୍ଧୀ ମହାପାତ୍ର, ଲକିପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ବ୍ରାହ୍ମୀ ଷଡଙ୍ଗୀ, ସାଗର ଖୁଣ୍ଟିଆ, ଲିମା ଦାସ, ତିମିରାସୁ ପଟ୍ଟନାୟକ, ରାଜେଶ କୁମାର ନାୟକ, ବର୍ଷା ଦାସ, ପ୍ରୀତିମୟୀ ଦାସ, ଶ୍ରୁତିଶ୍ରୀ ରାଉତ, ତନୁଶ୍ରୀ ସାହୁ, ବିଭୁପ୍ରସାଦ ବେହେରା, ଆକାଂକ୍ଷା ଦାସ, ସ୍ମିତା ମହାପାତ୍ର, ରାକେଶ ଦାସ, ଅନ୍‌ୱେଷ ଦାସ, ରୋଜାଲିନ୍ ନାୟକ, ମେଘନା ସାହୁ, ରୁତୁପର୍ଣ୍ଣା ଦାଶ, ବର୍ଷା ପ୍ରିୟଦର୍ଶିନୀ ଷଡଙ୍ଗୀ, ଇପ୍‌ସିତା ମହାପାତ୍ର, ପ୍ରିୟଙ୍କା ସାହୁ, ଶିବାନୀ ବେହେରା, ସୋନୋମ ପଣ୍ଡା, ଗାୟତ୍ରୀ ସାହୁ, ଇତିଶ୍ରୀ ପ୍ରିୟଦର୍ଶିନୀ ସିଂହ, ଗାୟତ୍ରୀ ସେଠୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଚନ୍ଦନ କୁମାର ନାୟକ, ରାଜଶ୍ରୀ ପ୍ରିୟଦର୍ଶିନୀ, ଶୋଭନା ମିଶ୍ର ଓ ରତ୍ନା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଡିସେମ୍ବର ୨୩ ରୁ 'ଓଡ଼ିଶା ପାରମ୍ପରିକ ଖାଦ୍ୟ ମହୋତ୍ସବ'



ଭୁବନେଶ୍ୱର, ୧୩।୧୧(ସମିସ): ଆସନ୍ତା ଡିସେମ୍ବର ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଆୟୋଜିତ ହେବ 'ଓଡ଼ିଶା ପାରମ୍ପରିକ ଖାଦ୍ୟ ମହୋତ୍ସବ-୨୦୨୫'। ବିଶ୍ୱ ଓଡ଼ିଆ ପରିବାର ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ପାରମ୍ପରିକ ପରିବେଷଣ କଳା, ଚିତ୍ରକଳା ଓ ସମ୍ମାନ ମାଧ୍ୟମରେ ଓଡିଆ ଖାଦ୍ୟ ପରମ୍ପରାର ବିଶେଷତ୍ୱକୁ ପ୍ରଦର୍ଶନ କରାଯିବ। ଏନେଇ ଗୁରୁବାର ବିଶ୍ୱବିଦ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ କୁମାର ଶର୍ମା ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟ ଏଥିରେ ପ୍ରତ୍ୟକ୍ଷ ଭାବେ ଭାଗ ନେବେ। ମହୋତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି କୁଳସଚିବ ଅନାମିକା ଅଧିକାରୀ ସୂଚନା ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ମେଳାରେ ୭୨ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ



ଧଉଳି, ୧୩।୧୧(ସମିସ): ଭୁବନେଶ୍ୱର ବ୍ଲକ ଶିଶୁପାଳଗଡ଼ ଗଙ୍ଗୋତ୍ରୀନଗରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୬ ତମ ବିଜ୍ଞାନ ମେଳା ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିମଳ ଚନ୍ଦ୍ର ପରମଗୁରୁ, ରବୀନ୍ଦ୍ର କୁମାର ତ୍ରିପାଠୀ ଯୋଗଦେଇ ଏହି ମେଳାକୁ ଉଦଘାଟନ କରିଥିଲେ। ପରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଶାନ୍ତିଲତା ତ୍ରିପାଠୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ବିଜ୍ଞାନ ସମ୍ବନ୍ଧୀୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିରେ ମୋଟ ୭୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଯେଉଁଥିରେ ବରିଷ୍ଠ ବିଭାଗର ୨୨ ଏବଂ କନିଷ୍ଠ ବିଭାଗର ୫୦ ଜଣ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ। ଏହି ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର କୃଷ୍ଣ ପ୍ରସାଦ ନାୟକ, ଯଜ୍ଞେଶ୍ୱର ମିଶ୍ର ସମେତ ସନ୍ତୋଷ, ପ୍ରତିମା, ସସ୍ମିତା, ସୁଚିତ୍ରା, ପୁଷ୍ପାଞ୍ଜଳି, ମଧୁସ୍ମିତା, ଚିନ୍ମୟୀ, ସନ୍ଧ୍ୟାରାଣୀ, ସୁମିତ୍ରା ଆଦି ଗୁରୁଜୀ ଗୁରୁମାମାନେ ସହଯୋଗ କରିଥିଲେ।

## 'ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩।୧୧(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଆଜିର ସୃଜନୀର ମିଳିତ ଆନୁକୂଲ୍ୟରେ ଗୁରୁବାର ରାଜ୍ୟ ସଂଗ୍ରହାଳୟରେ 'ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଜିର ସୃଜନୀର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ଡିପି ଚୌଧୁରୀ, ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଡ. ଡିବି ଗଡ଼ନାୟକ, ଡ. ସୁନୀଲ କୁମାର ପଟ୍ଟନାୟକ, ସଂଗ୍ରହାଳୟର ଅଧିକ୍ଷକ ଡ. ଭାରତୀ ପାଲ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଏହି ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଲିଭାଙ୍କ ସଂଯୋଜନା କରିଥିଲେ।

## ପ୍ରତିଭା ସମ୍ମାନ ଉତ୍ସବ

# ଡଃ କୁଳମଣି ନାୟକଙ୍କୁ ଭାଷା ରତ୍ନ ପୁରସ୍କାର

ଭୁବନେଶ୍ୱର, ୧୩।୧୧(ସମିସ): ପ୍ରତିଭା ସମ୍ମାନ ଓଡ଼ିଶା ପକ୍ଷରୁ ଆୟୋଜିତ ଦ୍ୱିତୀୟ ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ। ତାଙ୍କ ସହିତ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମେନ ପବିତ୍ର ରାଉତରାୟ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସଂଯୋଜିକା ତଥା ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟର ଅପର୍ଣ୍ଣା ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଡଃ କୁଳମଣି ନାୟକଙ୍କୁ ଭାଷା ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ପ୍ରମୋଦ କୁମାର ଦେବ ସଭା ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ନାଟକ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପୁରୀ ପକ୍ଷରୁ ନାଟକ ମଞ୍ଜମାୟା ମଞ୍ଚସ୍ଥ ହୋଇଥିଲା। ପ୍ରତିଭା ନାଟ୍ୟ ପରିଷଦ ର ସଭାପତି ଦିପ୍ତିରଜନ ଦାସ ନାଟକ ମହୋତ୍ସବ କୁ ପରିଚାଳନା କରିଥିଲେ।




ସୂଚନାଯୋଗ୍ୟ ଯେ ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ୩ ଦିନ ପାଇଁ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସଙ୍ଗଠନର ସଭାପତି ତଥା ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡଃ ଅଶୋକ ମହାପାତ୍ର, ପୂର୍ବତନ କୂଳପପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉପସଭାପତି ଡଃ କୁମରବର ଦାସ ପ୍ରତିଭା ନାଟ୍ୟ ପରିଷଦର ସଭାପତି ଦୀପ୍ତି ରଞ୍ଜନ ଦାସ, ସିନେମା କଳାକାର ସ୍ୱର୍ଗତ ଅଜିତ୍ ଦାସଙ୍କ ପତ୍ନୀ ଡଃ ମାୟାଦାସ, ବିଶିଷ୍ଟ ନାଟ୍ୟକାର ଫକୀର ସିଂ, ମିହିର କୁମାର ମେହର ଓ ଅବିନାଶ ଦଣ୍ଡପାଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ପାଞ୍ଚଜଣ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ରତ୍ନ ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଥିଲା।

### ପଞ୍ଜୀକରଣ ସମସ୍ୟା

## ରାସ୍ତାରେ ମାଣ ବସାଇଲେ ଚାଷୀ



ବରଗଡ଼,୧୩।୧୧(ସମିସ): ଧାନ କାର୍ଡ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ପଡିଥିବା ବରଗଡ଼ ଜିଲ୍ଲାର ହଜାର ହଜାର ଚାଷୀ ସୋମବାରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଚାଲିଥିବା ଚାଷୀ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ଗୁରୁବାର ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ କରି ଆନ୍ଦୋଳନ ସ୍ଥଳରେ ମାଁ ମହାଲକ୍ଷ୍ମୀଙ୍କ ପୂଜା କରିଥିଲେ।

## ପୌର ପରିଷଦ ଟ୍ୟାକ୍ସ କଲେକ୍ଟର ନିଲମ୍ବିତ

ସୋନପୁର,୧୩।୧୧(ସମିସ): ସୋନପୁର ପୌର ପରିଷଦର ଟ୍ୟାକ୍ସ କଲେକ୍ଟର କୃଷ୍ଣଭକ୍ତ ନାଏକ କାର୍ଯ୍ୟରେ ଗୁରୁତର ଅବହେଳା ଯୋଗୁଁ ନିଲମ୍ବିତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୁଧବାର ଜିଲ୍ଲାର ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଜିଲ୍ଲାପାଳଙ୍କ ସଭାଗୃହରେ ଏକ ସମୀକ୍ଷା ବୈଠକ ବସିଥିଲା। ଏଥିରେ ଟ୍ୟାକ୍ସ କଲେକ୍ଟର ଶ୍ରୀ ନାଏକ ଅନୁପସ୍ଥିତ ଥିଲେ। ତାଙ୍କୁ ପ୍ରଥମେ ବିଭାଗୀୟ ଅଧିକାରୀ ଫୋନ୍ କରିଥିଲେ। ସେ କିନ୍ତୁ ଫୋନ୍ ରିସିଭ୍ କରି ନ ଥିଲେ। ଶେଷରେ ଜିଲ୍ଲାପାଳ ନିଜେ ବାରମ୍ବାର ଫୋନ୍ କରିଥିଲେ। ଏହା ସତ୍ତ୍ୱେ ସେ ଫୋନ୍ ରିସିଭ୍ କରି ନ ଥିଲେ।

### ୨୭ରେ ବିଧାନସଭା ଶୀତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

# ଗସ୍ତ ପୂର୍ବରୁ ମୁଖ୍ୟ ସଚିବଙ୍କ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୩।୧୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୭ରେ ଓଡ଼ିଶା ଗସ୍ତରରେ ଆସିବେ। ଏହି ଗସ୍ତରେ ରାଷ୍ଟ୍ରପତି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ସହ ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏହି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବସିଥିବା ବେଳେ ପରେ ପରେ ଅପରାହ୍ଣରେ ଓଡ଼ିଶା ବିଧାନ ସଭାରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ମଧ୍ୟ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି।

ଓଡ଼ିଶା ଗସ୍ତ ପୂର୍ବରୁ ଆଗାମୀ ନଭେମ୍ବର ୨୦ ତାରିଖରେ ମଧ୍ୟ ରାଷ୍ଟ୍ରପତି ଓଡ଼ିଶାର ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବାର ଏକ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିଛି। ୨୦ରେ ରାଷ୍ଟ୍ରପତି ଛତିଶଗଡ଼ର ଅମ୍ବିକାପୁର ଠାରେ "ଜନ ଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସେଦିନ ସକାଳ ୮ଟା ୨୫ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ସକାଳ ୧୦ଟା ୫ରେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ସେ ବାୟୁସେନାର ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଛତିଶଗଡ଼ ଯାଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପୁନଶ୍ଚ ରାଷ୍ଟ୍ରପତି ଝାରସୁଗୁଡ଼ା ଦେଇ ସେଦିନ ଅପରାହ୍ନ ୧ ଟା ୪୫ ସୁଦ୍ଧା ସେ ଆନ୍ଧ୍ରପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

**୨୭ ଅପରାହ୍ଣ ୨ରେ ପହଞ୍ଚି ୨୮ ସକାଳ ୯.୩୫ରେ ଓଡ଼ିଶା ଛାଡ଼ିବେ ରାଷ୍ଟ୍ରପତି**

**ରାଜଭବନ ନୂଆ କଳିଙ୍ଗ ଅତିଥି ନିବାସର ହେବ ଉଦ୍‌ଘାଟନ**

**ନଭେମ୍ବର ୨୦ରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ ରାଷ୍ଟ୍ରପତି**

ନଭେମ୍ବର ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଝାରସୁଗୁଡାଠାରେ ଅବତରଣ ଏବଂ ସେଠାରେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ସାମୟିକ ରହଣି ନିମନ୍ତେ ଜିଲ୍ଲାପାଳ ଓ ଏସପି ଝାରସୁଗୁଡାଙ୍କ ସହିତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି।

ସେହିପରି ନଭେମ୍ବର ୨୭ ତାରିଖରେ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ୧୧ ଟା ୫୦ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ଣ ୨ ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ ଟାରେ ରାଜଭବନ ସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହ ଉଦ୍‌ଘାଟନ କରିବେ। ଅପରାହ୍ଣ ୪.୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ ଏବଂ ୪.୩୦ରୁ ୫.୩୦ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ସଦସ୍ୟାମାନଙ୍କୁ ସମ୍ବୋଧନ କରିବେ। ପରେ ପରେ ସେଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ପରଦିନ ୨୮ ତାରିଖ ସକାଳୁ ୯ ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ ଆଗମନ ଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିସେବା ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ■ ମାମଲା ରୁଜୁର ୪୩ ବର୍ଷ ପରେ ଆସିଲା ରାୟ

## ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୩।୧୧(ସମିସ): ମାମଲା ରୁଜୁ ହେବାର ଦୀର୍ଘ ୪୩ବର୍ଷ ପରେ ହାଇକୋର୍ଟ ଏହାର ଫଇସଲା କରି ରାୟ ଶୁଣାଇଛନ୍ତି। ଜମି ଅଧିଗ୍ରହଣ ବିବାଦ ସମ୍ପର୍କିତ ଏକ ମାମଲାରେ ୧୯୮୨ ମସିହା ମାର୍ଚ୍ଚ ୪ରେ ବରଗଡ଼ ସବ୍-ଜଜ୍ ଅଦାଲତ ପ୍ରଦାନ କରିଥିବା ରାୟ ବିରୋଧରେ ରୁଜୁ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ରାୟ ପ୍ରକାଶ କରିଛନ୍ତି। ସେହି ସମୟରେ ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି.ରାଉତରାୟ ଏପରି ରାୟ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତଙ୍କ ରାୟରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିବା ସହିତ ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନ (ପ୍ରଥମ ଅପିଲ)କୁ ଖାରଜ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷଙ୍କ ସହ ଅନ୍ୟମାନଙ୍କ ବରଗଡ଼ ମୌଜାରେ ଥିବା ଜମିକୁ କୋଅପରେଟିଭ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଅଧିଗ୍ରହଣ କରାଯାଇଥିଲା। ସେହି ସମୟରେ ମିଳିଥିବା କ୍ଷତିପୂରଣ ଟଙ୍କା ପ୍ରତିପକ୍ଷ ଗ୍ରହଣ କରିଥିଲେ। ପରେ କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସେ ସବ୍-ଜଜ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମିର ବଜାର ମୂଲ୍ୟ ଅନୁସାରେ ଅତିରିକ୍ତ କ୍ଷତିପୂରଣ ରାଶି ପ୍ରତିପକ୍ଷ ଜମି ମାଲିକଙ୍କୁ ୧୯୭୮, ଏପ୍ରିଲ ୨୬ରୁ ୬ ପ୍ରତିଶତ ସୁଧ ସହିତ ପ୍ରଦାନ କରିବାକୁ ନିମ୍ନ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସବ୍-ଜଜ୍ ଅଦାଲତଙ୍କ ଏହି ରାୟକୁ ଚାଲେଞ୍ଜ କରି ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀ ୧୯୮୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ■ ଦୀର୍ଘ ଦିନ ପରେ ଦାବି ପୂରଣ କଲା ରେଳ ବିଭାଗ

## ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ

କେସିଙ୍ଗା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳବାସୀଙ୍କ ଏକ ଦଶନ୍ଧିରୁ ହେଉଥିବା ଏକ ଦାବି ଭାରତୀୟ ରେଳ ବିଭାଗ ପୂରଣ କରିଛି। ରେଳ ବିଭାଗର ଚିଠି ସଂଖ୍ୟା ସିସି୨୭୧/୨୦୨୫ ତାରିଖ ୩୧.୧୦.୨୫ ଅନୁଯାୟୀ ରେଳ ବିଭାଗ ହାୱଡା ଟିଟଲାଗଡ ଏକ୍ସପ୍ରେସ୍ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଆଦେଶ ଦେଇଛି। ଆଗରୁ ଉକ୍ତ ଟ୍ରେନଟି ହାୱଡାରୁ ଆସି ଟିଟଲାଗଡ଼ରେ ରହି ଯାଉଥିଲା। ବର୍ତ୍ତମାନ ସେହି ଟ୍ରେନ ଟିଟଲାଗଡ଼ରେ ନ ରହି ଜୁନାଗଡ଼ ପର୍ଯ୍ୟନ୍ତ ଯିବ କେବେଠୁ ଚଳାଚଳ କରିବ ଖବର ନ ଥିଲେ ମଧ୍ୟ ବହୁତ ଶୀଘ୍ର ଏହା ଚଳାଚଳ କରିବ ବୋଲି ଶୁଣିବାକୁ ମିଳୁଛି। ଏହା ଜିଲ୍ଲାବାସୀଙ୍କ ପାଇଁ ନିହାତି ପକ୍ଷେ ଖୁସିର ବିଷୟ। ଏଥିପାଇଁ ରେଳ ବିଭାଗକୁ ଜିଲ୍ଲାବାସୀଙ୍କ ପକ୍ଷରୁ ବହୁତ ବହୁତ ଧନ୍ୟବାଦ। ଏହି ଟ୍ରେନ ଚଳାଚଳ ପାଇଁ କେସିଙ୍ଗାର ରେଳ ଯାତ୍ରୀ ସଂଘ ସମେତ କେସିଙ୍ଗା ସିଟିଜନ ଫୋରମ ଅନେକ ଦିନରୁ ଦାବି କରିଆସୁଥିଲେ। ଯାହାବି ହେଉ ବିଳମ୍ବରେ ହେଲେ ମଧ୍ୟ ଦାବି ପୂରଣ ହେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ରେଳ ବିଭାଗ ତତ୍ପର ଦେଖାଇ ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି।

### ■ ଟିକସ ଫାଙ୍କିବା ଓ ପରମିଟ୍ ଅନିୟମିତତା

## ୪ ବସ୍‌ରୁ ୧୫.୪୬ ଲକ୍ଷ ଜରିମାନା ଆଦାୟ

ପୁରୀ,୧୩।୧୧(ସମିସ): ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ବସ୍ ଚଳାଚଳ କରୁଥିଲେ ମଧ୍ୟ ଗାଡ଼ିର କାଗଜପତ୍ର ଠିକ୍ ରଖିବା ଉପରେ ମାଲିକ ଧ୍ୟାନ ଦେଉନାହାନ୍ତି। ଏଭଳି ବେପରୁଆ ମନୋଭାବ ପାଇଁ ୪ଟି ବସ୍‌କୁ ମୋଟା ଅଙ୍କର ଜରିମାନା ହୋଇଛି। ଟିକସ ଫାଙ୍କିବା ଓ ପରମିଟ ଅନିୟମିତତା ଅଭିଯୋଗରେ ପୁରୀ ଆରଟିଓ ଓ ଏସଟିଏ କଟକ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ମାଳତିପାଟପୁର ବସ୍‌ଷ୍ଟାଣ୍ଡରେ ୪ଟି ବସ୍‌କୁ ଜବତ କରାଯାଇଛି। ଏହି ୪ଟି ବସ୍‌ଠାରୁ ୧୫ଲକ୍ଷ ୪୬ହଜାର ୮୪୭ଟଙ୍କା ଫାଇନ୍ ମଧ୍ୟ ଆଦାୟ ହୋଇଛି। ଜବତ ହୋଇଥିବା ବସ୍ ନମ୍ବର ହେଉଛି ଡବ୍ଲ୍ୟୁବି୨୯ଏଫ୍-୬୮୬୨, ଡବ୍ଲ୍ୟୁବି୧୧ଏଫ୍ ୭୪୯୯, ଡବ୍ଲ୍ୟୁବି୭୩ଜି ୭୫୦୧ ଏବଂ ଡବ୍ଲ୍ୟୁବି ୨୯ଏଫ୍ ୩୦୮୮। ଏ ସମସ୍ତ ବସ୍ ପଶ୍ଚିମବଙ୍ଗର ବୋଲି ପୁରୀ ଜିଲ୍ଲା ପରିବହନ କାର୍ଯ୍ୟାଳୟରୁ ପକ୍ଷରୁ ସୂଚନା ଦିଆଯାଇଛି।

### ଏଯାଏଁ ମିଳିପାରିନି ପରିବେଶ ମଞ୍ଜୁରୀ

## ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

କାଳିପଦା, ୧୩।୧୧ (ସମିସ): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖଠାରେ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ଅଦ୍ୟାବଧି ବନ୍ଦର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନ ଟ୍ରିବ୍ୟୁନାଲରୁ ପରିବେଶ ମଞ୍ଜୁରୀ ମିଳିପାରିନାହିଁ। ଏବେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଚୌମୁଖ ଡଗରା ବେଳାଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**ସିଆରଜେଡ-୨ ପାଇଁ କୋର୍ଟରେ ମାମଲା**

୧୯୯୮ ମସିହାରେ ଏହି ଦୁଇ ବେଳାଭୂମିକୁ ତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ୨୦୦୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଙ୍ଗଳେଶ୍ୱର କାଳିଝାଟି ପଡିଆ ଜନସମାବେଶରେ ଚୌମୁଖଠାରେ ଘରୋଇ ଉଦ୍ୟୋଗରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ପରେ ଚେନ୍ନାଇର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମଓୟୁ ସରକାରଙ୍କ ସହିତ କରିଥିଲେ। ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟ କିଛି ମାତ୍ରାରେ ଆଗେଇ ଥିଲା। ରାସ୍ତା ଓ ରେଳ କରିଡର ପାଇଁ କମ୍ପାନୀ ୪୦ ପ୍ରତିଶତ ଜମି ଅଧିଗ୍ରହଣ କରିଥିଲେ। ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି।

## ବିବାହ ବନ୍ଧନରେ ଧରାକୋଟ ରାଜା ସୁଲକ୍ଷଣା

ଧରାକୋଟ,୧୩।୧୧(ସମିସ): ଧରାକୋଟର ପ୍ରଥମ ମହିଳା ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ରାଜା କିଶୋର ଚନ୍ଦ୍ର ସିଂହଦେଓ ଓ ରାଣୀ ନନ୍ଦିନୀ ଦେବୀଙ୍କ ଜ୍ୟେଷ୍ଠା କନ୍ୟା ସୁଲକ୍ଷଣା ଗୀତାଞ୍ଜଳୀ ରାୟପୁର ରାଜକୁମାର କଲେଜରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ପିତା କିଶୋର ଚନ୍ଦ୍ର ସିଂହଦେଓଙ୍କ ମୃତ୍ୟୁ ପରେ ପ୍ରଜାଙ୍କ ଅନୁରୋଧ ରକ୍ଷା କରି ମାତ୍ର ୧୪ ବର୍ଷରେ ଧରାକୋଟ ରାଜ୍ୟର ରାଜା ଓ ଓଡ଼ିଶାର ସର୍ବକନିଷ୍ଠ ରାଜାର ମାନ୍ୟତା ପାଇଥିଲେ। ଏହାପରେ ଜଣେ ସଫଳ ପ୍ରଜାନୁରାଗୀ ରାଜା ଭାବରେ ନିଜକୁ ପ୍ରତିଷ୍ଠିତ କରି ରଥଯାତ୍ରା, ମନ୍ଦିର ପ୍ରତିଷ୍ଠା, ଯଜ୍ଞ ପୂର୍ଣ୍ଣାହୁତି ଭଳି ଦେବ କାର୍ଯ୍ୟକୁ ସୂଚାରୁ ରୁପେ ସମ୍ପନ୍ନ କରି ପ୍ରଶଂସାର ପାତ୍ର ହୋଇପାରିଥିଲେ। ସଂପ୍ରତି ସେ ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସମ୍ପୂର୍ଣ୍ଣ ରାଜକୀୟ ରୀତିନୀତି ପ୍ରକାରେ ଏହି ବାହାଘର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ବେଳେ ବିବାହ ଉତ୍ସବରେ ରାଜମାତା ନନ୍ଦିନୀ ଦେବୀ, ସାନ ଭଉଣୀ ଶାନ୍ତିପ୍ରିୟା ଗୀତାଞ୍ଜଳିଙ୍କ ସମେତ ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ରାଜ ପରିବାରର ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ। ସୁଲକ୍ଷଣାଙ୍କ ଜେଜେବାପା



ଅନନ୍ତ ନାରାୟଣ ସିଂହ ଦେଓ, ଜେଜେ ମା' ଶାନ୍ତି ଦେବୀ, ପିତା କିଶୋର ଚନ୍ଦ୍ର ସିଂହଦେଓ, ମାତା ନନ୍ଦିନୀ ଦେବୀ ବିଭିନ୍ନ ସମୟରେ ଓଡ଼ିଶା ବିଧାନ ସଭା ଓ ଲୋକ ସଭାକୁ ପ୍ରତିନିଧିତ୍ୱ କରି ରାଜ୍ୟ ରାଜନୀତି କ୍ଷେତ୍ରରେ ଧରାକୋଟ ପାଇଁ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ବେଳେ ସୁଲକ୍ଷଣା ନିଜେ ବର୍ତ୍ତମାନ ଧରାକୋଟ ପଞ୍ଚାୟତ ସମିତିର ଅଧ୍ୟକ୍ଷା ରହିଛନ୍ତି। ଶୁକ୍ରବାର ଧରାକୋଟ ରାଜବାଟି ପରିସରରେ ନିଜ ରାଜ୍ୟର ସର୍ବକନିଷ୍ଠ ରାଜାଙ୍କୁ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ବ୍ୟାପକ ଆୟୋଜନ କରାଯାଇଛି।

### ■ ପୁଲିସ ଏସଆଇ ନିଯୁକ୍ତିରେ ସ୍ୱଚ୍ଛତା ନେଇ ହାଇକୋର୍ଟରେ ମାମଲା

## ଉଚ୍ଚକମିଟି ତତ୍ତ୍ୱାବଧାନରେ ସମ୍ପନ୍ନ ହେଉ ନିଯୁକ୍ତି ପ୍ରକ୍ରିୟା

କଟକ,୧୩।୧୧(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀର ତଦନ୍ତ ଜାରି ରହିଥିବା ବେଳେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିବା ପ୍ରସଂଗରେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର କରାଯାଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଏହି ମାମଲା ରୁଜୁ ହୋଇଛି। ନିଯୁକ୍ତି ପ୍ରକ୍ରିୟା ନେଇ ସରକାରଙ୍କ ଗତ ୨୦୨୫ସେପ୍ଟେମ୍ବର ୨୨ର ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସେହିଭଳି ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଏହ ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧ୍ୟକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ■ ଅନାଥାଶ୍ରମ ଅନ୍ତେବାସୀଙ୍କୁ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୧୩।୧୧(ସମିସ): କଟକ କଲେଜଛକ ଅଞ୍ଚଳର ଏକ ଅନାଥାଶ୍ରମରେ ରହି ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୋ÷ରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନର ଧାରା ୬ ଓ ଆଇପିସିର ଧାରା ୩୭୬ ଅନୁସାରେ ଅଭିଯୁକ୍ତ ତଥା କଟକ ମାଲଗୋଦାମ ଥାନା ଯୋବ୍ରା ନଦୀକୂଳ ସାହିର ବାସିନ୍ଦା ଅଭିଯୁକ୍ତ ଲୋକନାଥ ଭୋଇ(୨୩)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ଗତ ୨୦୨୪ଜାନୁଆରୀ ୨୯ରେ ନାବାଳିକା ଆଶ୍ରମରୁ ନିକଟସ୍ଥ ଏକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନଥିଲେ। ତେବେ ସେହିଦିନ ବିଳମ୍ବିତ ସଂଧ୍ୟାରେ ପୀଡ଼ିତା ଜଣକ କାନ୍ଦି କାନ୍ଦି ଆଶ୍ରମକୁ ଫେରିବା ସହ ଅଭିଯୁକ୍ତ ଜଣକ ତାକୁ ରେଳଷ୍ଟେସନର ଏକ ଭଗ୍ନ ଗୃହକୁ ନେଇ ଦୁଷ୍କର୍ମ କରିଥିବା ଆଶ୍ରମର ଗୁରୁମାଙ୍କୁ ଜଣାଇଥିଲା। ସମ୍ପୃକ୍ତ ଆଶ୍ରମର ଅଧୀକ୍ଷକ ୨୦୨୪ଜାନୁଆରୀ ୩୦ରେ ଜିଆରପି ଥାନାରେ ଏକ ଏତଲା ଦେଇଥିଲେ। ୨୦୨୪ ମାର୍ଚ୍ଚ୧୯ରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ୨୦୨୪ମାର୍ଚ୍ଚ ୨୦ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୪ ସେପ୍ଟେମ୍ବର ୨୯ ତାରିଖରେ ଚାର୍ଜଫ୍ରେମ କରିଥିଲେ। ତେବେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ଓ ୨୭ଟି ପ୍ରାମାଣିକ ଦସ୍ତାବିଜ ଆଧାରରେ ଆସାମୀକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ନେଇ ରାୟ ଶୁଣାଇଛନ୍ତି ଅଦାଲତ। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେସାଲ ପବ୍ଲିକ୍ ପ୍ରସିକ୍ୟୁଟର ରମେଶଚନ୍ଦ୍ର ମହାନ୍ତି ଓ ବିଶ୍ୱଜିତ ରାୟ।

### ପୂର୍ତ୍ତ ବିଭାଗ ପ୍ରକଳ୍ପର ସମୀକ୍ଷା

## ଏଜି ଛକରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ହେବ ଦୁଇ ଥାକିଆ ରାସ୍ତା

ଭୁବନେଶ୍ୱର,୧୩।୧୧(ସମିସ): ଭୁବନେଶ୍ୱର ଏଜି ଛକରୁ ଟ୍ରାଫିକ୍ ପୋଷ୍ଟ ହଟିବ। ମାଟି ତଳେ ଓ ଉପରେ ୨ ଥାକିଆ ରାସ୍ତା ନିର୍ମାଣ ହେବ। କଳ୍ପନା, ଖଣ୍ଡଗିରି ଓ ଜୟଦେବ ବିହାରରୁ ନାଲ୍‌କୋ ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର୍ ନିର୍ମାଣ କରାଯିବ। ଏଥିପାଇଁ ପୂର୍ତ୍ତ ବିଭାଗ ପ୍ରାରମ୍ଭିକ ଡିପିଆର ପ୍ରସ୍ତୁତ କରିଛି। ଭୁବନେଶ୍ୱର ସହରର ଭିଡ଼ ନିୟନ୍ତ୍ରଣ ପାଇଁ ମାନସମନ୍ୱନ କରି ବିଭାଗ ପକ୍ଷରୁ ଏଭଳି କିଛି ନିଷ୍ପତ୍ତି ହୋଇଛି। ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ବୈଠକ ପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜୟଦେବ ବିହାରଠାରୁ ନନ୍ଦନକାନନରେ ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପଟରେ ସମାନ୍ତରାଳ ରାସ୍ତା ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା, ଏମସ୍‌କୁ ଯାଇଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ଖଣ୍ଡଗିରି-ଜାଗମରା ଏଲିଭେଟେଡ୍ ରାସ୍ତା ଏବଂ କଳ୍ପନା ଛକରେ ଆଧୁନିକ ଏଲିଭେଟେଡ୍ ରାସ୍ତା ସହ ଏଜି ଛକରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ଦୁଇ ଥାକିଆ ରାସ୍ତାର ପରିକଳ୍ପନା କରାଯାଇଛି। ଏନେବୈଠକରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ରାଜ୍ୟର ରାସ୍ତାଘାଟ ଓ ଅନ୍ୟ ଭିତ୍ତିଭୂମିରେ ବିକାଶକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ। ତେଣୁ ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତସିଂପୁର ଜିଲ୍ଲା ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦ୍ୱୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଛି।

ଏଥି ସହିତ ପୁରୀର ବିଭିନ୍ନ ରାସ୍ତା, କୋଠାବାଡ଼ି, ଧର୍ମଶାଳା, ପାଠାଗାର ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିବା ସହ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିବା ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍ ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍ୱାସ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜିଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଛି। ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ସମେତ ବରୁଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## +୨ ଇଣ୍ଟରନାଲ୍ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୧୩।୧୧(ସମିସ): ଡିସେମ୍ବର ୨୨ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପ୍ରସ୍ତୁତି ଆରମ୍ଭ କରିଛି। ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷାକୁ ସୁଚାରୁଭାବେ କରିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷା ଦେବେ। ମୋଟ୍ ୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ କୃତକାର୍ଯ୍ୟ ହେବ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଲଟ୍ ବା ଡିସେମ୍ବର ୨୨ରୁ ୩୧ ମଧ୍ୟରେ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ପ୍ରଦାନ କରାଯିବ। ଜାନୁଆରୀ ୨ରୁ ୧୫ ତାରିଖ ମଧ୍ୟରେ ସେମାନେ ପରୀକ୍ଷା ଦେଇପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କୁ ଫେଲ୍ ଭାବେ ଘୋଷଣା କରାଯିବ। ପରୀକ୍ଷାର ପ୍ରଶ୍ନପତ୍ର ପାଟର୍ଣ୍ଣ ମଧ୍ୟ ସିଏଚ୍‌ଏସ୍‌ଇ ପକ୍ଷରୁ ଜାରି କରାଯାଇଛି। ସୂଚନାଯୋଗ୍ୟ, ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଚଳିତ ବର୍ଷ ନୂତନ ଭାବେ ୮୯ କେନ୍ଦ୍ରରେ ପରୀକ୍ଷା ହେବ। ସମୁଦାୟ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

**୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ ପାସ୍**

## ଫେବୃଆରୀ ୧୭ରୁ ଆଇସିଏସ୍‌ଇ ଓ ୧୨ରୁ ଆଇଏସ୍‌ସି ପରୀକ୍ଷା

ଭୁବନେଶ୍ୱର,୧୩।୧୧(ସମିସ): ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ତାରିଖ ଘୋଷଣା ହୋଇଛି। ଆଇସିଏସ୍‌ଇ ବା ଦଶମ ଶ୍ରେଣୀ ପରୀକ୍ଷା ଫେବ୍ରୁଆରୀ ୧୭ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ତାରିଖ ଯାଏଁ ଚାଲିବ। ସେହିପରି ଆଇଏସ୍‌ସି ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବ୍ରୁଆରୀ ୧୨ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ୍ ୬ ତାରିଖରେ ଶେଷ ହେବ। ଏନେଇ ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ଘୋଷଣା କରାଯାଇଛି। ଦଶମ ଶ୍ରେଣୀରେ ପ୍ରାୟ ୨ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଦ୍ୱାଦଶରେ ପ୍ରାୟ ୧ ଲକ୍ଷ ୫୦ ହଜାର ପିଲା ପରୀକ୍ଷା ଦେବେ। ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ପରୀକ୍ଷା ସୂଚୀ ପ୍ରସ୍ତୁତ କରାଯାଇଥିବା ବୋର୍ଡର ସମ୍ପାଦକ ଡ. ଜୋସେଫ୍ ଇମାନୁଏଲ୍ କହିଛନ୍ତି।

### ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ "କୋହୋର୍ଟ କନେକ୍ଟ' ସମ୍ମିଳନୀ ଉଦ୍‌ଘାଟିତ

## ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର,୧୩।୧୧(ସମିସ): ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିରେ ଲଙ୍ଗିଟ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ- 'କୋହୋର୍ଟ କନେକ୍ଟ'କୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍।

ସୂଚନାଯୋଗ୍ୟ, କୋହୋର୍ଟ ଷ୍ଟଡିଜ୍ ଏପରି ଏକ ଅଧ୍ୟୟନକୁ ବୁଝାଇଥାଏ, ଯେଉଁଥିରେ ସମାନ ବୈଶିଷ୍ଟ୍ୟ ଥିବା ଏକ ଗୋଷ୍ଠୀର ସ୍ୱାସ୍ଥ୍ୟାବସ୍ଥା ଓ ଜୀବନଶୈଳୀକୁ ଅନୁଧ୍ୟାନ କରାଯାଇଥାଏ। ଯାହାଫଳରେ ସେମାନଙ୍କ ଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ବିପଦ କାରକକୁ ଚିହ୍ନଟ କରାଯାଇପାରିବ।





ଆଜିର କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ କୋହୋର୍ଟ ପାଇଁ ରହିଥିବା ସୁଯୋଗ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଭାରତରେ ପାଚନକ୍ରିୟା ସହ ଜଡ଼ିତ ବିକାର ପ୍ରାୟତଃ ପରସ୍ପର ସହ ଯୋଡ଼ି ହୋଇ ରହିଥିବା ସ୍ଥିତି ରୂପରେ ସାମ୍ନାକୁ ଆସିଥାଏ। ଯକ୍ଷ୍ମା ଏବଂ ମଧୁମେହ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି, ସେ କହିଥିଲେ ଯେ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣ ଠାରୁ ଆଗକୁ ବଢ଼ିବାକୁ ପଡ଼ିବ। ଜିନୋମିକ୍ସ ଏବଂ ଜୈବ ଚିକିତ୍ସା ବିଜ୍ଞାନରେ ଭାରତର ବୃଦ୍ଧି ପାଉଥିବା ଶକ୍ତି ଉପରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ। ବଡ଼ ଧରଣର ଜିନୋମ୍ ସିକୋଏନ୍ସିଂ ଏବଂ ହିମୋଫିଲିଆ ପାଇଁ ଦେଶର ପ୍ରଥମ ସ୍ୱଦେଶୀ ନିଦାନଗତ ପରୀକ୍ଷଣ ଭଳି ମାଇଲଖୁଣ୍ଟ ବିଷୟରେ ମଧ୍ୟ ମନ୍ତ୍ରୀ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ପିଆଇ-ଚେକ୍ ପ୍ରଗତି, ମଲ୍ଟି-ଓମିକ୍ସ ଇଣ୍ଟିଗ୍ରେସନ୍, ଡିଜିଟାଲ୍ ସ୍ୱାସ୍ଥ୍ୟ ରେକର୍ଡ ପ୍ରଣାଳୀ, ବାର୍ଦ୍ଧକ୍ୟ ଏବଂ ଡିମେନ୍ସିଆ ଗବେଷଣା, ଜନଜାତି ସ୍ୱାସ୍ଥ୍ୟ କୋହୋର୍ଟ, ମାତୃ ଶିଶୁ ସ୍ୱାସ୍ଥ୍ୟପଦକ୍ଷେପ, କାର୍ଡିଓମେଟାବୋଲିକ୍‌ଅଧ୍ୟୟନ, ଏକ୍ସପୋଜମ୍ ସାଇନ୍ସ ଏବଂ ଭାରତ ପାଇଁ ନିର୍ଦ୍ଦିଷ୍ଟ ବିପଦ ପୂର୍ବାନୁମାନ ମଡେଲ ଉପରେ ଅଧିବେଶନ ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ ସିଏସଆଇଆର-ଆଇଏମଏମଟି ନିର୍ଦ୍ଦେଶ ଡକ୍ଟର ରାମାନୁଜ ନାରାୟଣ ସିଏସଆଇଆର-ଆଇଜିଆଇବି ନିର୍ଦ୍ଦେଶ ଡକ୍ଟର ସୌଭିକ ମାଇତି ପ୍ରମୁଖଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପଦାଧିକାରୀଙ୍କ ସମେତ ସିଏସଆଇଆର ମୁଖ୍ୟାଳୟ ଏବଂ ସହଭାଗୀ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ନୂତନ ଜମି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। କଠିନ ପରିଶ୍ରମ କରିବେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ପିତାମାତା ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।


**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଅଚାନକ ଘରକୁ କୁଣିଆ ଆସିପାରନ୍ତି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୨୨- ବିବିସି, ବ୍ରିଟେନ୍‌ରେ ରେଡିଓ ସେବା ଆରମ୍ଭ କଲା।
- ୧୯୪୮- ଯୁବରାଜ ଚାର୍ଲସ୍‌ଙ୍କ ଜନ୍ମ।
- ୧୯୫୫- କର୍ମଚାରୀ ରାଜ୍ୟ ବୀମା ନିଗମର ଉଦ୍‌ଘାଟନ।
- ୧୯୬୦- ଚେକ୍ ଗଣରାଜ୍ୟର ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବାରୁ ଅତିକମ୍‌ରେ ୧୧୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୬୯- ଆପୋଲୋ-୧୨କୁ ପ୍ରକ୍ଷେପଣ କରାଗଲା।
- ୨୦୦୨- ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ନିଜ ପଦରୁ ଇସ୍ତଫା ଦେଲେ।

## ଶିଶୁଙ୍କ ପାଇଁ ଦିନଟିଏ



ଆଜି ୧୪ ନଭେମ୍ବର, ଶିଶୁ ଦିବସ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନକୁ ଆମେ ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଏ। ନେହରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ। ଏହି କାରଣରୁ ପିଲାମାନେ ତାଙ୍କୁ 'ଚାଚା ନେହରୁ' ବୋଲି ସମ୍ବୋଧନ କରୁଥିଲେ। ଶିଶୁଙ୍କୁ ଭଲ ପାଉଥିବା ପଣ୍ଡିତ ନେହରୁ ତାଙ୍କ ଜନ୍ମଦିନକୁ ଶିଶୁଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ। ଶିଶୁମାନେ ହିଁ ଦେଶର ଭିତ୍ତିଭୂମି ଏବଂ ସେମାନେ ହିଁ ଦେଶର ଭବିଷ୍ୟତ ବୋଲି ସେ ସର୍ବଦା କହୁଥିଲେ। ଦେଶର ଉନ୍ନତି, ପ୍ରଗତି ଦିଗରେ ଶିଶୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନେହେରୁ ମତ ରଖିଥିଲେ। ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପାଳିତ ହୋଇଥାଏ ଏହି ଦିବସ। ଜବାହରଲାଲ ନେହରୁ ଉତ୍ତର ପ୍ରଦେଶର ଆହ୍ଲାବାଦ ସହରରେ ଏକ କଶ୍ମୀର ପଣ୍ଡିତ ପରିବାରରେ ୧୮୮୯ ମସିହା ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପାରାଣୀ ଥିଲା। ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୪ ମସିହା ମଇ ମାସ ୨୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ନେହରୁଙ୍କ ଦେହାନ୍ତ ପରେ ପିଲାଙ୍କ ପ୍ରତି ତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ସଂସଦରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହାପରେ ପ୍ରଥମ ଥର ପାଇଁ ୧୯୬୫ରେ ଶିଶୁ ଦିବସ ପାଳନ କରାଯାଇଥିଲା। ୧୯୬୪ ପୂର୍ବରୁ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିଲା। କାରଣ ମିଳିତ ଜାତିସଂଘ ଦ୍ୱାରା ୧୯୫୪ ମସିହାରେ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ଦେଶର କୋଣଅନୁକୋଣରେ ପଲ୍ଲୀ ଠୁ ଦିଲ୍ଲୀ ସବୁଠି ଶିଶୁଦିବସକୁ ଆନନ୍ଦ ଉତ୍ସାହର ସହ ପାଳନ କରାଯାଏ। ଶିଶୁ ଦିବସ ଅବସରରେ ସ୍କୁଲଗୁଡ଼ିକରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ଏହି ଦିନ ସ୍କୁଲ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଚକଲେଟ୍, ମିଠା ଆଦି ବଣ୍ଟା ଯାଇଥାଏ।

## ରୋବଟିକ୍ ହ୍ୱିଲ୍ ଚେୟାରରେ ପୃଥ୍ୱୀରାଜ

'ଏସ୍‌ଏସ୍‌ଏମ୍‌ବି ୨୯'



ଏସ୍. ଏସ୍ ରାଜମୌଳି ଓ ମହେଶ ବାବୁଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି ୨୯'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ନଭେମ୍ବର ୧୫ରେ ରାମୋଜୀ ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏହି ମେଗା ଇଭେଣ୍ଟ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଫିଲ୍ମ ନିର୍ମାତା ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଲୁକ୍ ସେୟାର୍ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରିଛନ୍ତି। ଏଥିରେ ସୁକୁମାରନ୍ ରୋବଟ୍ ଭଳି ଦେଖାଯାଉଥିବା ଏକ ହ୍ୱିଲଚେୟାର୍‌ରେ ବସିଥିବାର ଦେଖାଯାଇଛନ୍ତି। ସେ କଳା ରଙ୍ଗର ସୁଟ୍ ପିନ୍ଧି କ୍ୟାମେରା ଆଡ଼କୁ ରାଗରେ ଅନାଇଥିବାର ଦେଖାଯାଇଛନ୍ତି। ତେବେ ସେ ଏଥିରେ ଜଣେ ପକ୍ଷାଘାତ ରୋଗୀ ଭଳି ଦେଖାଯାଉଛନ୍ତି। ପୃଥ୍ୱୀରାଜ ଏଥିରେ 'କୁମ୍ଭା' ଚରିତ୍ରରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। କାରଣ ପ୍ରିୟଙ୍କା ଏହି ପୋଷ୍ଟରକୁ ସେୟାର୍ କରି ଲେଖିଛନ୍ତି- 'ଉଠନ୍ତୁ, କୁମ୍ଭାକୁ ଦେଖା କରନ୍ତୁ।' ପୃଥ୍ୱୀରାଜ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ପୋଷ୍ଟର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ହିରୋଭାବେ ମହେଶବାବୁ ଏବଂ ତାଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ଦେଖାଯିବେ।

## ବିଶ୍ୱ ମଧୁମେହ ଦିବସ



ମଧୁମେହ ରୋଗ ବିଷୟରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା, ସଭା ସମିତି ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁମେହ ରୋଗ ପ୍ରତି ଜନସଚେତନତା ସୃଷ୍ଟି କରିବା। ଏହି ରୋଗର ସବୁଠାରୁ ବଡ଼ କାରଣ ହେଉଛି ଖରାପ ଏବଂ ପରିବର୍ତ୍ତିତ ଜୀବନଶୈଳୀ। ମଧୁମେହକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୯୧ ମସିହାରେ ଅନ୍ତର୍ଜାତୀୟ ମଧୁମେହ ଫେଡେରେସନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ମଧୁମେହ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୬ ମସିହାରେ ଏହି ପ୍ରସ୍ତାବ ପାରିତ ହେବା ପରେ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ପାଳନ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି। ଏହାକୁ ସ୍ଲୋ ପଏଜନ୍(ନିରବ ଘାତକ) ବୋଲି ମଧ୍ୟ କୁହାଯାଏ। ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ବ୍ୟାୟାମ ନ କରିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ରୋଗ। ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଭାବେ ପରିଚିତ ମଧୁମେହ। କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହି ରୋଗରେ କବଳିତ ହେଉଛନ୍ତି। ସେହିପରି ୧୮୯୧ ଆଜିର ଦିନ ହେଉଛି ଇନ୍‌ସୁଲିନ୍‌ର ସହ ଆବିଷ୍କାରକ ସାର୍ ଫ୍ରେଡରିକ୍ ବାଣ୍ଟିଙ୍ଗଙ୍କ ଜନ୍ମଦିନ। ମଣିଷ ଶରୀରରେ ଇନ୍‌ସୁଲିନ୍ ପ୍ରୟୋଗ କରିଥିବା ପ୍ରଥମ ବୈଜ୍ଞାନିକ ହେଲେ ବାଣ୍ଟିଙ୍ଗ୍। ରକ୍ତରେ ଗ୍ଳୁକୋଜ୍ ବା ଶର୍କରା ପରିମାଣ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲେ ମଧୁମେହ ରୋଗ ହୋଇଥାଏ। ମଧୁମେହ ସାଧାରଣତଃ ୨ ପ୍ରକାରର। ଟାଇପ୍-୧ ଓ ଟାଇପ୍-୨ ଡାଇବେଟିସ୍। ଟାଇପ୍-୧ ଡାଇବେଟିସ୍ ଶୈଶବ, କିଶୋର ଓ ଆଦ୍ୟ ଯୌବନରେ ମୁଖ୍ୟତଃ ୨୫ ବର୍ଷରେ ହୋଇଥାଏ। ଏ କ୍ଷେତ୍ରରେ ହଠାତ୍ ରୋଗର ଲକ୍ଷଣ ଦେଖାଯାଏ। ସେହିଭଳି ଟାଇପ୍-୨ ଡାଇବେଟିସ୍ ସାଧାରଣତଃ ୪୦ ବର୍ଷ ପରେ ହୋଇଥାଏ। ମଧୁମେହ ବଂଶଗତ ରୋଗ ହୋଇଥିଲେ ହେଁ ଅନିୟମିତ ଜୀବନଶୈଳୀ ଏହି ରୋଗର ମୂଳ କାରଣ। ବଦଳୁଥିବା ଜୀବନ ଶୈଳୀ ଯୋଗୁଁ ଦିନକୁ ଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଧୁମେହ ଦ୍ୱାରା ପୀଡ଼ିତ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗିଥାଏ, କେବଳ ସେତିକି ନୁହେଁ, ଶର୍କରାର ମାତ୍ରା ଅତ୍ୟଧିକ ବଢ଼ିଗଲେ ଏହା ମଣିଷକୁ ମୃତ୍ୟୁ ମୁଖକୁ ଟାଣି ନେଇଥାଏ। ମଧୁମେହ ରୋଗ ପାଇଁ ସର୍ତ୍ତକତା ଅବଲମ୍ବନ କରିବା ନିତ୍ୟାନ୍ତ ଆବଶ୍ୟକ। ବିଶ୍ୱ ମଧୁମେହ ଦିବସ ପାଳନ ଦ୍ୱାରା ଲୋକମାନଙ୍କୁ ମଧୁମେହ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବାର୍ତ୍ତା ଦିଆଯାଇଥାଏ। ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟି ଦେଲେ, ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଲୋକମାନଙ୍କୁ ଏହି ରୋଗ ବାବଦରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ମଧୁମେହ ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ", "Diabetes and Well-being."

## ସଞ୍ଜୀବନୀ


## କେଶ ପ୍ରତିରୋପଣ ପରେ ଯତ୍ନ



**ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କେଶ ଝଡ଼ିବା ଏକ ବଡ଼ ସମସ୍ୟା। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ ଆଦି ଯୋଗୁଁ ଏପରି ହୋଇଥାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତ ଚିକିତ୍ସାର ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଇଥାଏ। ଏହି ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ତେବେ କେଶ ପ୍ରତିରୋପଣ ପରେ କେଶର ସଠିକ୍ ଯତ୍ନ ନେବା ନିହାତି ଆବଶ୍ୟକ।**

- କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୁଅନ୍ତୁନି। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୁଅନ୍ତୁ। ନିଜର ସ୍କିନ୍ ଟାଇପ୍ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବାକୁ ଦିଅନ୍ତୁ।
- କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧନ୍ତୁ। କେଶରେ ହାତ ମାରନ୍ତୁନି। ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି।
- କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।

## ବିରଳ ଅସ୍ତ୍ରୋପଚାର



ଦାନ୍ତବିନ୍ଧା ବା ଦାନ୍ତପୋକ ଖାଇବା ତ ସାଧାରଣ କଥା। ହେଲେ ଆଖିର ତଳ ଭାଗରେ ଦାନ୍ତ ଉଠିବା ଅବିଶ୍ୱସନୀୟ। ଚିକିତ୍ସା କ୍ଷେତ୍ରରେ ଏହି ସ୍ଥିତିକୁ 'ଏକ୍ଟୋପିକ୍ ଟୁଥ୍' ବା ଭୁଲ୍ ସ୍ଥାନରେ ଦାନ୍ତ ଉଠିବା କୁହାଯାଏ। ଏବେ ସୁଦ୍ଧା ଖୁବ୍ କମ୍ ଲୋକଙ୍କ କ୍ଷେତ୍ରରେ ଏହି ମାମଲା ଦେଖିବାକୁ ମିଳିଛି। ଏହି କ୍ରମରେ ପାଟନା, ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆଇଜିଆଇଏମ୍‌ଏସ୍)ର ଦନ୍ତ ବିଭାଗର ଡାକ୍ତରମାନେ ଏହି ଦୁର୍ଲଭ ରୋଗର ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି।

ବିହାରର ୪୫ ବର୍ଷୀୟ ରବି କୁମାରଙ୍କ ଦାନ୍ତରୁ ରକ୍ତ ବାହାରୁଥିଲା। ମୁହଁ ଫୁଲିବା ସହିତ ଦୃଷ୍ଟି ଶକ୍ତି ହ୍ରାସ, ମୁଣ୍ଡ ବିନ୍ଧା ହୋଇଥିଲା। ସ୍ଥିତି ଜଟିଳ ହେବାରୁ ସେ ଦୈନନ୍ଦିକ କାମ କରିପାରିନଥିଲେ। ହସ୍‌ପିଟାଲରେ ତାଙ୍କର ସିବିସିଟି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ତାଙ୍କ ଆଖି ତଳେ ଏକ ଦାନ୍ତ ମିଳିଥିଲା। ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଏବଂ ରେଡିଓଲୋଜି ବିଭାଗର ପ୍ରମୁଖ ଡାକ୍ତର ନିମ୍ମି ସିଂହଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଡାକ୍ତରୀଦଳ ସାବଧାନ ସହିତ ଘଣ୍ଟା ଘଣ୍ଟା ଧରି ଅସ୍ତ୍ରୋପଚାର ଜରିଆରେ ଆଖି ତଳେ ଫସି ରହିଥିବା ଦାନ୍ତକୁ ବାହାରକୁ କାଢ଼ିଥିଲେ। ଅସ୍ତ୍ରୋପଚାର ପରେ ବ୍ୟକ୍ତିଙ୍କ ମୁହଁ ଫୁଲା କମ୍ ହେବା ସହିତ ଆଖିକୁ ସ୍ପଷ୍ଟ ଦେଖାଯାଇଥିଲା।

## ଚକ୍ଷୁରେ ମଧୁମେହର ପ୍ରଭାବ ଓ ପ୍ରତିକାର

ଡା. ସଂଘମିତ୍ରା କାନୁନ୍‌ଗୋ



ବର୍ତ୍ତମାନ ମଧୁମେହ ବହୁଳ ଭାବେ ଦେଖାଯାଉଛି। ଆନ୍ତର୍ଜାତୀୟ ଡାଇବେଟିସ୍ ଫେଡେରେସନ (୨୦୨୫) ର ନୂତନ ତଥ୍ୟ ଅନୁଯାୟୀ ୯ଜଣରୁ ଜଣେ ମଧୁମେହରେ ପୀଡ଼ିତ। ପ୍ରତି ୧୦ଜଣରୁ ୪ଜଣ ମଧୁମେହ ରୋଗୀ ଏହି ରୋଗରେ ପୀଡ଼ିତ ଥିବା ଜାଣି ନାହାଁନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପ୍ରାୟତଃ ୫୮୯ ମିଲିୟନ୍ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି, ୨୦୫୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ ୪୬% ବୃଦ୍ଧି ପାଇ ୮୫୩ ମିଲିୟନ ପର୍ଯ୍ୟନ୍ତ ପହଞ୍ଚିବ। ଚିନ୍ତାର ବିଷୟ, ପ୍ରତି ୫ ଜଣ ବୟସ୍କଙ୍କ ମଧ୍ୟରୁ ୪ ଜଣ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ବାସ କରନ୍ତି। ଅଧିକାଂଶ ଲୋକଙ୍କର ରୋଗ ନିର୍ଣ୍ଣୟ କରାଯାଇନଥାଏ। ଭାରତରେ ମଧୁମେହ ଏକ ସଙ୍କଟ ଭାବେ ଉଭା ହୋଇଛି, ଯେଉଁଥିରେ ପ୍ରାୟ ୧୦୧ ନିୟୁତ ଲୋକ ପୀଡ଼ିତ ଅଛନ୍ତି ଏବଂ ୧୩୨ ନିୟୁତ ଲୋକ ପ୍ରି –ଡାଇବେଟିସ୍‌ରେ ପୀଡ଼ିତ। ମଧୁମେହ ସହିତ ଡାଇବେଟିକ୍ ରେଟିନୋପାଥି ବି ବୃଦ୍ଧି ପାଉଛି। ଡାଇବେଟିକ୍ ରେଟିନୋପାଥି ହେଉଛି ମଧୁମେହ ରୋଗର ଏକ ଅଣୁ ରକ୍ତକାରୀ ଜଟିଳତା। ଏହା ଆଖିର ରେଟିନାକୁ ପ୍ରଭାବିତ କରେ। ବିଶ୍ୱବ୍ୟାପୀ ବୟସ୍କଙ୍କ କ୍ଷେତ୍ରରେ ଏହା ନିବାରଣ ଯୋଗ୍ୟ ଦୃଷ୍ଟିହୀନର ମୂଳ କାରଣ। ଏହି ରୋଗ ଦୀର୍ଘକାଳୀନ ଉଚ୍ଚ ରକ୍ତ ଶର୍କରା ଦ୍ୱାରା ହୁଏ। ରେଟିନାର କ୍ୟାପିଲାରୀକୁ ଧୀରେ ଧୀରେ କ୍ଷତିଗ୍ରସ୍ତ କରେ। ବିଶ୍ୱର ପାଖାପାଖି ୪୫% ମଧୁମେହ ରୋଗୀଙ୍କୁ ଏହା ପ୍ରଭାବିତ କରେ। ମଧୁମେହର ଅବଧି, ରକ୍ତ ଶର୍କରା ଅନିୟନ୍ତ୍ରଣ, ଉଚ୍ଚ ରକ୍ତ ଚାପ, ଅସାଧାରଣ ଲିପିଡସ୍ତର ଓ ନେଫ୍ରୋ–ପାଥି ଏହି ରୋଗ ବଢ଼ାଇବାର ମୁଖ୍ୟ କାରଣ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଦୀର୍ଘ କାଳୀନ ରକ୍ତ ଶର୍କରା ଯୋଗୁ ରେଟିନାକୁ ଅମ୍ଳଜାନ ଯୋଗାଇବାରେ ବାଧା ସୃଷ୍ଟି କରେ। ଯାହା ଦ୍ୱାରା ନୂତନ ରକ୍ତ ନଳୀ ଗଠନ ହୋଇଥାଏ। ଏଥିରେ ରେଟିନାର ପୀତବିନ୍ଦୁ ଫୁଲିବା ଓ ରକ୍ତସ୍ରାବକୁ ବଢ଼ାଏ।

ମଧୁମେହ ରୋଗ ଯୋଗୁ ଆଖିର ପ୍ରଭାବକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ନନ୍ ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି ଏବଂ ଅନ୍ୟଟି ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି।

ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ। ପରବର୍ତ୍ତୀ ସମୟରେ ଝାପସା ଦିଶିବା, ଆଖି ସାମ୍ନାରେ କଳା ଛାଇ ଭାସି ଉଠିବା, ହଠାତ୍ ଦୃଷ୍ଟିଶକ୍ତି ଚାଲିଯିବା, ମଝିରେ ମଝିରେ ବିଜୁଳି ମାରିଲା ଭଳି ଲାଗିବା ଆଦି ଲକ୍ଷଣ ଦେଖାଯାଏ।

- ଏହି ରୋଗରେ ପୀଡ଼ିତ ବ୍ୟକ୍ତି ବର୍ଷରେ ଥରେ ଚକ୍ଷୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ। ରକ୍ତଶର୍କରାକୁ ନିୟନ୍ତ୍ରଣ ରଖିବା, ରକ୍ତଚାପ, କୋଲେଷ୍ଟ୍ରଲ, ବୃକ୍କର କାର୍ଯ୍ୟକ୍ଷମତା ଅବସ୍ଥାକୁ ନିୟମିତ ପରୀକ୍ଷା କରିବା ଜରୁରି।
- ଗର୍ଭାବସ୍ଥାରେ ଏହି ରୋଗର ଗତି ବଢ଼ିଯାଉଥିବାରୁ କଡ଼ା ନିରୀକ୍ଷଣ ନିତାନ୍ତ ଆବଶ୍ୟକ। ସେହିପରି ଏଆଇ ଆଧାରିତ ରେଟିନା ସ୍କ୍ରିନିଂ ପ୍ରଣାଳୀ ବ୍ୟବହାର କରି ରୋଗର ଚିହ୍ନଟ କରିବା ଉଚିତ। ଡାଇବେଟିକ୍ ରେଟିନୋପାଥିର ଗତିକୁ ଧୀର କରିବା ତଥା ଦୃଷ୍ଟିଶକ୍ତି ନ ହରାଇବାକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
- ଦୃଷ୍ଟିର ଫଳାଫଳ କୋମାରବିଡିଟି ରୋଗର ନିୟନ୍ତ୍ରଣ ଏବଂ ରେଟିନାର ପ୍ରଭାବ ଉପରେ ନିର୍ଭର କରେ। ରୋଗର ଲକ୍ଷଣ ଦେଖାଯିବା ପୂର୍ବରୁ ନିୟମିତ ଚକ୍ଷୁ ପରୀକ୍ଷା କରିବା ଦରକାର।
- ଆଧୁନିକ ଚିକିତ୍ସା ପ୍ରଣାଳୀରେ ଓସିଟି, ଆଞ୍ଜିଓଗ୍ରାଫି କରିବା ଦରକାର। ଚକ୍ଷୁ ଭିତରେ ଷ୍ଟେରଏଡ ଇଞ୍ଜେକସନ୍ ଏବଂ ଆଣ୍ଟି ଭିଜିଏଫ୍ ଦେଇ ଚିକିତ୍ସା କରାଯାଏ।
- ଟେଲି ଅଫ୍‌ଥାଲମୋଲୋଜିରେ ରୋଗର ନିରୂପଣ ଏବଂ ଚିକିତ୍ସା ପାଇଁ ଉପଦେଶ ଦେଇହେବ।

କନ୍‌ସଲଟାଣ୍ଟ ଭିଟ୍ରିଓ ରେଟିନା
କର ଭିଜନ ଆଇ ହସ୍‌ପିଟାଲ୍, ଭୁବନେଶ୍ୱର

## ପ୍ରଦୂଷିତ ପରିବେଶରେ ଶିଶୁଙ୍କ ପ୍ରତି ଯତ୍ନ

**ଜଳବାୟୁ ପରିବର୍ତ୍ତନ, କଳକାରଖାନାରୁ ନିର୍ଗତ ଧୂଆଁ ଆଦି କାରଣରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜ୍‌ମା ରୋଗୀ, ଶିଶୁଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡ଼ୁଛି। ତେଣୁ ଏହି ସମୟରେ ସେମାନଙ୍କ ଯତ୍ନ କିପରି ନେବେ ଜାଣନ୍ତୁ।**

ପ୍ରଦୂଷିତ ବାୟୁରେ ଥିବା ଅତ୍ୟଧିକ ଛୋଟ କଣିକା ପିଏମ୍ ୨.୫ ମାତ୍ରା ବଢ଼ିଗଲେ, ଏହା ନାକ ବାଟେ ଛାତିକୁ ଯାଇ ରକ୍ତରେ ମିଶିଯାଇଥାଏ। ବୃକ୍କ, ହୃତ୍‌ପିଣ୍ଡ, ଯକୃତ, ଚର୍ମ ଉପରେ ପ୍ରଭାବ ପକାଇବା ସହ ଶ୍ୱାସସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରେ।

**ଆଜ୍‌ମା ପ୍ରତି ଯତ୍ନବାନ ଜରୁରି:** ଆଜ୍‌ମା ଏକ ଫୁସ୍‌ଫୁସ୍‌ଜନିତ ରୋଗ। ଏହି ରୋଗରେ ଫୁସ୍‌ଫୁସ୍‌ର କାର୍ଯ୍ୟଧାରା ପ୍ରଭାବିତ ହୁଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୁଏ। ତେଣୁ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ବାରମ୍ବାର ଛିଙ୍କିଲେ, ଶ୍ୱାସକ୍ରିୟାରେ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଔଷଧ ସେବନ କରନ୍ତୁ। ସର୍ବଦା ପାଖରେ ଇନ୍‌ହେଲର ରଖନ୍ତୁ। ବାମ୍ପ ନେଇପାରିବେ। ଏନ୍୯୫ ମାସ୍କ ପିନ୍ଧି ପାରିବେ।

**ପିଲାଙ୍କ ଯତ୍ନ:** ବାୟୁ ପ୍ରଦୂଷଣ ଯୋଗୁ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୁଏ। ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ ଏବଂ ରୋପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ। ପିଲାଙ୍କୁ ଆଜ୍‌ମା, ବ୍ରୋଙ୍କାଇଟିସ୍, ବାରମ୍ବାର ଥଣ୍ଡା, ଜ୍ୱର, ଚିନ୍ତା ଚିଡ଼ିଚିଡ଼ାପଣ ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ପ୍ରଦୂଷଣରୁ ଦୂରେଇ ରଖିବାକୁ ବାହାରକୁ ମାସ୍କ ପିନ୍ଧାଇ ଛାଡ଼ନ୍ତୁ। ପିଲାଙ୍କ ପାଖରେ ଧୂମପାନ ନ କରିବା ଆବଶ୍ୟକ। ପର୍ଯ୍ୟାପ୍ତ ମାତ୍ରାରେ ପାଣି, ପଇଡ଼, ସୁପ ଆଦି ତରଳ ପଦାର୍ଥ ଦେଇପାରିବେ। ଖାଦ୍ୟରେ ଭିଟାମିନ୍-ସି ଓ ଇ, ଫଳ, ସବୁଜ ପରିବା ଆଦି ସାମିଲ କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ।



# ଏସୀୟ ତୀରନ୍ଦାଜୀ: ଜ୍ୟୋତିଙ୍କୁ ୨ ସ୍ୱର୍ଣ୍ଣ

ଢାକା, ୧୩।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଗୁରୁବାର




ଭାରତୀୟ ଦଳ ୪ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଜ୍ୟୋତି ସୁରେଖା ୧୪୭-୧୪୫ ସ୍କୋରରେ ସାଥୀ ଭାରତୀୟ ତୀରନ୍ଦାଜ ପ୍ରୀତିକା ପ୍ରଦୀପଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ପ୍ରଥମେଶ, ସାହିଲ ଯାଦବ ଓ ଅଭିଷେକ ବର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ଟିମ୍ ଇଭେଣ୍ଟର ଫାଇନାଲରେ କାଜାଖସ୍ତାନ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ମହିଳା ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୬-୨୩୪ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ଜ୍ୟୋତି, ପ୍ରୀତିକା ଓ ଦୀପଶିଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଥିଲେ। ଭାରତ ଏହାର ୩ୟ ସ୍ୱର୍ଣ୍ଣପଦକ ମିକ୍ସଡ ଟିମ୍ ଇଭେଣ୍ଟରେ ବିଜୟୀ ହୋଇଥିଲା। ଅଭିଷେକ ଓ ଦୀପଶିଖାଙ୍କ ଯୋଡ଼ି ୧୫୩-୧୫୧ ସ୍କୋରରେ ବାଂଲାଦେଶକୁ ହରାଇ ଚାମ୍ପିଅନ ହୋଇଥିଲା।

# ଓମ୍‌ଙ୍କ ଶତକ; ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୩।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍-ଏ



ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଭଦୋଦରାର ଦର୍ଶନମ ଏକାଡେମୀରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ଓପନର ବିଶେଷ ଦତ୍ତ (୯୪ ରନ) ଓ ଅଧିନାୟକ ରାଜନ ଦୀପ୍ (୪୯)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୧ ରନ କରିଥିଲା। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା ୩ ଓ ପାନକଲ ଶଶାଙ୍କ ୨ଟି

**ଷ୍ଟେଟ୍-ଏ ଟ୍ରଫି**

ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ଇନିଂସର ପ୍ରଥମ ୩ଟି ବଲ୍‌ରେ ପାନକଲ ଓ ଆୟୁଷ ବାରିକଙ୍କ ୱିକେଟ୍ ହରାଇଥିଲା। ତେବେ ତଥା ଅଧିନାୟକ ଓମ୍ ଟି ମୁଣ୍ଡେଙ୍କ ଦମ୍‌ଦାର ଶତକୀୟ ଇନିଂସ ବଳରେ ଦଳ ୧୦ଟି ବଲ୍ ପୂର୍ବରୁ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓମ୍ ୮ ଚୌକା ଓ ଗୋଟିଏ ଛକା ବଳରେ ୧୧୬ ବଲରୁ ୧୦୭ ରନ କରିଥିଲେ। ସୌମ୍ୟ ମଧ୍ୟ ୧୯ ବଲରେ ଅପରାଜିତ ୪୦ ରନର ଇନିଂସ ଖେଳି ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

## ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ସ୍ପିନର ନେବେ ନିର୍ଣ୍ଣାୟକ ଭୂମିକା: ଗିଲ୍

କୋଲକାତା,୧୩।୧୧(ଏଜେନ୍ସି):

ଘରୋଇ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କୋଲକାତାର ପ୍ରସିଦ୍ଧ ଇଡେନ୍ ଗାର୍ଡେନ୍ସରେ ଏହି ମୁକାବିଲା ଶୁକ୍ରବାରରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହେବ। ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏବେ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ ଭାବେ ଏହି ସିରିଜ୍ ଖେଳିବ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିବା ଭାରତ ଦକ୍ଷିଣ ଆଫ୍ରିକାକୁ ପୁଣିଥରେ ହରାଇ ସିରିଜ୍ କବଜା କରିବ ବୋଲି ଆଶା ରଖିଛି। ଭାରତରେ ୨୦୦୧ ପରଠାରୁ ଦକ୍ଷିଣ ଆଫ୍ରିକା ୫ଟି ସିରିଜ୍ ଖେଳିବାକୁ ଆସିଥିଲେ ମଧ୍ୟ ମାତ୍ର ୨ଟି ଟେଷ୍ଟରେ ବିଜୟୀ ହୋଇଛି। ଏହି ଦଳର କୋଚ୍ ଶୁକରି କନରାଡଙ୍କ ମତରେ ଆମେ ଏଥର ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି। ଏହାର ଅର୍ଥ ବିଶ୍ୱଚାମ୍ପିଅନ ଦକ୍ଷିଣ ଆଫ୍ରିକା ୧୯୯୭-୯୮ ପରେ ପ୍ରଥମଥର ଭାରତରେ ଟେଷ୍ଟ ସିରିଜ୍ ଜିତିବ ବୋଲି କନରାଡ୍ ପରୋକ୍ଷାରେ ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ମୁକାବିଲା ଲାଗି ଭାରତ ଜୋରଦାର ପ୍ରସ୍ତୁତି କରିଛି ଓ କୌଣସି ପରିସ୍ଥିତିରେ ସିରିଜ୍ ହାତଛଡ଼ା କରିବ ନାହିଁ ବୋଲି ଆଶା ରଖିଛି।

ଖେଳ ଆରମ୍ଭ ପୂର୍ବରୁ ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ କହିଛନ୍ତି, ଏହି ଟେଷ୍ଟର ଫଳାଫଳରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ନେବେ। ଏହା ଅର୍ଥ ସ୍ପଷ୍ଟ ଯେ ଭାରତ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନରଙ୍କୁ ଖେଳିବାର ସୁଯୋଗ ଦେବ। ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ କିମ୍ବା ଅକ୍ଷର ପଟେଲ ଖେଳିବେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦକ୍ଷିଣ ଆଫ୍ରିକା-ଏ' ସହ ଦିନିକିଆ ଖେଳିବାକୁ ଛାଡ଼ି ଦେଇଥିବାରୁ ଧ୍ରୁବ ଜୁରେଲଙ୍କୁ ଜଣେ ବ୍ୟାଟର ଭାବେ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି।



**ଖେଳ ଆରମ୍ଭ : ସକାଳ ୯.୩୦**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅବଶ୍ୟ ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଶେଟ ପୂର୍ବରୁ ଏହି ସୂଚନା ଦେଇଥିଲେ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପେସ୍ ବୋଲରଭାବେ ଖେଳିବେ। ବ୍ୟାଟିଂରେ ଦଳ ଚୟନ ନେଇ କିଛି ଅସୁବିଧା ନାହିଁ। ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୩, ୪, ୫ ଓ ୬ରେ ଯଥାକ୍ରମେ ସାଇ ସୁଦର୍ଶନ, ଅଧିନାୟକ ଶୁବମନ ଗିଲ୍, ଦୁଇ ୱିକେଟରକ୍ଷକ ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ସିରିଜ୍‌ରେ ଭଲ ଖେଳିବାକୁ ଦୃଢ଼ ଆଶା ପୋଷଣ କରିଛି। ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହୋଇଥିବା ଏହି ଭ୍ରମଣକାରୀ ଦଳ ପାକିସ୍ତାନ ସହ ୧-୧ରେ ମ୍ୟାଚ୍ ଡ୍ର ରଖି ଲଢ଼ୁଆ ଖେଳିଛି। ଦଳରେ ୩ଜଣ ଭଲ ସ୍ପିନର କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର ରହିଛନ୍ତି। ଏହି ଦଳରେ କେହି ନବାଗତ ଖେଳାଳି ନ ଥିଲେ ମଧ୍ୟ ସମସ୍ତେ ଅଭିଜ୍ଞ ହୋଇ ଏଠାରେ ଲଢ଼େଇ କରିବାକୁ ଆସିଛନ୍ତି। ଭାରତୀୟ ପିଚ୍ ଓ ଖେଳାଳିଙ୍କ ସମ୍ପର୍କରେ ଏହି ଦଳର ବେଶ ଭଲ ଅଭିଜ୍ଞତା ରହିଛି।

ଉଭୟ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ଦକ୍ଷିଣ ଆଫ୍ରିକା କୋଚ୍ ଶୁକରି କନରାଡ ଏଠାରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ଆଶା କରୁଛନ୍ତି। କିନ୍ତୁ ଏମାନେ ଖେଳର ତୃତୀୟ ଦିନରେ ପ୍ରଭାବ ପକାଇପାରିବେ। ପ୍ରଥମ ଦୁଇଦିନ କିନ୍ତୁ ପେସ୍ ବୋଲରଙ୍କ ଦବ୍‌ଦବା ରହିବ। ଭାରତରେ ଦକ୍ଷିଣ ଆଫ୍ରିକା ଗତ ୭ଟି ଟେଷ୍ଟରେ ଟସ୍ ଜିତିନାହିଁ। ଅଧିନାୟକ ଗିଲ୍ ୭ଟି ଟେଷ୍ଟରୁ ମାତ୍ର ଗୋଟିକରେ ଟସ୍ ଜିତିଛନ୍ତି। ଏଠାରେ ଟସ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଦଳର ପ୍ରଦର୍ଶନରୁ ଫଳାଫଳ ବାହାରିବା ନିର୍ଭର କରୁଛି।

### ସମ୍ଭାବ୍ୟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ।

ରିଜର୍ଭ- ଦେବଦତ୍ତ ପାଡିକଲ, ଅକ୍ଷର ପଟେଲ, ଆକାଶଦୀପ୍

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାରକ୍ରମ, ରିୟାନ ରିକେଟଲନ, ଟ୍ରିଷ୍ଟାନ ଷ୍ଟବ୍‌ସ, ଟୋନି ଡି ଜୋର୍ଜି, ତେମ୍ବା ବଭୂମା (ଅଧିନାୟକ), କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

ରିଜର୍ଭ- ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର

■ ଆଇପିଏଲ୍-୧୯

# ଡିସେମ୍ବର ୧୬ ଆବୁଧାବିରେ ନିଲାମ

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଇପିଏଲର ଆଗାମୀ ୧୯ତମ ସଂସ୍କରଣ ଲାଗି ଖେଳାଳି ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ଅନୁଷ୍ଠିତ ହେବ ଓ ଏହା ଗୋଟିଏ ଦିନରେ ଶେଷ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ସମସ୍ତ ୧୦ଟି ଫ୍ରାଞ୍ଚାଇଜ ସେମାନଙ୍କ ଚୂଡ଼ାନ୍ତ ଟିମ୍ ଏହି ନିଲାମୀ ଜରିଆରେ ଫାଇନାଲ କରିବେ। ନଭେମ୍ବର ୧୫ ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜକୁ ସେମାନଙ୍କ ଚୂଡ଼ାନ୍ତ ରିଟେନସନ ତାଲିକା ପ୍ରଦାନ କରିବାକୁ କୁହାଯାଇଛି।

# ଭାରତ-ଏ ବିଜୟୀ

ରାଜକୋଟ, ୧୩।୧୧ (ଏଜେନ୍ସି): ଓପନର ଋତୁରାଜ ଗାଏକ୍ୱାଡଙ୍କ ୧୧୭ ସହାୟତାରେ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଦିନିକିଆରେ ଭାରତ-ଏ' ୪ ୱିକେଟ୍‌ରେ ଦ.ଆଫ୍ରିକା-ଏ'କୁ ପରାସ୍ତ କରିଛି। ରବିବାର ଦ୍ୱିତୀୟ ମ୍ୟାଚ୍ ଏଠାରେ ଖେଳାଯିବ।

# ଏମ୍‌ଆଇରେ ଶାର୍ଦ୍ଦୁଳ

ମୁମ୍ବଇ, ୧୩।୧୧ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ଶାର୍ଦ୍ଦୁଳ ଠାକୁରଙ୍କୁ ୨ କୋଟି ଓ ଗୁଜରାଟ ଟାଇଟାନ୍ସର ଶେରଫାନ ରଦରଫୋର୍ଡଙ୍କୁ ୨.୬ କୋଟି ଟଙ୍କା ବିନିମୟରେ ମୁମ୍ବଇ ଇଣ୍ଡିଆନ୍ସ (ଏମ୍‌ଆଇ) ଦଳରେ ଟ୍ରେଡ୍ ଡିଲ୍ ମାଧ୍ୟମରେ ସାମିଲ କରିଛି। ଏହା ମଧ୍ୟରେ ଲକ୍ଷ୍ନୌର ଶାର୍ଦ୍ଦୁଳ ଠାକୁରଙ୍କୁ ମୁମ୍ବଇ ଇଣ୍ଡିଆନ୍ସ ୨ କୋଟି ଟଙ୍କାରେ ଟ୍ରେଡ୍ ଡିଲ୍ ମାଧ୍ୟମରେ କିଣିନେଇଛି।

**ରାଜ୍ୟସ୍ତରୀୟ ଶବର କପ ଫୁଟବଲ**

# ସେମିରେ ବୌଦ୍ଧର ଗେହ୍ଲା କ୍ଲବ୍




ଯାଁଳା, ୧୩।୧୧(ସମିସ): ବୌଦ୍ଧର ଗେହ୍ଲା କ୍ଲବ୍ ରାଧାଚରଣପୁର ଖେଳ ପଡିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଢେଙ୍କାନାଳର ପପୁଲାର କ୍ଲବ ଓ ଗେଲ୍ଲା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଗେଲ୍ଲା ୪-୧ ଟାଇବ୍ରେକର ଗୋଲରେ ଜଟଣୀର ଫ୍ରେଣ୍ଡସ୍ ପାଇଡାଇଜ କ୍ଲବ୍‌କୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଦଳ କାହାରିକୁ ଗୋଲ ଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ସମୟରେ ଜଟଣୀ ଦଳ ଗୋଲ ଦେଇ ଦଳକୁ ୧-୦ ରେ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ୪୫ ମିନିଟ ସମୟରେ ଗେହ୍ଲା କ୍ଲବ୍ ଗୋଲକୁ ଶୁଝାଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧-୧ ଗୋଲ ଦେଇ ବରାବର ସ୍ଥିତିରେ ରଖିବାରୁ ଫଏସଲା ପାଇଁ ଟାଇବେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ଗେଲ୍ଲା କ୍ଲବ ବୌଦ୍ଧ ୪-୧ ଗୋଲରେ ବ୍ୟବଧାନରେ ବିଜୟୀ ହୋଇଥିଲା।

# ଆଜିଠାରୁ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର,୧୩।୧୧(ସମିସ):


ଓଡ଼ିଶା ଚେସ୍ ଇତିହାସରେ ଆସନ୍ତାକାଲିଠାରୁ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ପେସାଦାର ଚେସ୍ ଖେଳରେ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜଧାନୀର ହୋଟେଲ ଲାଇଫ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ୧୧ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ୧୨ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ନିଲାମ ମାଧ୍ୟମରେ ଚୟନ କରାଯାଇଛି। ସେଗୁଡିକ ହେଲା- ଚୋଲ ଚାମ୍ପିଅନ୍ସ, କଳିଙ୍ଗ ୱାରିୟର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଗୋଲକୁଣ୍ଡା ଗାଡିଆନ୍ସ, ମହାନଦୀ ଫାଲକନ୍ସ,




ବାରବାଟୀ ବ୍ୟାଟଲର୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଅମ୍ବର ଆଭେଞ୍ଜର୍ସ, ନାଳନ୍ଦା ନାଇଟ୍‌ସ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍‌ସ, କୋଣାର୍କ କିଙ୍ଗ୍‌ସ ଏବଂ ଏଲୋରା ଏଲାଇଟ୍ସ। ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଏଥିରେ ଜଣେ ଗ୍ରାଣ୍ଡ ମାଷ୍ଟର ଦୀପ୍ତାୟନ ଘୋଷ (ରେଟିଂ-୨୫୭୩-ନାଳନ୍ଦା ନାଇଟ୍ସ) ଖେଳୁଛନ୍ତି। ତାଙ୍କ ବ୍ୟତୀତ ୧୪ ଜଣ ଆଇଏମ୍ ବା ଇଣ୍ଟରନ୍ୟାସନାଲ ମାଷ୍ଟର, ୧୬ ଜଣ ମହିଳା ଖେଳାଳି ଅଛନ୍ତି। ଜଣେ ଖେଳାଳିଙ୍କୁ ରଖିବା ବାଧ୍ୟତାମୂଳକ ହୋଇଥିଲାବେଳେ ଏଲୋରା ଲାଇଟ୍‌ସ ସର୍ବାଧିକ ୩ଜଣ, ଅମ୍ବର ଆଭେଞ୍ଜର୍ସ ଓ ନାଳନ୍ଦା ନାଇଟ୍‌ସରେ ୨ଜଣ ଲେଖାଏଁ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଦଳରେ ମୋଟ ୮ଜଣ ଖେଳାଳି ଥିଲାବେଳେ ୬ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିବ।

ଜିଏମ୍ ଦୀପ୍ତାୟନ ଘୋଷଙ୍କ ଫିଡେ ରେଟିଂ ସର୍ବାଧିକ ୨୫୭୩ ଥିଲାବେଳେ ୪ଜଣ ଖେଳାଳିଙ୍କ ରେଟିଂ ୨୪୦୦ରୁ ଅଧିକ ରହିଛି। ସେମାନେ ହେଲେ ରବି ତେଜା, ଆରାଧ ଗର୍ଗ, ମୟଙ୍କ ଚୌଧୁରୀ ଓ ନୀତୀଶ ବେଲୁରକାର। ଓଡ଼ିଶାର ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (ରେଟିଂ ୨୩୯୪- ରାଜଧାନୀ ଚ୍ୟାଲେଞ୍ଜର୍ସ), ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ ୨୩୬୪- ମହାନଦୀ ଫାଲକନ୍ସ), ପ୍ରିଅଂଶ ଦାସ (ରେଟିଂ- ୨୩୧୨) ଓ ଏଫ୍‌ଏମ୍ ସୌମ୍ୟରଞ୍ଜନ ମିଶ୍ର (ଅମ୍ବର ଆଭେଞ୍ଜର୍ସ), ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ଯଶିତା ରାଉତ (କୋଣାର୍କ କିଙ୍ଗ୍‌ସ) ଓ ସିଏମ୍ ଅପରାଜିତତା ଗୋଛିକାର (ଅମ୍ବର ଆଭେଞ୍ଜର୍ସ) ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ୧୭୭୧ ଥିଲାବେଳେ ଚୋଲା ଚାମ୍ପିଅନ୍ସର ଟିମ୍ ରେଟିଂ ସର୍ବାଧିକ ୨୨୭୦ ରହିଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିଙ୍କ ହାରହାରି ବୟସ ୨୧ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାର ପେସାଦାର ଚେସ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ କହିଛନ୍ତି। ଭଞ୍ଜ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଆଇଏ ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଓ ଆଇଏ ତାପସ କୁମାର ମହାନ୍ତି ଡେପୁଟି ଚିଫ୍ ଆର୍ବିଟର ଭାବେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS